୬
e-paper www.sambadkalika.in
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୩ ● ସଂଖ୍ୟା–୮୭ ● ୨୭ ଅପ୍ରେଲ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-87 ● 27th April 2026, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27



ସାଇ ସୁଦର୍ଶନଙ୍କ ବିସ୍ଫୋରକ ବ୍ୟାଟିଂ
ଚେନ୍ନାଇକୁ ୮ ୱିକେଟ୍‌ରେ ହରାଇଲା ଗୁଜୁରାଟ

## ମନ୍ କି ବାତ୍

# ‘ପବନ ଶକ୍ତି ଦେଶର ବିକାଶରେ ଏକ ନୂତନ କାହାଣୀ ଲେଖୁଛି’

**ନୂଆଦିଲ୍ଲୀ,୨୬।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ‘ମନ୍ କି ବାତ’ କାର୍ଯ୍ୟକ୍ରମର ୧୩୩ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିଜ୍ଞାନ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବା ସହ ଆଜିର ଯୁବପିଢ଼ିଙ୍କ ଭବିଷ୍ୟତ ସହିତ ଜଡ଼ିତ ଅନେକ ପ୍ରେରଣାଦାୟକ ବାର୍ତ୍ତା ଦେଇଛନ୍ତି।

‘ମନ କି ବାତ୍’ର ୧୩୩ତମ ଏପିସୋଡ୍‌ରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ‘ନିର୍ବାଚନର ବ୍ୟସ୍ତତା ମଧ୍ୟରେ ଆପଣଙ୍କ ବାର୍ତ୍ତା ଏବଂ ଚିଠି ମାଧ୍ୟମରେ ଆମେ ଦେଶର ଲୋକଙ୍କ ସଫଳତାରେ ଆମର ଆନନ୍ଦ ବାଣ୍ଟିଛୁ। ଏଥର ଆସନ୍ତୁ ଦେଶର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ସହିତ ‘ମନ କି ବାତ୍’ ଆରମ୍ଭ କରିବା। ଭାରତ ସର୍ବଦା ବିଜ୍ଞାନକୁ ଦେଶର ପ୍ରଗତି ସହିତ ଯୋଡ଼ିଛି। ଏହି ଦୃଷ୍ଟିକୋଣ ସହିତ ଆମର ବୈଜ୍ଞାନିକମାନେ ମହାକାଶ



କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଉଛନ୍ତି। ସେମାନଙ୍କ ପ୍ରୟାସ ଯୋଗୁଁ ଏହି କାର୍ଯ୍ୟକ୍ରମ ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି,‘କିଛି ଦିନ ପୂର୍ବେ ଆମର ପରମାଣୁ ବୈଜ୍ଞାନିକମାନେ ଆଉ ଏକ ବଡ଼ ସଫଳତା ସହିତ ଭାରତକୁ ଗର୍ବିତ କରିଥିଲେ। ତାମିଲନାଡୁର କଳ୍ପକ୍କମରେ ଥିବା ଫାଷ୍ଟ ବ୍ରିଡର୍ ରିଆକ୍ଟର ଗୁରୁତ୍ୱପୂର୍ଣ୍ଣତା ହାସଲ କରିଛି। ଏହି ପର୍ଯ୍ୟାୟ ରିଆକ୍ଟରର କାର୍ଯ୍ୟକ୍ଷମ ପର୍ଯ୍ୟାୟର ଆରମ୍ଭକୁ ଚିହ୍ନିତ କରେ। ଏହା ଭାରତର ପରମାଣୁ ଶକ୍ତି ଯାତ୍ରାରେ ଏକ ଐତିହାସିକ ମାଇଲଖୁଣ୍ଟ। ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପରମାଣୁ ରିଆକ୍ଟର ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ।

ସେ ଆହୁରି କହିଛନ୍ତି, ଆଜିର ‘ମନ କି ବାତ୍’ରେ ମୁଁ ଏପରି ଏକ ଶକ୍ତି ବିଷୟରେ କଥା ହେବାକୁ ଚାହେଁ ଯାହା ଅଦୃଶ୍ୟ। କିନ୍ତୁ ଏହା ବିନା ଆମର ଜୀବନ ଏକ ମୁହୂର୍ତ୍ତ ପାଇଁ ମଧ୍ୟ ଅସମ୍ଭବ। ଏହି ଶକ୍ତି ଭାରତକୁ ଆଗକୁ ନେଉଛି। ଏହା ହେଉଛି ଆମର ପବନ ଶକ୍ତି। ଆଜି ଏହି ପବନ ଶକ୍ତି ଭାରତର ବିକାଶର ଏକ ନୂତନ କାହାଣୀ ଲେଖୁଛି। ଭାରତ ସମ୍ପ୍ରତି ପବନ ଶକ୍ତିରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ଭାରତର ପବନ ଉତ୍ପାଦନ କ୍ଷମତା ଏବେ ୫୬ ଗିଗାୱାଟ ଅତିକ୍ରମ କରିଛି। ଆଜି ପବନ ଶକ୍ତି କ୍ଷମତାରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ଅଛି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ମେ’ ମାସ ଆରମ୍ଭ ହେବ। କିଛି ଦିନ ମଧ୍ୟରେ ଆମେ ବୁଦ୍ଧ ପୂର୍ଣ୍ଣିମା ପାଳନ କରିବୁ। ସମସ୍ତ ଦେଶବାସୀଙ୍କୁ ମୋର ଶୁଭକାମନା ଜଣାଉଛି। ଭଗବାନ (ପୃଷ୍ଠା ୭ରେ)

## ଗଣତନ୍ତ୍ରରେ ହିଂସା...

# ଟ୍ରମ୍ପଙ୍କ ଗୁଳିକାଣ୍ଡ ଘଟଣାରେ ଭାରତର ପ୍ରଥମ ପ୍ରତିକ୍ରିୟା

**ନୂଆଦିଲ୍ଲୀ,୨୬।୪**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ହ୍ୱାଇଟ୍ ହାଉସ୍ ରାତ୍ରୀଭୋଜନରେ ଗୁଳିକାଣ୍ଡ ଘଟଣାରେ ଭାରତର ପ୍ରଥମ ପ୍ରତିକ୍ରିୟା ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ‘ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ଏହି ଘଟଣାର ସ୍ପଷ୍ଟ ନିନ୍ଦା କରାଯିବା ଉଚିତ।’ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଟ୍ୱିଟରରେ ପୋଷ୍ଟ କରିଛନ୍ତି, ‘ୱାଶିଂଟନ୍ ଡିସିର ଏକ ହୋଟେଲରେ ସମ୍ପ୍ରତି ଘଟିଥିବା ସୁରକ୍ଷା ଘଟଣା ପରେ ରାଷ୍ଟ୍ରପତି ଟ୍ରମ୍ପ, ଆମେରିକାର ପ୍ରଥମ ମହିଳା ମେଲାନିଆ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସ ସୁରକ୍ଷିତ ଏବଂ ସୁସ୍ଥ ଅଛନ୍ତି ଏହା ଜାଣିବା ଅତ୍ୟନ୍ତ ଆଶ୍ୱସ୍ତିକର ଅଟେ। ମୁଁ ସେମାନଙ୍କର ନିରନ୍ତର ସୁରକ୍ଷା ଏବଂ ମଙ୍ଗଳ କାମନା କରୁଛି। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ଏହାକୁ ସ୍ପଷ୍ଟ ନିନ୍ଦା କରାଯିବା ଉଚିତ।’

ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟ୍ସ ଆସୋସିଏସନ୍ ରାତ୍ରୀଭୋଜନରେ ଗୁଳିକାଣ୍ଡ ଘଟଣାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିକ୍ରିୟା ଦେଇଛନ୍ତି। ଶନିବାର ରାତ୍ରୀଭୋଜନରେ ଗୁଳିଚାଳନା ସମୟରେ ଆମେରିକାର





ରାଷ୍ଟ୍ରପତି ଏବଂ ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ମଞ୍ଚ ଉପରେ ଥିଲେ। ଗୁଳିଚାଳନା ଶବ୍ଦରେ ଆତଙ୍କ ସୃଷ୍ଟି ହୋଇଥିଲା ଏବଂ ଲୋକମାନେ ଦୌଡ଼ିବାକୁ ଲାଗିଥିଲେ। ଡୋନାଲ୍ଡ ଟ୍ରମ୍ପ ଟ୍ରୁଥ୍‌ଆଉଟ୍ ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି ଯେ ଆକ୍ରମଣକାରୀଙ୍କୁ ଗିରଫ କରାଯାଇଛି ଏବଂ ପରିସ୍ଥିତିର ମୁକାବିଲା ପାଇଁ ଗୁଇନ୍ଦା ସେବା ଏବଂ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକୁ ପ୍ରଶଂସା କରିଛନ୍ତି। ଟ୍ରମ୍ପ ଲେଖିଛନ୍ତି, ‘ୱାଶିଂଟନ୍, ଡିସିରେ ଏହା କି ସନ୍ଧ୍ୟା ଥିଲା ? ଗୁଇନ୍ଦା ସେବା ଏବଂ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ଏକ ଚମତ୍କାର କାମ କରିଥିଲେ।’ ଡୋନାଲ୍ଡ ଟ୍ରମ୍ପ ପୋଷ୍ଟରେ ଆହୁରି କହିଛନ୍ତି ଯେ ସେ ଶୋ’ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି, କିନ୍ତୁ ସେ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ପାଳନ କରିବେ। ତଥାପି, ପରବର୍ତ୍ତୀ ଅପଡେଟ୍‌ରେ ଟ୍ରମ୍ପ କହିଛନ୍ତି ଯେ ସେ ଏହି କାର୍ଯ୍ୟକ୍ରମର ତଦାରଖ କରୁଥିବା ଅଧିକାରୀଙ୍କ ସହ କଥା ହୋଇଛନ୍ତି ଏବଂ ଖୁବ୍ ଶୀଘ୍ର ଏକ ନୂତନ ତାରିଖ ସ୍ଥିର କରାଯିବ। ଟ୍ରମ୍ପ କହିଛନ୍ତି ଯେ ସେ କାର୍ଯ୍ୟକ୍ରମର ସମସ୍ତ ପ୍ରତିନିଧିଙ୍କ ସହ କଥା ହୋଇଛନ୍ତି ଏବଂ ସେମାନେ ଏହାକୁ ୩୦ ଦିନ ମଧ୍ୟରେ ପୁନଃନିର୍ଦ୍ଧାରିତ କରିବେ।

## ସୁନ୍ଦର ଅକ୍ଷରରେ ପ୍ରେସ୍କିପ୍‌ସନ୍ ଲେଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ।




# ରାଜସ୍ୱ ବିଭାଗର କଠୋର ଆଭିମୁଖ୍ୟ : ଅଫିସ୍ ବାହାରେ ପଞ୍ଜୀକରଣ ମନା

**ଭୁବନେଶ୍ୱର,୨୬।୪**
**ନ୍ୟୁଜ୍‌ବ୍ୟୁରୋ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦଲିଲ୍ ନିବନ୍ଧନ ତଥା ପଞ୍ଜୀକରଣ ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥାରେ କଡ଼ା ନିୟମ ଜାରି କରାଯାଇଛି। ଏଣିକି ଜରୁରୀ ମାମଲା ଛାଡ଼ି ଅନ୍ୟ ନିବନ୍ଧନ ପ୍ରକ୍ରିୟା କାର୍ଯ୍ୟାଳୟ ବାହାରେ ପଞ୍ଜୀକରଣ ଉପରେ ରୋକ ଲାଗିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏ ସଂକ୍ରାନ୍ତରେ ଇନ୍‌ସପେକ୍ଟର ଜେନେରାଲ୍ ଅଫ୍ ରେଜିଷ୍ଟ୍ରେସନଙ୍କୁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି।

ଦଲିଲ୍ ନିବନ୍ଧନ କିମ୍ବା ଜମା ପାଇଁ ବହୁ ସଂଖ୍ୟକ ମାମଲାରେ ଘରକୁ ଯାଇ ନିବନ୍ଧନ କାର୍ଯ୍ୟ ସମ୍ପାଦନ କରାଯାଉଥିବା ସରକାରଙ୍କ



ନଜରକୁ ଆସିଛି। ଏହା ଭାରତୀୟ ନିବନ୍ଧନ ଆଇନ, ୧୯୦୮ ଏବଂ ଓଡ଼ିଶା ନିବନ୍ଧନ ନିୟମ, ୧୯୮୮ର ମୂଳ ଉଦ୍ଦେଶ୍ୟ ତଥା ରୂପରେଖ ଅନୁଯାୟୀ ସମୁଚିତ ନୁହେଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ ଉଲ୍ଲେଖ କରାଯାଇଛି । ଆଇନ୍ ଅନୁଯାୟୀ, ଘରେ ଯାଇ ନିବନ୍ଧନ କେବଳ ବିଶେଷ ସ୍ଥିତିରେ ଅନୁମୋଦନ କରାଯାଇପାରିବ। ଯଦି କୌଣସି ବ୍ୟକ୍ତି ଶାରୀରିକ ଅସୁସ୍ଥ ଆଇନଗତ ଗିରଫଦାରୀ କିମ୍ବା ଅନ୍ୟ କୌଣସି ଆବଶ୍ୟକତାବସତଃ ନିବନ୍ଧନ କାର୍ଯ୍ୟାଳୟକୁ ଯିବାରେ ଅସମର୍ଥ, ସେହି ସ୍ଥିତିରେ ଏପରି (ପୃଷ୍ଠା ୭ରେ)

# ଗୁଜୁରାଟ ନଗର ନିଗମ ଓ ପାଳିକା ନିର୍ବାଚନ ପାଇଁ ଭୋଟ ଗ୍ରହଣ ଶେଷ

**ଅହମ୍ମଦାବାଦ,୨୬।୪**

ଗୁଜରାଟ ପୌର ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ୧୫ ନଗରନିଗମ, ୮୪ ନଗର ପାଳିକା, ୩୪ ଜିଲ୍ଲା ପଞ୍ଚାୟତ ଓ ୨୬୦ ତାଲୁକା ପଞ୍ଚାୟତ ପାଇଁ ଭୋଟ ଗ୍ରହଣ ହୋଇଛି। ରାଜ୍ୟରେ ୨୦୨୭ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଏହି ପାଳିକା ନିର୍ବାଚନ ଅନୁଷ୍ଠିତ ହେଉଛି। ତେବେ ରାଜ୍ୟରେ ୧୯୯୫ ମସିହାରୁ ବିଜେପି ଶାସନରେ ରହିଛି। ଏଥିରେ ୨୦୧୫ ମସିହା ପାଳିକା ନିର୍ବାଚନରେ କଂଗ୍ରେସ ନିଜ ସ୍ଥିତି ମଜଭୁତ କରିଥିଲା।

କଂଗ୍ରେସର ଏହି ସଫଳତା ୨୦୧୭



ବିଧାନସଭା ନିର୍ବାଚନରେ ଦେଖିବାକୁ ମିଳିଥିଲା। ୧୮୨ ସଦସ୍ୟ ବିଧାନସଭାରେ ବିଜେପିର ଆସନ ସଂଖ୍ୟା କମି ୯୯ ହୋଇ ଯାଇଥିଲା ଓ କଂଗ୍ରେସ ୭୭ଟି ଆସନରେ ବିଜୟୀ ହୋଇ ମଜଭୁତ ବିରୋଧୀ ଦଳ ଭାବେ ଉଭା ହୋଇଥିଲା। ତେବେ ୨୦୨୧ରେ ପରିସ୍ଥିତି (ପୃଷ୍ଠା ୭ରେ)

## ଏପ୍ରିଲ ୨୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ସ୍ଥଗିତ

**ଭୁବନେଶ୍ୱର,୨୬।୪**
**ନ୍ୟୁଜ୍‌ବ୍ୟୁରୋ**

ଏପ୍ରିଲ ୨୭ରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ସ୍ଥଗିତ ରଖାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆ (ପୃଷ୍ଠା ୭ରେ)

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୨୯୫ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୨୦ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୭୧ (+୦)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୦)

## ରୁଷ୍-ଇରାନ ତେଲ କ୍ରୟ କଟକଣା

# କୋହଳ ସୀମା ବୃଦ୍ଧି କରିବନି ଆମେରିକା : ପ୍ରଭାବିତ ହେବ ଭାରତ

**ନୂଆଦିଲ୍ଲୀ,୨୬।୪**

ସମୁଦ୍ର ପଥରେ ରୁଷ୍ ଏବଂ ଇରାନ ତେଲ କ୍ରୟ କରିବାକୁ ରହିଥିବା କୋହଳ ସୀମାକୁ ଆଉ ବୃଦ୍ଧି କରିବନି ଆମେରିକା। ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ ଏ ନେଇ ସ୍ପଷ୍ଟ କରିଛନ୍ତି। ଆମେରିକା-ଇରାନ ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ଏବେ ଶକ୍ତି ସଙ୍କଟ ଜାରି ରହିଛି। ଷ୍ଟ୍ରେଟ ଅଫ୍ ହର୍ମୁଜ ଉପରେ ଇରାନ କଟକଣା ଲଗାଇବା ଯୋଗୁ ମଧ୍ୟପ୍ରାଚ୍ୟ ତେଲ ଯୋଗାଣ ଠପ୍ ହୋଇଯାଇଛି। ବେସେଣ୍ଟ କହିଛନ୍ତି ଯେ, ସାମୁଦ୍ରିକ ପଥରେ ରହିଥିବା ରୁଷ୍, ଇରାନ ତେଲ କିଣିବା ନେଇ କୋହଳ ସୀମାକୁ ପୁଣି ଥରେ ନବୀକରଣ କରାଇବା କୌଣସି ଯୋଜନା ନାହିଁ। ସେହିଭଳି ଇରାନ ତେଲ ଉପରେ ଗୋଟିଏ ଥର ମିଳିଥିବା କୋହଳ ସୀମା ମଧ୍ୟ ପ୍ରସ୍ତାବ ବାହାରେ ରହିଛି।

ମାର୍ଚ୍ଚ ମାସରେ ଆମେରିକା ରୁଷ୍ ପେଟ୍ରୋଲିୟମ ସାମଗ୍ରୀ କ୍ରୟ ନେଇ କଟକଣାକୁ କୋହଳ କରିଥିଲା। ବିଶ୍ୱ ତୈଳ ବଜାରରେ



ସ୍ଥିତାବସ୍ଥା ଆଣିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। ବ୍ୟାରେଲ ପିଛା ଅଶୋଧିତ ତେଲ ୧୦୦ ଡଲାର ଟପିବା ଯୋଗୁ ଏହା ସାରା ବିଶ୍ୱ ବଜାର ଲାଗି ଚିନ୍ତାର କାରଣ ପାଲଟିଥିଲା। ଆମେରିକା ଟ୍ରେଜେରି ବିଭାଗ ଏହି କଟକଣାକୁ ନିକଟରେ ପୁଣି ଥରେ ଗୋଟିଏ ମାସ ବଢ଼ାଇଥିଲା। କଟକଣା କୋହଳ ହେବନି ବୋଲି (ପୃଷ୍ଠା ୭ରେ)

## ପଞ୍ଚାୟତ ନିର୍ବାଚନ ପାଇଁ ଆରମ୍ଭ ହେଲା ବିଜେପିର ବୁଥ ସ୍ତରୀୟ ଏକ୍ସରସାଇଜ୍

**ଭୁବନେଶ୍ୱର,୨୬।୪**
**ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆରମ୍ଭ କଲେ ବୁଥ୍ ସମୀକ୍ଷା। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୁଥ୍ ସ୍ତରୀୟ ନେତାଙ୍କ ସହ କରିଛନ୍ତି ଆଲୋଚନା। ସରକାରୀ ଯୋଜନା କିଭଳି ଭାବରେ ଲୋକଙ୍କ ପାଖରେ ପହଞ୍ଚୁଛି, ସେନେଇ ମୁଖ୍ୟମନ୍ତ୍ରୀ ସିଧାସଳଖ ପଚାରି ବୁଝିଛନ୍ତି। ସେହିପରି ବୁଥ୍ ସ୍ତରରେ ସଂଗଠନ କିଭଳି ମଜବୁତ ହେବ, ତାକୁ ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ବିଜେପିର ବୁଥ୍ ସ୍ତରୀୟ ନେତାଙ୍କ ସହ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ରବିବାର ମଧ୍ୟ ଭୁବନେଶ୍ୱରର ବୁଥ୍ ନମ୍ବର ୧୦୨ର ନେତାଙ୍କ ସହ ଚର୍ଚ୍ଚା ଆଲୋଚନା କରିଛନ୍ତି। ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ (ପୃଷ୍ଠା ୭ରେ)

# ୪୦ଡିଗ୍ରୀ ଉପରେ ୧୭ ସହର ଦୁଇଦିନ ପରେ ସାମାନ୍ୟ କମିବ ତାତି

**ଭୁବନେଶ୍ୱର,୨୬।୪**
**ନ୍ୟୁଜ୍‌ବ୍ୟୁରୋ**

ପଶ୍ଚିମରେ ୪୩ ଡିଗ୍ରୀ, ଉପକୂଳରେ ୩୮-୪୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରହିଥିଲା। ରବିବାରକୁ ନେଇ ଏମିତି ପାଣିପାଗ ପୂର୍ବାନୁମାନ ଦେଖାଇଛି ପାଣିପାଗ ବିଭାଗ। ସୋମବାର ବି ପ୍ରାୟତଃ ସମାନ ସ୍ଥିତି ରହିପାରେ। ୨୮ ତାରିଖ ମଙ୍ଗଳବାର ବେଳକୁ ସାମାନ୍ୟ କମିପାରେ ତାପମାତ୍ରା। ହେଲେ ବଡ଼ ଧରଣର ଆଶ୍ୱସ୍ତି ମିଳିନପାରେ।

ଓଡ଼ିଶା କିଛିଦିନ ହେବ ଗ୍ରୀଷ୍ମ ନିଆଁରେ ଜଳୁଛି। ଶନିବାର ୧୭ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଉପରେ ଥିଲା। ଝାରସୁଗୁଡ଼ା ଯେମିତି ନିଆଁ ପିଣ୍ଡୁଳା ପାଲଟି ଯାଇଛି। ଶନିବାର ତାପମାତ୍ରା ଥିଲା ୪୪.୧ ଡିଗ୍ରୀ ସେଲସିୟସ୍। ସ୍ୱାଭାବିକ ଠାରୁ ପ୍ରାୟ ୩ ଡିଗ୍ରୀ ଅଧିକ। ସ୍ୱାଭାବିକ ତୁଳନାରେ ଅଢ଼େଇ ଡିଗ୍ରୀ ଉପରକୁ ଉଠି ଟିଟିଲାଗଡ଼ ତାପମାତ୍ରା ୪୩ ଡିଗ୍ରୀ ଛୁଇଁଥିଲା। ବଲାଙ୍ଗୀର ତାପମାତ୍ରା ୪୩.୫ ଡିଗ୍ରୀ, ନୂଆପଡ଼ା ୪୩, ସୁନ୍ଦରଗଡ଼ ୪୨.୮, ସମ୍ବଲପୁର ୪୨.୬, ହୀରାକୁଦ ୪୨.୬, ସୋନପୁର ୪୨.୩, ଭବାନୀପାଟଣା ୪୨ ଡିଗ୍ରୀ ଥିଲା। ଭୁବନେଶ୍ୱର ଓ କଟକରେ (ପୃଷ୍ଠା ୭ରେ)




## ଏକାଳ ପଖାଳ



ଟ୍ରାଫିକ୍ ଜାମ୍ ଏମିତିଆ ଭାଇ
ନାକେଦମ୍ ଟ୍ୱିନ୍ ସିଟି
ହନ୍ତସନ୍ତ ପରା ଜନଜୀବନଟା
ସତେ ଚିପି ହୁଏ ତଣ୍ଟି
ପ୍ରଶାସନର ଚୁପ୍ ପାଟି
ବାହନ ବୃଦ୍ଧିକୁ ରାସ୍ତା ଅବସ୍ଥାଟି
ଦେଉଛି ମ୍ୟାଟର ଘାଣ୍ଟି।

# କେବଳ ବର୍ଷା ଅଭାବ ନୁହେଁ, ଉଚ୍ଚ ତାପମାତ୍ରା ବଢ଼ାଉଛି ମରୁଡ଼ି



**ନୂଆଦିଲ୍ଲୀ,୨୬।୪**

ଦିନ ଥିଲା ଯେତେବେଳେ ଉତ୍କଟ ବର୍ଷା ଅଭାବ ଯୋଗୁ ହିଁ ମରୁଡ଼ି ସ୍ଥିତି ଉପୁଜୁଥିଲା। କିନ୍ତୁ ଏବେ ଏହାର ସଂଜ୍ଞା ବଦଳିଯାଇଛି। ବର୍ଷା ସ୍ୱାଭାବିକ ଥିଲେ ବି ଉଚ୍ଚ ତାପମାତ୍ରାରୁ ବଢୁଥିବା ଭୂପୃଷ୍ଠ ତାତିରୁ ଭୟଙ୍କର ମରୁଡ଼ି ସ୍ଥିତି ଉପୁଜୁଛି। ଏହା ଉଷ୍ମ ମରୁଡ଼ି ଭାବେ ଜଣା, ଯେଉଁଠି ଉଚ୍ଚ ତାପମାତ୍ରା ମାଟିରୁ ବାଷ୍ପୀକରଣ ଏବଂ ଉଦ୍ଭିଦରୁ ବାଷ୍ପ ନିର୍ଗମନକୁ ତ୍ୱରାନ୍ୱିତ କରେ। ମଧ୍ୟମ ବୃଷ୍ଟିପାତରେ ବି ଏହା ଭୂପୃଷ୍ଠକୁ ଦ୍ରୁତ ବେଗରେ ଶୁଷ୍କ କରିଦିଏ। ସରଳ ଭାଷାରେ କହିଲେ, ତାପମାତ୍ରା ବଢ଼ିବା ଦ୍ୱାରା ପରିବେଶର ଜଳ ଚାହିଦା ବଡ଼ ମାତ୍ରାରେ ବୃଦ୍ଧି ପାଏ। ଯଦିଓ ବର୍ଷା ସ୍ୱାଭାବିକ ରୁହେ, ଜଳ ପାଇଁ ପରିବେଶର ଅଧିକ ଚାହିଦା ଭୂପୃଷ୍ଠ ଜଳକୁ ବାଷ୍ପୀଭୂତ କରିଦିଏ ଏବଂ ମାଟିକୁ ପୁନର୍ବାର ପୂରଣ କରିବା ଅପେକ୍ଷା ଏହାକୁ ଅଧିକ ଶୁଷ୍କ କରିଦିଏ।

ପାରମ୍ପରିକ ମରୁଡ଼ି ବର୍ଷା ଅଭାବ ଯୋଗୁ ହେଉଥିଲା କିନ୍ତୁ ଆଧୁନିକ ଉଷ୍ମ ମରୁଡ଼ି ଅତ୍ୟଧିକ ତାତି ବା ଉଚ୍ଚ ତାପମାତ୍ରା ଯୋଗୁ ହୋଇଥାଏ। ଶୁଖିଲା ମାଟି ଅଧିକ ସୌର ବିକିରଣ ଶୋଷଣ କରେ ଏବଂ ଆହୁରି ଉତ୍ତପ୍ତ ହୁଏ, ଉଚ୍ଚ-ଚାପ ପ୍ରଣାଳୀ ସୃଷ୍ଟି କରେ, ଯାହା ବର୍ଷାକୁ ଦମନ କରେ ଏବଂ ତାପକୁ ବୃଦ୍ଧି କରେ। ଏହିଭଳି ଭାବେ ଏକ ସ୍ୱୟଂ- ଉଷ୍ମତା ଚକ୍ର ସୃଷ୍ଟି ହୁଏ।

ନେଚର ରିଭ୍ୟୁଜ୍ ଆର୍ଥ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ (ପୃଷ୍ଠା ୭ରେ)





# ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ କିସାନ ସମାଜର ଦାବିପତ୍ର ପ୍ରଦାନ

**କୁଚିଣ୍ଡା, ନ୍ୟୁଜ ବ୍ୟୁରୋ**



ସମ୍ବଲପୁର ଜିଲ୍ଲା କୁଚିଣ୍ଡା ରେ ଶନିବାର ଦିନ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ କିସାନ(କୁଣାଁହା) ସମାଜ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହିତ, କୁଚିଣ୍ଡା ସହରରେ ଏକ ବିରାଟ ଶୋଭାଯାତ୍ରାରେ ଉପଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶା ମହାମହିମ ରାଜ୍ୟପାଳଙ୍କ ପାଖକୁ ଏକ ଲିଖିତ ଦରଖାସ୍ତ ସମାଜ ପକ୍ଷରୁ ପ୍ରଦାନ କରିଛନ୍ତି। ଉକ୍ତ ଦରଖାସ୍ତ ଅନୁଯାୟୀ ସୁନ୍ଦରଗଡ ଜିଲ୍ଲାର ସମାଜ ର ଜଣେ ବ୍ୟକ୍ତି ୨୦୦୧ ରୁ ନିଜକୁ ଆତ୍ମଘୋଷିତ ରାଜ୍ୟ ସଭାପତି ବୋଲାଉଥିବା ଏବଂ କିସାନ ସମାଜର ଅସାମ୍ବିଧାନିକ ୨୦୧୨ ନିୟମାବଳୀ ପ୍ରଣୟନ କରି ସେହି ବହି ମାଧ୍ୟମରେ ତାଙ୍କ ସମାଜର ଜନସାଧାରଣଙ୍କୁ ବିଭିନ୍ନ ପ୍ରଣାଳୀ ଅବଲମ୍ବନ କରି ହଇରାଣ ହରକତ କରି ଆସୁଥିବା ଉଲ୍ଲେଖ କରିଥିଲେ। ଏହା ସହିତ ବିଭିନ୍ନ ଅପରାଧିକ ସମାଜ ବିରୋଧୀ କାର୍ଯ୍ୟକ୍ରମ ପାଇଁ ତାଙ୍କ ବିରୁଦ୍ଧରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସରକାର କିମ୍ବା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ମଧ୍ୟ ଦରଖାସ୍ତରେ ଉଲ୍ଲେଖ କରିଥିଲେ। ବରଗଡ଼ ବଲାଙ୍ଗୀର ଅଞ୍ଚଳରେ କିସାନ ସମ୍ପ୍ରଦାୟର ଲୋକମାନେ ମିଶ୍ୱାସ ସରକାରୀ ଉଚ୍ଚାରଣ ଭାବେ ରହୁଥିବା ସେମାନେ ପ୍ରକୃତରେ କିସାନ ସମ୍ପ୍ରଦାୟ ତଥା ଆଦିବାସୀ ହୋଇଥିବା ବେଳେ, ଆଜିଯାଏ ତାଙ୍କୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରିନଥିବା ଯୋଗୁଁ ସରକାରଙ୍କ ପକ୍ଷରୁ ଜାତି ଗତ ପ୍ରମାଣ ପତ୍ର ପାଇବାରୁ ବଞ୍ଚିତ ହେବା ସହିତ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏଣୁ ଉକ୍ତ ଦରଖାସ୍ତରେ ଉଲ୍ଲେଖ କରିଥିବା ବିଷୟ ଗୁଡିକର ସମାଧାନ ପାଇଁ ଆଜି ୫୫୦ କିସାନ ସମାଜ ମହାଗୁଡି କୁଚିଣ୍ଡା ପକ୍ଷରୁ ମହାମହିମ ରାଜ୍ୟପାଳଙ୍କ ପାଖକୁ କୁଚିଣ୍ଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ସବରଙ୍କ ଜରିଆରେ ଏକ ଲିଖିତ ଦରଖାସ୍ତ ପ୍ରଦାନ କରିଥିଲେ। ଏଥିରେ ଧରଣିଧର ପିଙ୍ଗ,ଶୋଭା ରାମ ପ୍ରଧାନ, କୁଚିଣ୍ଡା ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ବ୍ଲକ ଅଧକ୍ଷ ଭୁବନେଶ୍ୱର କିସାନ,ଦିନବନ୍ଧୁ ବାଘ, ମହେନ୍ଦ୍ର ବାଘ, ସୀତାରାମ ପ୍ରଧାନ, ଭଗବାନ ବାଘ,ମନଫୁଲ ମାଝୀ, ବିଶି କିସାନ, ପବିତ୍ର କିସାନ, ଛବିଳ କିସାନ, ଦିପେଶ କିସାନ,ବିଭିଷଣ କିସାନ, ଚୈତନ୍ୟ ମାଝୀ, ଅଜୟ ମାଝୀ, ବିଦୁ ପ୍ରଧାନଙ୍କ ସମେତ ଶତାଧିକ କିସାନ ସମାଜର ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇ ଦରଖାସ୍ତ ପ୍ରଦାନ କରିଥିଲେ।

# ମଧୁବାବୁଙ୍କୁ 'ଭାରତ ରତ୍ନ' ପ୍ରଦାନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କୁ ଓକିଲ ସମାଜର ସ୍ମାରକପତ୍ର

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ଯାଜପୁର ଜିଲ୍ଲାର ଓକିଲ ସମାଜ ତରଫରୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ମୁଖ୍ୟ ବିଦ୍ଧାଣୀ, ପ୍ରଥମ ଓ ବିଶିଷ୍ଟ ଓକିଲ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସପ୍ତାହ ପାଳନ ପରିପ୍ରେକ୍ଷୀରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ କ୍ରମ ଅନୁଯାୟୀ ବ୍ୟାସନଗର ତହସିଲ କାର୍ଯ୍ୟାଳୟରୁ ତାଙ୍କର ପ୍ୱିତ୍ର ଜନ୍ମସ୍ଥାନ ସତ୍ୟଭାମାପୁର ଯାତ୍ରା ଶୁଭାରମ୍ଭ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଓକିଲ ସାମିଲ ହୋଇଥିବା ବେଳେ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଯାତ୍ରା ଜନ୍ମ ସ୍ଥାନରେ ପହଞ୍ଚିବାରୁ ସତ୍ୟଭାମା ପୁର ପଞ୍ଚାୟତ ତରଫରୁ ଓକିଲ ସମାଜକୁ ସ୍ୱାଗତ ସମ୍ବର୍ଧନା ଦିଆଯାଇଥିଲା। ସେଠାରେ ଏକ ମଧୁ ସ୍ମୃତି ସଭା ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର ସଂଘର ସଭାପତି ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାଲେପୁରର ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟ ବକ୍ତା ଭାବେ ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ସାଲେପୁର ପଞ୍ଚାୟତ ଅଧକ୍ଷ ରାମଚନ୍ଦ୍ର ଭୋଇ, ସ୍ଥାନୀୟ ସରପଞ୍ଚ ସୁଧାଂଶୁ ଜେନାଙ୍କ ସହିତ ଚଣ୍ଡିଖୋଲ ବାରର ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାସ, ଯାଜପୁର ରୋଡର ବରିଷ୍ଠ ସଭ୍ୟ ବିଜୟ କୁମାର ମହାନ୍ତି, ଅରୁଣ କୁମାର ସାହୁ, ଉପସଭାପତି ଗୀତାରାଣୀ ପରିଡ଼ା, ଯାଜପୁର ଡିଷ୍ଟ୍ରିକ୍ଟ ବାର ସମ୍ପାଦକ ଦିବାକର ନାୟକ, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଦାସ, କଳିଙ୍ଗ ନଗର ବାରର ବ୍ରଜକିଶୋର ପତି ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉଦବୋଧନ ଦେଇଥିଲେ। ଏଥିରେ ଯାଜପୁର ରୋଡ ସମେତ, ସୁକିନ୍ଦା, ଯାଜପୁର ଟାଉନ୍, ଧର୍ମଶାଳା, ଚଣ୍ଡିଖୋଲ ଏବଂ ସାଲେପୁର ବାର ର ଓକିଲ ମାନେ ସାମିଲ ହେବା ସହିତ କଟକ ଓ ଭୁବନେଶ୍ୱରରୁ ମଧ୍ୟ ଓକିଲ ମାନେ ଯୋଗ ଦେଇ ପଗଡ଼ି ପୁରୁଷଙ୍କୁ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ।। ଏଥି ସହିତ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ପନ୍ଥାରେ ମଧୁସୁଦନଙ୍କୁ ଭାରତ ରତ୍ନ ପ୍ରଦାନ ନିମନ୍ତେ ମାନନୀୟ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକ ପତ୍ର ରେ ସମସ୍ତେ ସ୍ୱାକ୍ଷର କରିଥିଲେ। ଏଭଳି ଯାତ୍ରାକୁ ବିଧାୟକ ଭୂୟସୀ ପ୍ରଶଂସା କରିଥିବାବେଳେ ମଧୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ ଏ ପର୍ଯ୍ୟନ୍ତ ପ୍ରଦାନ ନ କରିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ସରକାର ଭାରତ ରତ୍ନ ପ୍ରଦାନ ନିମନ୍ତେ ଘୋଷଣା କରିବା ଉଚିତ୍ ବୋଲି ଦାବୀ କରିଥିଲେ ଏବଂ ସ୍ୱାକ୍ଷର ମଧ୍ୟ କରିଥିଲେ। ମଧୁବାବୁ ବାବୁଙ୍କ ବଂଶଜ ଭୁବନେଶ୍ୱରର ଓକିଲ ରବି ଶଙ୍କର ମହାନ୍ତି ସ୍ୱାଗତ ଭାଷଣ ଟ୍ୟାକ୍ସ ବାର ସଂପାଦକ ଧନେଶ୍ୱର ବାରିକ ମଧୁ ସପ୍ତାହର ବିବରଣୀ ରଖିଥିଲେ। ସଭାରେ ବିଧାୟକ ଶ୍ରୀଯୁକ୍ତ ବେହେରାଙ୍କୁ ଟ୍ୟାକ୍ସ ବାର ତାରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଦେଇ ଉକ୍ତ ସଭାରେ ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶର୍ମା, ଲକ୍ଷ୍ମୀଧର ସାହୁ,ଅନନ୍ତ ଚନ୍ଦ୍ର କର, ମାମଲି କାନୁନଗୋ, ସସ୍ମିତା ପାଣଗ୍ରାହୀ, ସହ ସମ୍ପାଦକ ଦିପୁ ବାରିକ, ସଦସ୍ୟ ଦିଲ୍ଲୀପ କୁମାର ନାୟକ, ଅକ୍ଷୟ କୁମାର ବାରିକ୍,ରମାକାନ୍ତ ନନ୍ଦ, ପ୍ରବୀର କୁମାର ରାଉତ, ଅମରେଶ ମହାନ୍ତି, ଶିବାନନ୍ଦ ଦସ୍ ପ୍ରମୁଖ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପସଭାପତି ସସ୍ମିତା ସ୍ୱାଇଁ ସମସ୍ତିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବିଧାୟକ ଓକିଲ ମାନଙ୍କୁ ମଧୁ ବାବୁଙ୍କ ଏନ୍ତୁଡ଼ି ଶାଳ, କୋଠରୀ, ମ୍ୟୁଜିଅମ୍, ଏବଂ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ପରିଦର୍ଶନରେ ସହଯୋଗକରିଥିଲେ ଏବଂ ତାଙ୍କର ପୂର୍ଣାୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ସେଠାରେ କସ୍ତୁରବା ବାଲାଶ୍ରମ ରେ ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୪୫ ହଜାର ଟଙ୍କା ଜରିମାନା

**ଜୟପୁର,ନ୍ୟୁଜ ବ୍ୟୁରୋ**

ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ଶୁଣାଣି କରି ଜୟପୁର ସ୍ଥିତ ପୋକ୍ସୋ କୋର୍ଟ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କ୍ଷ ସୂଚନା ଅନୁଯାୟୀ, ୨୦୨୩ ମସିହାରେ କୋଟପାଡ଼ ଥାନା ଅଂଚଳର ଘଟିଥିବା ନାବାଳିକାକୁ ବିବାହର ମିଥ୍ୟା ପ୍ରତିଶୃତି ଦେଇ ଅପହରଣ ଏବଂ ଦୁଷ୍କର୍ମ ମାମଲାରେ ୯ ଜଣ ସାକ୍ଷୀଙ୍କ ସାକ୍ଷ ପ୍ରମାଣକୁ ଭିତି କରି ରାୟର ଶୁଣାଣି କରିଛନ୍ତି। ଆଜି ଜୟପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ପୋକ୍ସୋ କୋର୍ଟ ଡ଼କ୍ଟର ସଂଘମିତ୍ରା ଦାଶ ମାମଲାର ଶୁଣାଣି କରିଛନ୍ତି। କୋଟପାଡ଼ ଥାନା ଅନ୍ତର୍ଗତ ଷଡ଼ରଙ୍ଗା ଗ୍ରାମର ବିତ୍ୟା ପୂଜାରୀକୁ ଭାରତୀୟ ପିଙ୍ଗଳ କୋଡ଼ ବିଭିନ୍ନ ଧାରାରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୪୫ ହଜାର ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଟଙ୍କା ଅନାଦେୟ ହେଲେ ଦୋଷୀକୁ ୧୫ ମାସ ଅଧିକା ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଇଛନ୍ତି କ୍ଷ ଆଦାୟ ଜୋରିମାନା ଟଙ୍କା ସହ ସରକାରଙ୍କ ତରଫରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରୁ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ନିର୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ପି. ସନ୍ୟାସୀ ରାଓ ମାମଲା ପରିଚାଳନା କରୁଥିଲେ।

## ଶ୍ରୀମନ୍ଦିର ରତ୍ନଭଣ୍ଡାରରୁ ଅଳଙ୍କାର ଚୋରି: ଥାନାରେ କଂଗ୍ରେସର ଏତଲା

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୁରୀ ଜଗନ୍ନାଥଙ୍କ ରତ୍ନଭଣ୍ଡାରରୁ ୩ ଗୋଟି ଅଳଙ୍କାର ଚୋରିକୁ ନେଇ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ ପୁରୀ ଜଗନ୍ନାଥଙ୍କ ମନ୍ଦିରର ରତ୍ନଭଣ୍ଡାର ଗଣତି ମଣତି ଚାଲିଥିବାବେଳେ ତିନୋଟି ରତ୍ନ ଅଳଙ୍କାର ନିଖୋଜ ବା ଚୋରୀ ହୋଇଥିବା ନେଇ ନ୍ୟାୟ ମୂର୍ତ୍ତି ବିଶ୍ୱନାଥ ରଥ ବିଭିନ୍ନ ଗଣମାଧ୍ୟମରେ ବିବୃତି ଦେବାପରେ କୋଟି କୋଟି ଓଡ଼ିଆ ଓ ଜଗନ୍ନାଥ ପ୍ରେମୀଙ୍କ ଧାର୍ମିକ ଭାବନାରେ ଆଘାତ ପହିଛି । ଏ ସମ୍ପର୍କରେ ଶ୍ରୀ ମନ୍ଦିର ପ୍ରଶାସନ ଦୋଷୀକୁ ଘଷ୍ଟ ଘୋଡାଇବାକୁ ଯାଇ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ରତ୍ନ ଭଣ୍ଡାର ସୁରକ୍ଷିତ ଅଛି ବୋଲି ମିଥ୍ୟା ସତ୍ୟପାଠ ଦାଖଲ୍ କରିଥିବା କଂଗ୍ରେସ ଅଭିଯୋଗ କରିଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏଫଆଇଆରରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲ କଲିମ୍ ଖାଁ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସ ସଭାପତି ଅବଦୁଲ କଲିମ୍ ଖାଁଙ୍କ ସମେତ ସାଧାରଣ ସମ୍ପାଦକ ଦେବରାଜ ପଟ୍ଟନାୟକ, ନଗର ସଭାପତି ତପନ କୁମାର ରାଉତ ରାୟ, ମହିଳା କଂଗ୍ରେସ ସଭାପତି ସନ୍ଧ୍ୟାରାଣୀ ସିଂ, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ କୁମାର ମହାନନ୍ଦ, ମହେଶ୍ୱର ପ୍ରଧାନ, ପ୍ରିୟ ଦତ୍ତ ଦେହୁରୀ, ପ୍ରତ୍ୟୁଷ ମହାନନ୍ଦ, ଜେନି ମହାପାତ୍ର, ପ୍ରଭାତୀ ବେହେରା ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଆଉଟ ସୋର୍ସିଂ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**



ସ୍ଥାନୀୟ ସରକାରୀ ଅତିଥି ଭବନ (ସର୍କିଟ ହାଉସ) ଭିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସରକାରୀ ଆଉଟସୋର୍ଶିଂ କର୍ମଚାରୀ ମହାସଂଘ, ବଲାଙ୍ଗିର ଜିଲ୍ଲା ଶାଖା ପକ୍ଷରୁ ଦାବିପତ୍ର ଓ ଫୁଲ ଚାରା ପ୍ରଦାନ କରାଯାଇଛି। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପୂର୍ବରୁ ଦେଇଥିବା ପ୍ରତିଶୃତି ବିଷୟରେ ସୂଚିତ କରି ଖୁବ ଶୀଘ୍ର ଇଣ୍ଟର୍ମିନିଷ୍ଟ୍ରିଆଲ କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି। ଏ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ମାନ୍ୟବର କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମଧ ଉପସ୍ଥିତ ଥିଲେ। ଦଶନ୍ଧି ଧରି ବିଭିନ୍ନ ସରକାରୀ ଅଫିସରେ କାର୍ଯ୍ୟରତ ରାଜ୍ୟର ହଜାର ହଜାର ଠିକା କର୍ମଚାରୀ ଆପଣଙ୍କୁ ଅନେଇ ରହିଛନ୍ତି ବୋଲି ଜଣେଇ ଦିଆଯାଇଛି। ପ୍ରକାଶଯୋଗ୍ୟ ଯେ ଗଲା ମାସରେ ରାଜ୍ୟ ସଂଘର ଆହ୍ୱାନରେ ୧୦ ଦିନ ବ୍ୟାପୀ ଆନ୍ଦୋଳନ ପରେ ନେତୃତ୍ୱଙ୍କୁ ଡ଼ାକି ମୁଖ୍ୟମନ୍ତ୍ରୀ ନିଜ ପ୍ରକୋଷ୍ଠରେ ଆଇନ ମନ୍ତ୍ରୀଙ୍କ ଉପସ୍ଥିତିରେ ଆଲୋଚନା କରିଥଲେ। ଶୀଘ୍ର ଆନ୍ତଃ ମନ୍ତ୍ରୀମଣ୍ଡଳ କମିଟି ଗଠନ ପୂର୍ବକ ଏ ସମସ୍ୟାକୁ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ପରେ ରାଜ୍ୟ ସାରା ସମସ୍ତ ଠିକା କର୍ମଚାରୀଙ୍କ ଭିତରେ ଆଶା ଓ ଉତ୍କଣ୍ଠା ପରିଲକ୍ଷିତ ହେଉଛି। ଗତକାଲି ରାଜ୍ୟ ସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ବଲାଙ୍ଗିର ଆସିଥିବା ମୁଖ୍ୟମନ୍ତ୍ରୀ ରାତିରେ ସ୍ଥାନୀୟ ସର୍କିଟ ହାଉସରେ ରାତ୍ରିଯାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଭେଟ ନେବା ପାଇଁ ପୂର୍ବରୁ ଅନୁମତି ମିଳିଥିଲା। ବଲାଙ୍ଗୀର ଜିଲ୍ଲା ସଂଗଠନ ତରଫରୁ ଜିଲ୍ଲାର ସଭାପତି ରାଜେଶ ଝାଙ୍କର ଓ ସମ୍ପାଦକ ଚଞ୍ଚଳ ମିଶ୍ର, ଉପସଭାପତି ଦିଲ୍ଲୀପ ସାହୁ, ରବୀନ୍ଦ୍ର ନାଏକ ଓ ଅଭିଳାଷ ମିଶ୍ର ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ସହଯୋଗ କରିଥିବାରୁ ଜିଲ୍ଲା ବିଜେପି ସଭାପତି ତଥା ଅନ୍ୟ ନେତୃତ୍ୱଙ୍କୁ ଜିଲ୍ଲା ଆଉଟ୍ ସୋର୍ଶିଙ୍ଗ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରଯାଇଛି।

# କେନ୍ଦ୍ରୀୟ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ସାଂସଦ

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**

ବିକାଶ ସମନ୍ୱୟ ଏବଂ ନିରୀକ୍ଷଣ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲା ପରିଷଦ ସଭାପତି ତୁଳାବତୀ ମିଞ୍ଜ, ରାଜସ୍ୱ ଏବଂ ବିର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ନଭଲ ଅଗ୍ରୱାଲ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ଏହି ସଭାକୁ ପରିଚାଳନା କରିଥିଲେ। ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଏହି ସମସ୍ୟାଗୁଡ଼ିକର ସମାଧାନ ।ଇଁ ବୈଠକରେ ଜିଲ୍ଲା ପ୍ରଶାସନକୁ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷ କରି ଜିଲ୍ଲାର ସମସ୍ତ ପୁରାତନ ପୋଖରୀର ମରାମତି ଓ ପୁନରୁଦ୍ଧାର ସହ ଜଳ ସଂରକ୍ଷଣ ପାଇଁ ନୂତନ ଜଳାଶୟ ଖନନ ଉପରେ ଗୁରୁତ୍ୱାରୋ କରାଯାଇଛି । ସେହିପରି ଜିଲ୍ଲାରେ ବେଆଇନ ଭାବେ ପାଉଁଶ ଫିଙ୍ଗିବା ବା 'ଇଲିଗାଲ୍ ଆସ୍ ଡମ୍ପିଂ' ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବା ସହ ନିୟମ ଉଲ୍ଲଂଘନକାରୀ ଶିଳ୍ପ ସଂସ୍ଥାଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ପଷ୍ଟ କରାଯାଇଛି । ଏଥିସହ ପରିବେଶର ସନ୍ତୁଳନ ରକ୍ଷା ନିମନ୍ତେ ବ୍ୟାପକ ବୃକ୍ଷରୋପଣ କରିବା ଏବଂ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅଧିକ ସକ୍ରିୟ ଓ ପ୍ରଭାବଶାଳୀ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ଦେଖାଯାଉଥିବା ଜଳାଭାବ, ବେଆଇନ ପାଉଁଶ ଫିଙ୍ଗିବା ଏବଂ ଶିଳ୍ପାଞ୍ଚଳରେ ବୃଦ୍ଧି ପାଉଥିବା ପ୍ରଦୂଷଣ ଉପରେ ଗଭୀର ଚିନ୍ତା ପ୍ରକଟ କରିଥିଲେ। ଏହି ଅବସରରେ ଶିଳ୍ପ ସଂସ୍ଥାଗୁଡ଼ିକର ଦାୟିତ୍ୱହୀନତାକୁ ନେଇ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରି ମାନ୍ୟବର ସାଂସଦ ପ୍ରଦୀ ପୁରୋହିତ କହିଛନ୍ତି ଯେ, 'ଝାରସୁଗୁଡ଼ା ଜିଲ୍ଲାର ପ୍ରାକୃତିକ ସମ୍ପଦକୁ ବ୍ୟବହାର କରୁଥିବା ଶିଳ୍ପ ସଂସ୍ଥାଗୁଡ଼ିକ ସମାଜ ଓ ପରିବେଶ ପ୍ରତି ନିଜର ଦାୟିତ୍ୱକୁ କଦାପି ଏଡ଼ାଇ ଯାଇପାରିବେ ନାହିଁ। ସମସ୍ତ କମ୍ପାନୀ ସେମାନଙ୍କ ପାଇଁ ଧାର୍ଯ୍ୟ କରାଯାଇଥିବା ବୃକ୍ଷରୋପଣ ଲକ୍ଷ୍ୟ କୁ ବାଧତାମୂଳକ ଭାବେ ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ କାଗଜପତ୍ରରେ ନୁହେଁ ବରଂ କ୍ଷେତ୍ରସ୍ତରରେ ଏହା ଦୃଶ୍ୟମାନ ହେବା ଆବଶ୍ୟକ। ଜିଲ୍ଲାର ବାୟୁମଣ୍ଡଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ବ୍ୟାପକ ସବୁଜିମା ସୃଷ୍ଟି କରିବା ସେମାନଙ୍କର ଅନିର୍ବାଯ୍ୟ କର୍ତ୍ତବ୍ୟ। ଏଥିସହ ବେଆଇନ ଭାବେ ପାଉଁଶ ଫିଙ୍ଗୁଥିବା ସଂସ୍ଥାମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ।' ସେହିପରି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, 'ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବସ୍ତିରେ ବାସ କରୁଥିବା ଗରିବ ଶ୍ରେଣୀର ଲୋକଙ୍କୁ ସ୍ଥାୟୀ ଛାତ ଯୋଗାଇବା ଆମର ପ୍ରାଥମିକତା। ମୁଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଉଛି ଯେ, ଜିଲ୍ଲାରେ ସ୍ୱଳ୍ପମୂଲ୍ୟରେ 'ସୁଲଭ ଆବାସ ଯୋଜନା' ପ୍ରସ୍ତୁତ କରିବା ଦିଗରେ ନିଷ୍ପାପର ପଦକ୍ଷେ ନିଅନ୍ତୁ, ଦ୍ୱାରା ବସ୍ତିବାସିନ୍ଦାମାନେ ନ୍ୟୁନତମ ମୂଲ୍ୟରେ ଉନ୍ନତ ଓ ସୁରକ୍ଷିତ ବାସଗୃହ ପାଇପାରିବେ। ଏହା ସହିତ ଝାରସୁଗୁଡ଼ାରୁ ଲାଭ କମାଉଥିବା କମ୍ପାନୀମାନେ ନିଜର ସିଏସଆର ପାଣ୍ଠି ଖର୍ଚ୍ଚ କରିବାରେ ଅବହେଳା ନକରି ତୁରନ୍ତ ପାଣ୍ଠି ବ୍ୟୟ ନିୟମାବଳୀକୁ କୋହଳ କରନ୍ତୁ। ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ପ୍ରତିଟି ପ୍ରକଳ୍ପକୁ ସମୟସୀମା ମଧ୍ୟରେ ସାରିବାକୁ ହେବ, ପେରି କୌଣସି ଅର୍ଥ ଅବ୍ୟବହୃତ ହୋଇ ପଡ଼ି ନରହେ। 'ଏଥିସହ ସେ ଏହା ମଧ୍ୟ କହିଛନ୍ତି ଯେ, ଆମ ଜିଲ୍ଲାର ଝିଅମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରଶାସନ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ହସ୍ପିଟାଲରେ ଜନ୍ମ ହେଉଥିବା ପ୍ରତିଟି କନ୍ୟା ସନ୍ତାନକୁ 'ସୁକନ୍ୟା ସମୃଦ୍ଧି ଯୋଜନା'ରେ ସାମିଲ କରିବାକୁ ମୁଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଉଛି। ଶିଶୁ କନ୍ୟା ଜନ୍ମ ହେବା ମାତ୍ରେ ହସ୍ପିଟାଲରେ ହିଁ ତାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭିନ୍ନ କମ୍ପାନୀମାନଙ୍କ ଦ୍ୱାରା କରାଯାଉଥିବା ସିଏସଆର କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଚାଲୁ ରହିଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା ପାଇଁ ପାଣ୍ଠି ବ୍ୟୟ ନିୟମାବଳୀକୁ କୋହଳ କରିବା ପାଇଁ ଶିଳ୍ପ ସଂସ୍ଥାମାନଙ୍କୁ କୁହାଯାଇଛି। ଏହି ସମୀକ୍ଷା ବୈଠକରେ ଜିଲ୍ଲା ସ୍ତରୀୟ ସମସ୍ତ ବରିଷ୍ଠ ଅଧିକାରୀ ଓ ଏମସିଏଲର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଇଞ୍ଜା ଶିଳ୍ପ ଗୋଷ୍ଠୀ ପକ୍ଷରୁ ସ୍ୱାସ୍ଥ୍ୟ ସେବା

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**



ଇଞ୍ଜା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ଆନୁକୂଲ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ କୋଚିଲା ନୂଆଗାଁରେ ଏକ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି । କୋଚିଲା ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଇଞ୍ଜାର ପାୱାରପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ଓ ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ନାଥ ପାଣ୍ଡବ ଉଦ୍‌ଘାଟନ କରିଥିଲେ । ସମିତି ସଭ୍ୟା ମମତା ସାମାଡ଼, ରବୀନ୍ଦ୍ର ରାଉତ, ଇଞ୍ଜାର ନିରଞ୍ଜନ ସାହୁ,ସଂଜୀବ ପୁରୋହିତ ପ୍ରମୁଖ ଅଧିକାରୀ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ । ଡା.ସବ୍ୟସାଚୀ ମହାପାତ୍ର, ଡା. ବରୁଣ ଅଗ୍ରୱାଲ, ଡା. ସୁବିମଳ ଦାସ, ଡା. ହିମାଂଶୁ ସାହୁଙ୍କ ସମେତ ଅସ୍ଥିଶଲ୍ୟ, ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଦନ୍ତ ଓ ଶିଶୁ ବିଭାଗର ବିଶେଷଜ୍ଞ ଡାକ୍ତର ମାନେ ଏଥିରେ ଯୋଗଦେଇ ଅଞ୍ଚଳର ୨୦୦ରୁ ଉର୍ଦ୍ଧ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ରୋଗୀ ମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧିକାରୀ ମାନସ ରଞ୍ଜନ ପ୍ରଧାନ, ସ୍ଥିତପ୍ରଜ୍ଞ ଦାସ, ସୁଦିପ୍ତ ମହାନ୍ତି, ଅଭିଷେକ ଘୋଷ, ବିଶ୍ୱଜିତ ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ପ୍ରଧାନଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ ।

# ସୋନପୁର ସହରରେ ଡ୍ରେନ ସମସ୍ୟା ଗୁରୁତର : ସର୍ବତ୍ର ଦୁର୍ଗନ୍ଧମୟ

**ସୁବର୍ଣ୍ଣପୁର , ନ୍ୟୁଜ ବ୍ୟୁରୋ**



ସୋନପୁର ସହରରେ ଦିନକୁ ଦିନ ଡ୍ରେନ ସମସ୍ୟା ଗୁରୁତର ହେବାରେ ଲାଗିଛି । ସମସ୍ତ ବନ୍ଧମାନଙ୍କରେ ପୌର୍ ପରିଷଦ ଡ୍ରେନ ପାଣି ଛାଡ଼ି ଦେଇ ସହର ରେ ଦୁର୍ଗନ୍ଧମୟ ସ୍ଥିତି ସୃଷ୍ଟି କରୁଛି ପୌର ପରିଷଦ। ସୋନପୁର ଟିକିରିପଡାସ୍ଥିତ ନୂଆଁବନ୍ଧରେ ବାଇପାସ୍ ଡ୍ରେନେଜ କାମ ବନ୍ଦ ପାଇଁ ଦାବି ହୋଇଛି । ଏନେଇ ବିଜେପି ନଗର ମଣ୍ଡଳ ପକ୍ଷରୁ ସୋନପୁର ପୌର ପରିଷଦ ଇଓ ଋଷି ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶଥାଉକି, ବର୍ତ୍ତମାନ ପୌର ପ୍ରଶାସନ ପକ୍ଷରୁ ନୂଆଁବନ୍ଧର ସୌନ୍ଦର୍ଯ୍ୟକରଣ ଏବଂ ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି । ପ୍ରାୟ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର କରାଯାଇ କାର୍ଯ୍ୟ କରାଯାଉଛି। ବନ୍ଧ ସାଇଟ୍ ?ରେ ଏକ ବାଇପାସ୍ ଡ୍ରେନ୍ ନିର୍ମାଣ କରି ସହରର ସମସ୍ତ ଡ୍ରେନ୍ ଏବଂ ଆବର୍ଜନା ପାଣି ଧୁଣ୍ଡିନାଲ ଦେଇ ମହାନଦୀକୁ ଛଡାଯିବା ପାଇଁ ଧାର୍ଯ୍ୟ କରାଯାଇଛି। ଉକ୍ତ ବାଇପାସ୍ ଡ୍ରେନ କାମକୁ ସୋନପୁର ବିଜେପି ନଗର ମଣ୍ଡଳ ବିରୋଧ କରିଛି । ଯଦି ଉକ୍ତ ବାଇପାସ୍ ଡ୍ରେନେଜ୍ ସିଷ୍ଟମ୍ କରାଯାଏ ଏହା ସ୍ଲମ୍ ଏରିଆ ହୋଇଥିବାରୁ ନୂଆଁବନ୍ଧର ଉପର ଅଂଶ ଯଥା ବସଷ୍ଟାଣ୍ଡ, ମଝିପଡା ସହ ସହରର ଅନ୍ୟାନ୍ୟ ଅଞ୍ଚଳର ପ୍ରାୟ ସମସ୍ତ ଡ୍ରେନ୍‌ର ମଇଳା ଏବଂ ଆବର୍ଜନା ପାଣି ଧୁଣ୍ଡିନାଲ ଦେଇ ସିଧାସଳଖ ମହାନଦୀରେ ପଡିବ । ଫଳରେ ବଡବଜାରର ଟିକିରିପଡ଼ା ଘାଟ, ତେନ୍ତୁଲିଘାଟ, ତରିଆପଡା ଘାଟ, ତଲପଡା ଘାଟ, କୁମ୍ଭାରପଡା ଘାଟ, ବାଘପଡା ଘାଟ, ଆମ୍ବଘାଟ ସହିତ ରାମେଶ୍ୱର ସଙ୍ଗମ ଆଦି ସଂପୂର୍ଣ୍ଣ ରୂପେ ଆବର୍ଜନାମୟ ହେବ। ଉକ୍ତ ଘାଟ ଗୁଡିକର ପାଣି ସହରର ଲୋକେ ପାନୀୟ, ରୋଷେଇ ଏବଂ ଶୌଚ ପାଇଁ ନିର୍ଭର କରିଥାନ୍ତି । ଯଦି ଉକ୍ତ ଡ୍ରେନ୍ ପାଣି ସିଧାସଳଖ ନଦୀରେ ପଡିବ, ତେବେ ଲୋକେ ପ୍ରଭାବିତ ହେବେ ବୋଲି ବିଜପି କର୍ମୀ ଯୁକ୍ତି ବାଢ଼ିଛନ୍ତି। ଏଣୁ ବାଇପାସ୍ ? ଡ୍ରେନେଜ୍ ବ୍ୟବସ୍ଥାକୁ ବନ୍ଦକରି ଡ୍ରେନ୍ ପାଣିକୁ ଅନ୍ୟ ସ୍ୱରେଜ୍ ବ୍ୟବସ୍ଥା ସହ ସ୍ୱଚ୍ଛ କରାଯାଇ ରାମଶ୍ୱର ସଙ୍ଗମର ତଳ ଅଞ୍ଚଳକୁ ଛାଡିବା ପାଇଁ ବିଜେପି ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ନଗର ମଣ୍ଡଳ ସଭାପତି ସୁରେଶ ବିଶ୍ୱାଳ, ଦାଶରଥ୍ ମେହେର, କାଉନସିଲର ସୁକାନ୍ତ ସାହୁ, ଗଙ୍ଗାଧର ତରିଆ, ଗଣେଶ ସାହୁ, ବିକି ମିଶ୍ର, କାହ୍ନୁ ତରିଆ, ସୁଦାମ ନାଏକ, ଅନନ୍ତ ମିଶ୍ର, କେଶବ ବୁଡେକ, ରାମେଶ୍ୱର ତରିଆ, ସୁଦାମ ନାଏକ, ସୁରୁବାବୁ ସାହୁ, ଓ୍ୱସିମ ମହମ୍ମଦ, ସକୁର ମହମ୍ମଦ, ଧରମ୍ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ମଙ୍ଗଳ ୨ ଶୁକ୍ର | ଲଗ୍ନ | ବୁଧ ୧୨ ରବି ୧ ରାହୁ |
| ୪ | ୧୧ / ୫ | ୧୦ |
| ୬ କେତୁ / ୭ | ୭ | ୯ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୭।୦୪।୨୦୨୬, ବୈଶାଖ ଦି୧୪ନ, ସୋମବାର**
**ସୂର୍ଯ୍ୟୋଦୟ- ଘ ୫।୨୨।୨୦ ଚନ୍ଦ୍ରୋଦୟ- ଦିଘ ୨।୩୩।୪୩**
ଏକାଦଶୀ ସଂଘ ୬।୧୮ ପର୍ଯ୍ୟନ୍ତ । ପୂର୍ବାଫାଲ୍ଗୁନୀ ନକ୍ଷତ୍ର ରାଘ ୯।୨୧ ପର୍ଯ୍ୟନ୍ତ, **ସିଂହ ଚନ୍ଦ୍ର-** ରାଘ ୩।୩୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । ରାଘ ୩।୩୮ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର। **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । ରାଘ ୩।୩୮ ଗତେ ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ସଂଘ ୬।୧୮ ଗତେ ପୋଇ ଓ ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୬ ଗତେ ଦିଘ ୬।୫୯ ମଧ୍ୟେ । ଦିଘ ୧୦।୩୦ ଗତେ ଦିଘ ୧।୦୩ ମଧ୍ୟେ । **ପର୍ବୋତ୍ସବ-** ମୋହିନୀ ଏକାଦଶୀ ଉପବାସ ।

**ମେଷ:** କର୍ମକ୍ଷେତ୍ରରେ ବିରୋଧ ଦେଖାଦେବ। ଶତ୍ରୁ ବୃଦ୍ଧି ପାଇବେ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ରହିବେ । ଆୟ ଓ ବ୍ୟୟ ସମାନ ରହିବ । ବିବାଦୀୟ କ୍ଷେତ୍ରଠାରୁ ଦୂରେଇ ରହିବେ ।

**ବୃଷ:** ପାରିବାରିକ କଳହ ଯୋଗ ଦେଖାଦେବ। ଧନ ଲାଭର ସୂଚନା। ସାମାଜିକ ସ୍ତରରେ ସମ୍ମାନିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ । ଦୂରଯାତ୍ରାରେ ସମସ୍ୟା ଦେଖାଦେଇପାରେ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ।

**ମିଥୁନ:** ଉଚ୍ଚ ଆଶା ଆପଣଙ୍କର ସଫଳ ହେବ। ରୋଗରୁ ଉପଶମ ହୋଇପାରେ । ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ମହିଳାମାନେ ସୁଖୀ ହେବେ । ଗୃହେ ଅଶାନ୍ତି ଦେଖାଦେଇପାରେ। ମନ ଭଲ ରହିବ।

**କର୍କଟ:** ପାରିବାରିକ ଅସନ୍ତୋଷ ଦେଖାଦେବ । ଧନ ଲାଭର ସୂଚନା। ସାମାଜିକ ସ୍ତରରେ ସମ୍ମାନିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ଦୂରଯାତ୍ରାରେ ସମସ୍ୟା ଦେଖାଦେଇପାରେ। ଦୁଶ୍ଚିନ୍ତା ବଢିବାର ସୂଚନା।

**ସିଂହ:** କର୍ମକ୍ଷେତ୍ରରେ ସୁଖ ସମ୍ମାନ ଲାଭ ହେବ । ଆଜି ଦିନଟା ଆପଣଙ୍କ ପାଇଁ ଭଲ । ଧନ ଲାଭର ସୌଭାଗ୍ୟ ଜୁଟିବ। ମହିଳାମାନେ ସୁଖୀ ହେବେ। ଶତ୍ରୁ ନାଶ ହେବାର ସୂଚନା। ଗୃହେ ଶାନ୍ତି ଲାଭ। ଦେହ ଭଲ ରହିବ।

**କନ୍ୟା:** ଆଜି ଆପଣଙ୍କର ବ୍ୟୟ ଯୋଗ ରହୁଛି । ଦିନ ଶୁଭଦାୟକ ହେବ । ସାମାଜିକ ପ୍ରତିଷ୍ଠା ଗଢିବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ। ପାରିବାରିକ ଜୀବନ ସୁଖମୟ ହେବ। ଦିନଟି ଆପଣଙ୍କ ପାଇଁ ଲାଭଦାୟକ।

**ତୁଳା:** ଆଜି ଆପଣଙ୍କର ଆୟ ତୁଳନାରେ ବ୍ୟୟର ପରିମାଣ ବଢିବ । ସାମାନ୍ୟ ଅସୁସ୍ଥତା ଦେଖାଦେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ଶତ୍ରୁଙ୍କ ପ୍ରତି ସତର୍କ ରହିବେ। ଗୃହେ ଦ୍ୱନ୍ଦ ଦେଖାଦେଇପାରେ।

**ବିଛା:** ଆଜି ଆପଣଙ୍କର ଆୟ ଯୋଗ ରହିଛି। ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ। ବନ୍ଧୁଙ୍କ ଆଗମନର ସୂଚନା। ସୁସ୍ୱାଦୁ ଭୋଜନ ମିଳିପାରେ। ପାରିବାରିକ ସୁଖ ଓ ସମ୍ମାନ ଲାଭ ହେବ।

**ଧନୁ:** କର୍ତ୍ତବ୍ୟ ପରାୟଣ ହେବେ । କର୍ମକ୍ଷେତ୍ର ଉଜ୍ଜଳମୟ ହେବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ରୋଜଗାର ପରିମାଣ ସ୍ଥିର ରହିବ। ଠକମାନଙ୍କ ଠାରୁ ଦୂରେଇ ରୁହନ୍ତୁ। ମନ ଅସ୍ଥିର ରହିବ।

**ମକର:** ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ସୃଷ୍ଟି ହେବ । ଶତ୍ରୁମାନେ ପରାଜିତ ହେବେ । ବ୍ୟବସାୟରେ ଲାଭବାନ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଗୁରୁଜନଙ୍କ ଆର୍ଶୀବାଦ ଲାଭ।

**କୁମ୍ଭ:** ଶାରୀରିକ ପୀଡା ଦେଖାଦେଇପାରେ । ବନ୍ଧୁଙ୍କ ସହ ସାକ୍ଷାତ ସହ ଆମୋଦ ପ୍ରମୋଦରେ ସୁଅ ଛୁଟିବ । ଅଧିକ ପରିଶ୍ରମ କରିପାରନ୍ତି। ଆର୍ଥିକ ସ୍ଥିତି ସୁଦୃଢ ରହିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।

**ମୀନ:** ପରିବାରରେ ଆନନ୍ଦ ଉତ୍ସବ ଲାଗି ରହିବ । କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ। ଧନ ଲାଭ ହେବ। ବାକିଥିବା କାମ ସମ୍ପାଦନ ହେବ। ମହିଳାମାନେ ସୁଖୀ ହେବେ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୮।୦୪।୨୦୨୬, ବୈଶାଖ ଦି୧୫ନ, ମଙ୍ଗଳବାର**
**ସୂର୍ଯ୍ୟୋଦୟ- ଘ୫।୨୫।୪୨ ଚନ୍ଦ୍ରୋଦୟ-ଦିଘ୩।୨୩।୫୦**
**ଦ୍ୱାଦଶୀ-ସଂଘ୬।୫୫ପର୍ଯ୍ୟନ୍ତ** । ଉତ୍ତରାଫାଲଗୁନୀନକ୍ଷତ୍ର ରାଘ୧୦।୩୮ପର୍ଯ୍ୟନ୍ତ **କନ୍ୟାଚନ୍ଦ୍ର-ଅହୋରାତ୍ର।** **ଚନ୍ଦ୍ରଶୁଦ୍ଧି-** ମେଷ,କର୍କଟ,ସିଂହ,କନ୍ୟା,ବିଛା,ଧନୁ,ମକର ଓ ମୀନ ରାଶିର **ଘାତ ଚନ୍ଦ୍ର-**ତୁଳା ରାଶିର **ଶ୍ରାଦ୍ଧନିର୍ଣ୍ଣୟ-**ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ ଓ ମସୁରଡାଲି ସଂଘ୬।୫୪ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୮।୩୫ ଗତେ ଦିଘ ୧୦।୩୦ ମଧ୍ୟେ ଦିଘ୧।୦୩ଗତେ ଦିଘ୧।୨୦ ମଧ୍ୟେ। ପର୍ବୋତ୍ସବ-ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ।



JSW JFE

JSW JFE Steel Limited

(Formerly Known as JSW Sambalpur Steel Limited)

ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀ

# ଆଗକୁ ବଢୁଥିବା ପଦକ୍ଷେପ ସାଥିରେ ଅଧିକ ଶକ୍ତିଶାଳୀ




**ବାମରୁ ଡାହାଣ:** ଶ୍ରୀ ଜୟନାରାୟଣ ମିଶ୍ର, ମାନ୍ୟବର ବିଧାୟକ – ସମ୍ବଲପୁର, ଶ୍ରୀ ଟଙ୍କଧର ତ୍ରିପାଠୀ, ମାନ୍ୟବର ବିଧାୟକ – ଝାରସୁଗୁଡା, ଶ୍ରୀ ରବି ନାରାୟଣ ନାୟକ, ମାନ୍ୟବର ଗ୍ରାମୀଣ ବିକାଶ, ପଞ୍ଚାୟତୀ ରାଜ ଓ ପାନୀୟ ଜଳ ମନ୍ତ୍ରୀ, ଓଡିଶା, ଶ୍ରୀ ସୁରେଶ ପୁଜାରୀ, ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡିଶା, ମହାମହିମ ଶ୍ରୀ ଓନୋ କେଇଚି, ଭାରତରେ ଜାପାନର ରାଜଦୂତ, ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଭାରତ ସରକାର, ଶ୍ରୀ ମୋହନ ଚରଣ ମାଝି, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା, ଶ୍ରୀ ସଜ୍ଜନ ଜିନ୍ଦଲ, ଅଧକ୍ଷ, JSW Group, ଶ୍ରୀ ଯୋଶିହିସା କିତାନୋ, ପ୍ରେସିଡେଣ୍ଟ ଓ CFO, JFE Holdings, Inc., ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟ ଶାସନ ସଚିବ, ଓଡିଶା, ଶ୍ରୀ ପାର୍ଥ ଜିନ୍ଦଲ, MD, JSW Cement ଓ JSW Paints ଏବଂ ଅଧକ୍ଷ, JSW Dulux, ଶ୍ରୀ ଜୟନ୍ତ ଆଚାର୍ଯ୍ୟ, JMD ଓ CEO, JSW Steel, ଶ୍ରୀ ହିରୋୟୁକି ଓଗାୱା, ବୋର୍ଡ ଅଫ ଡାଇରେକ୍ଟର, JFE Steel Corporation

## ଭାରତର ଇସ୍ପାତ ଭବିଷ୍ୟତକୁ ଶକ୍ତି ଦେବା ପାଇଁ JSW Steel ଏବଂ JFE Steel ଏକତ୍ର - ଓଡ଼ିଶାରେ 10 MTPA କ୍ଷମତା ର ଏକ ପରିକଳ୍ପନା

ବିଶ୍ୱର ଶ୍ରେଷ୍ଠ ଇସ୍ପାତ ନିର୍ମାତା ମାନଙ୍କ ମଧ୍ୟରୁ ଦୁଇଟି, JSW Steel ଏବଂ JFE Steel ମଧ୍ୟରେ ଏକ ଯୁଗାନ୍ତକାରୀ 50:50 ମିଳିତ ଉଦ୍ୟୋଗ ।

ଓଡ଼ିଶାର ସମ୍ବଲପୁର ରେ ଅବସ୍ଥିତ ଏହି କାରଖାନାର କ୍ଷମତା 4.5 MTPA ରୁ 10 MTPA ଓ ଅଧିକ ପର୍ଯ୍ୟନ୍ତ ବୃଦ୍ଧି ପାଇବ ଯାହା ହଜାର ହଜାର ନିଯୁକ୍ତି ଓଡ଼ିଶାକୁ ଏକ ସମୃଦ୍ଧ ଶିଳ୍ପ ପରିସଂସ୍ଥାନ ଭାବେ ସୁଦୃଢ଼ କରିବ

**ଏକ ଅଧିକ ଶକ୍ତିଶାଳୀ ଆତ୍ମନିର୍ଭର ଭାରତ ଗଢିବା ଦିଗରେ ଆଉ ଏକ ପଦକ୍ଷେପ ।**



ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ମହାସାଗର ଉତ୍ତାପ ବଢ଼ିବାରେ ଲାଗିଛି

ମହାସାଗର ତାପମାତ୍ରା ବୃଦ୍ଧି ହେବାରେ ଲାଗିଛି ଯେଉଁଥିପାଇଁ ବିଶ୍ୱସ୍ତରରେ ପ୍ରମୁଖ ଉପକୂଳବର୍ତ୍ତୀ ସହରଗୁଡ଼ିକରେ ସମୁଦ୍ର-କୂଳିଆ ଥଣ୍ଡା ପବନ ୪୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି । ଏହି ହ୍ରାସ ଯୋଗୁଁ ସମୁଦାୟ ପ୍ରାକୃତିକ ବ୍ୟବସ୍ଥା ନଷ୍ଟ ହେବାକୁ ବସିଲାଣି। ଉପକୂଳବର୍ତ୍ତୀ ମହାନଗରରେ, ଦୈନିକ ପବନ ଦିନେ ସମୁଦ୍ର ଓ ଭୂଭାଗ ମଧ୍ୟରେ ଏକ ଆନୁମାନିକ କ୍ରମରେ ପ୍ରବାହିତ ହେଉଥିଲା । ଏବେ ଗରମ ଋତୁରେ ସେହି ଚକ୍ର ସୃଷ୍ଟି କରିବାରେ ଏହା ବିଫଳ ହେଉଛି । ଏହି ପରିବର୍ତ୍ତନ ଉପରେ ନଜର ରଖିଥିବା ତିଆନଜିନ ବିଶ୍ୱବିଦ୍ୟାଳୟର ଗବେଷକ ୟୁନଟିଙ୍ଗ ସିୟାଓ କହିଛନ୍ତି, ମହାସାଗର ନିକଟସ୍ଥ ଅଞ୍ଚଳ ଉତ୍ତପ୍ତ ହେବା ଦ୍ୱାରା ଜନବସତିପୂର୍ଣ୍ଣ ସହରାଞ୍ଚଳରେ ପହଞ୍ଚୁଥିବା ଥଣ୍ଡା ପବନ ହ୍ରାସ ପାଉଛି । ମଧ୍ୟ-ଅକ୍ଷାଂଶରେ ଥିବା ସହରମାନଙ୍କରେ ଏହି କ୍ଷତି ଅତି ଗମ୍ଭୀର ଥିଲା । ଲଣ୍ଡନ, ନ୍ୟୁୟର୍କ ଓ ଶଂଘାଇ ଭଳି ସ୍ଥାନରେ ଥଣ୍ଡା ପବନ ହ୍ରାସ ପାଇବା ସହିତ ଉତ୍ତାପ ବୃଦ୍ଧି ପାଇଥିବା ଦେଖାଗଲା । ଏହି ହ୍ରାସ ଦୈନନ୍ଦିନ ଜଳବାୟୁ ପ୍ରଣାଳୀରେ ଏକ ବଡ଼ ବ୍ୟବଧାନର ସଙ୍କେତ ଦେଉଛି, ଯାହା ଦିନେ ଉତ୍ତାପ ନିୟନ୍ତ୍ରଣ କରୁଥିଲା, ପ୍ରଦୂଷଣ ଦୂର କରୁଥିଲା ଏବଂ ଉପକୂଳବର୍ତ୍ତୀ ସହରାଞ୍ଚଳ ପରିବେଶକୁ ସ୍ଥିର ରଖିବାରେ ସାହାଯ୍ୟ କରିଥିଲା । ସମୁଦ୍ର-ଭୂଭାଗ ପବନ ମହାସାଗର ଓ ଭୂଭାଗ ମଧ୍ୟରେ ଏକ ଦୈନନ୍ଦିନ ପବନ ଚକ୍ର ଯାହା ଦିନରେ ଆରମ୍ଭ ହୁଏ । ଭୂମିରେ ଉତ୍ତପ୍ତ ବାୟୁ ଉପରକୁ ଉଠିଲେ ଲଘୁଚାପ ସୃଷ୍ଟି ହୁଏ ଏବଂ ଥଣ୍ଡା ସାମୁଦ୍ରିକ ବାୟୁ ଏହାର ସ୍ଥାନ ନେଇ ନିମ୍ନ ଭାଗରେ ପ୍ରବାହିତ ହୁଏ । ରାତିରେ ଜଳ ଅପେକ୍ଷା ଭୂପୃଷ୍ଠ ଶୀଘ୍ର ଥଣ୍ଡା ହୁଏ ଏବଂ ସୂର୍ଯ୍ୟାସ୍ତ ପରେ ପବନ ପ୍ରାୟତଃ ସମୁଦ୍ର ଅଭିମୁଖେ ଫେରିଯାଏ । ଏହି ଦୈନନ୍ଦିନ ଆଦାନପ୍ରଦାନ ଯେତେବେଳେ ଦୁର୍ବଳ ହୁଏ, ସହରଗୁଡ଼ିକ ଉତ୍ତାପ, ଆର୍ଦ୍ରତା ଓ ପ୍ରଦୂଷଣକୁ ଦୂର କରୁଥିବା ପ୍ରାକୃତିକ ପ୍ରକ୍ରିୟାକୁ ହରାଇ ଦିଅନ୍ତି । ମହାସାଗର ଉଷ୍ଣତା ବୃଦ୍ଧି ଉତ୍ତପ୍ତ ଭୂମି ଓ ଅପେକ୍ଷାକୃତ ଥଣ୍ଡା ଜଳ ମଧ୍ୟରେ ଦିନବେଳାର ବ୍ୟବଧାନକୁ ହ୍ରାସ କରି ଉପକୂଳବର୍ତ୍ତୀ ପବନକୁ ଦୁର୍ବଳ କରେ । ଏହି ବ୍ୟବଧାନ ତାପୀୟ ବିଷମତା ସୃଷ୍ଟି କରେ । ତାପମାତ୍ରାରେ ଏହି ଭିନ୍ନତା ସମୁଦ୍ର କୂଳରେ ପବନକୁ ପ୍ରତିଦିନ ଆଗକୁ ବଢ଼ିବାକୁ ଶକ୍ତି ପ୍ରଦାନ କରେ । ଅଧିକ ପ୍ରଭାବିତ ସହରମାନଙ୍କରେ ଅଧ୍ୟୟନ ନିଜର ମଡେଲରେ ସମୁଦ୍ର-ଭୂଭାଗ ପବନକୁ ତାପମାତ୍ରା ହ୍ରାସ ପାର୍ଥକ୍ୟ ସହ ଯୋଡ଼ିଥିଲା । ଅଟ୍ଟାଳିକାଗୁଡ଼ିକ ପବନକୁ ଅବରୁଦ୍ଧ କରିପାରନ୍ତି, କିନ୍ତୁ ଅଧ୍ୟୟନରେ ସହର ଅପେକ୍ଷା ମହାସାଗର ଉତ୍ତାପ ସଙ୍କେତ ଅଧିକ ମଜଭୁତ ଜଣାପଡ଼ିଥିଲା । ନ୍ୟୁୟର୍କ ଓ ଲିସ୍‌ବନ ୧୯୭୦ରୁ ୨୦୧୦ ମସିହା ତୁଳନାରେ ଥଣ୍ଡା ପବନ ପାଇବା ଅବଧିରେ ୩୦ ପ୍ରତିଶତରୁ ଅଧିକ ହ୍ରାସର ସମ୍ମୁଖୀନ ହୋଇଛନ୍ତି । ଲଣ୍ଡନ ଓ ଶଂଘାଇରେ ଥଣ୍ଡା ପବନ ଅବଧି ୪୦ ପ୍ରତିଶତରୁ ଅଧିକ କମିଛି । ଦ୍ୱିପ୍ରହର ସମୟରେ ସମୁଦ୍ରରୁ ଆସୁଥିବା ଥଣ୍ଡା ପବନ ଭୂଭାଗକୁ ଆସିବାର ଅବଧି କମି କମି ଯାଉଛି । ଭାରତ, ମୁମ୍ବାଇ ଓ ମିୟାମି ଏ ମାମଲାରେ ୩ ପ୍ରତିଶତ ହ୍ରାସ ସାମ୍ନା କରିଛନ୍ତି । ନିମ୍ନ-ଅକ୍ଷାଂଶ ଏହି ବିପଦକୁ ଦୂର କରେ ନାହିଁ, କାରଣ ଅଧିକ ଗରମ ମହାସାଗର ଝଡ଼, ବନ୍ୟା ଓ ଅଣନିଃଶ୍ୱାସୀ କଳା ଭଳି ଆର୍ଦ୍ରତାର କାରଣ ହୁଏ । ଉଚ୍ଚ ଅଙ୍ଗାରକ ନିର୍ଗମନ ସ୍ଥିତିରେ ୨୦୫୦ ମସିହା ସୁଦ୍ଧା ସମୁଦ୍ରକୂଳିଆ ଥଣ୍ଡା ପବନ ହ୍ରାସ ୪.୫ ଗୁଣ ବଢ଼ିବାର ଅନୁମାନ କରାଯାଉଛି । ଏହା ଭବିଷ୍ୟତର ସହରୀ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ । ପ୍ରାକୃତିକ ବାୟୁ ପ୍ରବାହ ଚକ୍ରରେ ଏହି ହ୍ରାସର କାରଣ ଅଧିକ ଉଷ୍ଣ ମହାସାଗର ସମୁଦ୍ର ଓ ଭୂମି ମଧ୍ୟରେ ତାପମାତ୍ରା ତାରତମ୍ୟକୁ ହ୍ରାସ କରେ, ଯାହା ଦୈନନ୍ଦିନ ସ୍ଥାନୀୟ ପବନ ଚକ୍ରର ପରିଚାଳନା ନିମନ୍ତେ ଆବଶ୍ୟକ । ସମୁଦ୍ରକୂଳିଆ ଥଣ୍ଡା ପବନ ଦୁର୍ବଳ ହେବା ଦ୍ୱାରା ସହରାଞ୍ଚଳ ଜୀବନଧାରଣ ସ୍ଥିତିକୁ ଆହୁରି ଖରାପ କରିବ । ଥଣ୍ଡା ସମୁଦ୍ର ପବନ ବିନା, ଅର୍ବାନ ହିଟ୍ ଆଇଲାଣ୍ଡ (ୟୁଏଚ୍‌ଆଇ) ପ୍ରଭାବ ଦିନ ସମୟରେ ଅଧିକ ଭୟଙ୍କର ହୋଇଯିବ। ଥଣ୍ଡା ପବନ ପ୍ରଦୂଷଣ ଦୂର କରେ । କିନ୍ତୁ ଦୁର୍ବଳ ପବନ ଯାନବାହନ ଓ ଔଦ୍ୟୋଗିକ ଅଙ୍ଗାରକ ନିର୍ଗମନ ମାତ୍ରା ବଢ଼ାଏ । କେତେକ କ୍ଷେତ୍ରରେ ଅଧିକ ଉଷ୍ଣ ଉପକୂଳବର୍ତ୍ତୀ ଜଳ ଭୂପୃଷ୍ଠ ନିକଟବର୍ତ୍ତୀ ଆର୍ଦ୍ରତା ବୃଦ୍ଧି କରେ, ଯାହା ଦ୍ୱାରା ତାପମାତ୍ରା ଅଧିକ ଚରମ ସ୍ଥିତିରେ ପହଞ୍ଚେ । ଉପକୂଳବର୍ତ୍ତୀ ପବନ ବେଗରେ ନିରନ୍ତର ହ୍ରାସ ସହରୀ ପବନ ଶକ୍ତି ଉତ୍ପାଦନର ସମ୍ଭାବନାକୁ ହ୍ରାସ କରିପାରେ । ଅଙ୍ଗାରକ ନିର୍ଗମନ ମାତ୍ରା ଯଦି ନିରନ୍ତର ବୃଦ୍ଧି ହୋଇଚାଲେ, ଥଣ୍ଡା ପବନ ଦୁର୍ବଳ ହାର ଅତୀତର ହାର ତୁଳନାରେ ୪.୫ ଗୁଣ ଦ୍ରୁତ ହେବ ।

# ପଞ୍ଚସଖା - ଯୁଗର ଆଧ୍ୟାତ୍ମିକ ପୃଷ୍ଠଭୂମି: ଜଗନ୍ନାଥ ଦାସଙ୍କ ଭାଗବତ-୧



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ପଞ୍ଚସଖା ଯୁଗର ଆଧ୍ୟାତ୍ମିକ ପୃଷ୍ଠଭୂମିରେ ଶ୍ରୀଜଗନ୍ନାଥ ହିଁ ମୁଖ୍ୟ ପ୍ରସଙ୍ଗ। ପଞ୍ଚସଖା ସାହିତ୍ୟ ତଥା ଆଧ୍ୟାତ୍ମିକ ଭାବନା; ମୁଖ୍ୟତଃ ଜଗନ୍ନାଥଙ୍କ ଦ୍ୱାରା ସମାଚ୍ଛନ୍ନ। ଶ୍ରୀ ଚୈତନ୍ୟଙ୍କ ଓଡ଼ିଶା ଆଗମନ (ଖ୍ରୀ.ଅ. ୧୫୦୯-୧୫୧୦); ତା'ପରେ ଜଗନ୍ନାଥ କୃଷ୍ଣାଭିମୁଖୀନ; ପରବର୍ତ୍ତୀ ସମୟରେ ମହାବୈଷ୍ଣବରେ ପରିଣତ। ଶ୍ରୀଚୈତନ୍ୟଙ୍କ ପୂର୍ବରୁ ସେ ଥିଲେ ମହାବୁଦ୍ଧ। ପଞ୍ଚସଖା ସାଧକଙ୍କର ଆରାଧନା ପଦ୍ଧତି ଜ୍ଞାନମିଶ୍ରା - ଭକ୍ତିମାର୍ଗ। ସେମାନଙ୍କର ଯୋଗ୍ୟଭିତ୍ତିକ ସାଧନା। ସେଇ ଜଗନ୍ନାଥ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ, ସମ୍ପ୍ରଦାୟର ନୁହନ୍ତି; ସେ ସାର୍ବଜନୀନ। ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ; ସେ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଭାବନା ତଥା ସାଧନାରେ ତଥାପି ଶ୍ରୀଜଗନ୍ନାଥ ପ୍ରତିଷ୍ଠିତ ନ ଥିଲେ। ବଜ୍ରଯାନ, ସହଜଯାନ, ନାଥ, ତନ୍ତ୍ର, ଶାକ୍ତ ପ୍ରଭୃତି ନାନାଦି ଆଧ୍ୟାତ୍ମିକ ଭାବନା, ଏଥିରେ ବହୁ ଦେବଦେବୀ ଉପାସିତ। ଫଳତଃ ଏକ ଅଦ୍ୱୈୟ ପରମେଶ୍ୱର - ଭାବନାର ବିକାଶ। ଏଥିଲାଗି ପାରିପାର୍ଶ୍ୱିକ ଅବସ୍ଥା ଅନୁକୂଳ ନ ଥିଲା, ଆଦିଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ ଏକ ବିଶେଷ ତାତ୍ତ୍ୱିକ ଭିତ୍ତିଭୂମି ସୃଷ୍ଟି କଲା। ଜଗନ୍ନାଥ ବା ଶ୍ରୀକୃଷ୍ଣ ଅବାରିତ୍; ଏହା ଭକ୍ତ ଭାବନା ଦ୍ୱାରା କ୍ରମେ ପ୍ରଣୋଦିତ ହେଲା।

ସୂର୍ଯ୍ୟବଂଶୀ ନରପତି କପିଳେନ୍ଦ୍ର ଦେବଙ୍କ କାଳ। ଏହିଠାରୁ ଜଗନ୍ନାଥ ତତ୍ତ୍ୱର ଅଭିବ୍ୟକ୍ତି ଆଲୋଚନା; ମିଳିଥାଏ ପ୍ରାମାଣିକ ଉପାଦାନ। ଶ୍ରୀଜଗନ୍ନାଥଙ୍କ 'ଜୟ ବିଜୟ' ଶିଳାଲିପିମାନ। ଏଥିରେ ରାଜାଙ୍କର ବିଭିନ୍ନ ଅଭିଲେଖ। ବିଶେଷ ପରିକଳ୍ପିତ, ସୂର୍ଯ୍ୟବଂଶୀ ସମ୍ରାଟଗଣ, ଏମାନେ ଜଗନ୍ନାଥ ପଦାଶ୍ରିତ। ଗଙ୍ଗବଂଶୀ ରାଜାମାନେ ନିଜକୁ ଉତ୍କଳ ସାମ୍ରାଜ୍ୟର ଅଧିଶ୍ୱର ପରିକଳ୍ପନା କରେ; ମାତ୍ର ସୂର୍ଯ୍ୟବଂଶୀ ସମ୍ରାଟମାନେ ଏଥିରେ ବ୍ୟତିକ୍ରମ। ସେମାନେ ନିଜକୁ ଜଗନ୍ନାଥଙ୍କ ରାଉତ ବା ସେବକ ରୂପେ ପ୍ରଚାର କଲେ। ସେପର୍ଯ୍ୟନ୍ତ ଜଗନ୍ନାଥ ମହାବୁଦ୍ଧ ଭାବେ ପରିକଳ୍ପିତ। ତାହାର ସୂଚନା ସାରଳା ଦାସଙ୍କ ମହାଭାରତରେ -

"ନାସା କର୍ଣ୍ଣ ଶ୍ରବଣ ଯେ ନୟନ ନ ଦିଶି/ ଦେଖି ଇନ୍ଦ୍ରଦ୍ୟୁମ୍ନ ମହାବିସ୍ମୟରେ ବସି / ମହାବୌଦ୍ଧ ବିକାଶ ହୋଇଲା ତିନିରେଖା / କର ଚରଣ ପଲ୍ଲବ ନ ଦିନାର ଶିଖା।"

ସେହିପରି ଶ୍ରୀଜଗନ୍ନାଥ ମନ୍ଦିର ସିଂହଦ୍ୱାର। ଏହାର ଉପର ଅଂଶରେ ଖୋଦିତ 'ଦଶାବତାର', ତନ୍ମଧ୍ୟରେ ନବମ ଅବତାର ବୁଦ୍ଧଙ୍କର। ଏହି ଏକେଶ୍ୱର ବୁଦ୍ଧ। ସେ ହେଉଛନ୍ତି 'ଦଧିବାମନ'। ଶଙ୍କରାଚାର୍ଯ୍ୟଙ୍କ ପୁରୀ ଆଗମନ; ତତ୍ପରେ ଶ୍ରୀମନ୍ଦିରରେ ଦିଅଁଙ୍କର ପୂଜାପଦ୍ଧତି ସ୍ମାର୍ତ୍ତରୀତିରେ ଚାଲିଲା।

ବିଶିଷ୍ଟାଦ୍ୱୈତବାଦର ପ୍ରବର୍ତ୍ତକ ରାମାନୁଜ (ଖ୍ରୀ.ଅ. ଦ୍ୱାଦଶ ଶତାବ୍ଦୀର ପ୍ରଥମ ପାଦ) ପୁରୀ ଆସିଲେ, ଜଗନ୍ନାଥ ମନ୍ଦିରରେ ପ୍ରଚଳନ କଲେ ପାଞ୍ଚରାତ୍ର - ପଦ୍ଧତି, ବ୍ୟୂହ, ଅବତାର, ଶକ୍ତି - ଏ ତିନିଟି ପାଞ୍ଚରାତ୍ର ପଦ୍ଧତିରେ ପ୍ରଧାନ ବିଭାଗ। ତାନ୍ତ୍ରିକ ବୌଦ୍ଧଧର୍ମରେ ପଞ୍ଚବୋଧିସତ୍ତ୍ୱ; ତାହା ନିଜ ନିଜ ଶକ୍ତିଙ୍କ ସହ ପ୍ରତିଷ୍ଠାତା ଅନୁରୂପ ଭାବେ ପାଞ୍ଚରାତ୍ର-ପଦ୍ଧତି, ଏଥିରେ ପୁରୁଷ ପ୍ରକୃତି ଭିନ୍ନ, ପୁନଶ୍ଚ ଅଭିନ୍ନ ଭାବେ ପରିକଳ୍ପିତ, ଅନୁରୂପ ଭାବେ ବୈଷ୍ଣବାଚାର୍ଯ୍ୟ ବିଷ୍ଣୁସ୍ୱାମୀ, ନିମ୍ବାର୍କ, ରାୟ ରାମାନନ୍ଦ, ମାଧବାଚାର୍ଯ୍ୟ - ଏମାନଙ୍କର ପୁରୀ ଆଗମନ ହେଲା।

ଶ୍ରୀଜଗନ୍ନାଥଙ୍କ ବୈଷ୍ଣବ ବିବର୍ତ୍ତନ - ଏ ଦିଗରେ ଏମାନଙ୍କ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ। ସେମାନେ ବହୁ ସମ୍ମାନାସ୍ପଦ ଆଚାର୍ଯ୍ୟ। ଏମାନଙ୍କ ବ୍ୟତୀତ ଅଦ୍ୱୈତ, ନିତ୍ୟାନନ୍ଦ, ଯବନ ହରିଦାସ ପ୍ରମୁଖ - ପୁରୀ ଆସିଲେ; ମାତ୍ର ଶ୍ରୀଜଗନ୍ନାଥ ଧର୍ମରେ ଏମାନଙ୍କର ଉଲ୍ଲେଖଯୋଗ୍ୟ ପ୍ରଭାବ ନ ଥିଲା।

ଓଡ଼ିଶା ଧର୍ମଧାରାରେ ହଠଯୋଗ ବା କାୟା ସାଧନାର ବିଶେଷ ପ୍ରଭାବ ଥିଲା। କବି ସାରଳା ଦାସ ଏହାକୁ ଶ୍ରେଷ୍ଠ ଯୋଗସାଧନା ରୂପେ ବର୍ଣ୍ଣନା କଲେ। ପରବର୍ତ୍ତୀ କାଳର ପଞ୍ଚସଖା, ସେମାନଙ୍କ ଆଧ୍ୟାତ୍ମିକ ସାହିତ୍ୟରେ ଏହି ସାଧନା ବହୁ ରୀତି; ତାହା ଆଙ୍ଗିକ ତଥା ସୂଚନାରେ ବର୍ଣ୍ଣିତ। ଏ ପ୍ରକାର ସାଧନା ପଦ୍ଧତି ସହଜ-ଚର୍ଯ୍ୟାପଦ ସହିତ ନାଥ ସାହିତ୍ୟରେ ପରିଲକ୍ଷିତ। ଗୋରେଖନାଥଙ୍କ 'ସପ୍ତାଙ୍ଗ ଯୋଗ ସାଧନା'। ଏଥିରେ ଭକ୍ତିଯୋଗ ସାଧନା ବର୍ଣ୍ଣିତ, "ଇଁଏଳା ପିଙ୍ଗଳା ଯେ ସୁଷୁମ୍ନା ନାଡ଼ି ତିନି / ଉଦୟ ଯେ ହୋଇଛନ୍ତି ସାତବାର ଘେନି / +++ / ଇଏଁଳା ଉଦୟେ ସୋମମଣ୍ଡଳ ସୁମର / ତିନିବାର ଜପପୁତା ଭେଟ ନିଶାକର / ଏ ବେନି ସଙ୍ଗମ ପୁତା ସୁଷୁମ୍ନାର ଭେଟ / ଶୂନ୍ୟ ମେରୁ ବୋଲି ତାକୁ ଅଚଳ ତ୍ରିକୂଟ / ତିଥିର ଉପରେ ପୁତା ବ୍ରହ୍ମରନ୍ଧ୍ର ଦ୍ୱାର / ତଳଚର୍ମ ପ୍ରାୟ ପୁତା କବାଟ ସେଠାର।" ଉତ୍କଳୀୟ ଆଧ୍ୟାତ୍ମିକ ଭାବନା, ତନ୍ମଧ୍ୟରେ ଯୋଗାଚାର, ପିଣ୍ଡ ବ୍ରହ୍ମାଣ୍ଡ ସାଧନା ଅତୀବ ଗୁରୁତ୍ୱପୂର୍ଣ୍ଣ। ଏହା ସତ୍ତ୍ୱେ, ରାଧାକୃଷ୍ଣ ମିଶ୍ରିତ ସହଜିଆ ପ୍ରେମଭକ୍ତି ଭାବନା ବଳବତ୍ତର ଥିଲା, ଜୟ ଦେବଙ୍କ 'ଗୀତିଗୋବିନ୍ଦ' ଏହାର ସୁସ୍ପଷ୍ଟ ନମୁନା। ଏତଦ୍‌ଭିନ୍ନ କାଞ୍ଚିରୁ ପୁରୁଷୋତ୍ତମଦେବ ଆଣିଲେ ସାକ୍ଷିଗୋପାଳ ମୂର୍ତ୍ତି, ତାହା କଟକର ବାରବାଟିରେ ପୂଜା ପାଉଥିଲେ। ଶ୍ରୀଚୈତନ୍ୟ ଦେବଙ୍କ ପୁରୀ ଆଗମନ ପୂର୍ବକଥା। ପ୍ରେମଧର୍ମର ଓଡ଼ିଶାରେ କ୍ଷୀଣ ସୂତ୍ରପାତ; ମାତ୍ର ତାହା ଜନସମାଜରେ ନିନ୍ଦିତ ଥିଲା। ସାରଳାଙ୍କ ବର୍ଣ୍ଣିତ ସହଜ ସୁନ୍ଦରୀ, ଅନିକାର ଜନ୍ମବୃତ୍ତାନ୍ତ ଏହାର ସ୍ପଷ୍ଟ ପ୍ରମାଣ। କୃଷ୍ଣଦାସ କବିରାଜ ଗୋସ୍ୱାମୀଙ୍କର ଚୈତନ୍ୟ ଚରିତାମୃତ। ଏଥିରେ ପ୍ରେମଧର୍ମକୁ ବିଦ୍ରୂପ କରାଯାଇଛି; "ଅଲୌକିକ ବାକ୍ୟ ଚେଷ୍ଟା ତା'ର ନ ବୁଝିୟା / ପରିହାସ କରିଯାଛି ତାରେ ବୈଷ୍ଣବ ଜାନିୟା / ତୋମାର ପ୍ରସାଦ ଇବେ ଜାନିନୁ ତା'ର ତତ୍ତ୍ୱ / ସମ୍ଭାଷିଲେ ଜାନିବେ ତା'ର ଯେ ମନ ମହତ୍ତ୍ୱ।" ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାୟ ରାମାନନ୍ଦଙ୍କ ପ୍ରେମଭକ୍ତି ତତ୍ତ୍ୱକୁ ସହଜରେ ଗ୍ରହଣ କରାଯାଇ ନ ଥିଲା। ଶ୍ରୀଚୈତନ୍ୟ ଦେବ ପ୍ରେମଭକ୍ତିର ପ୍ରଚାରକ; ମାତ୍ର ତାଙ୍କ ପୁରୀ ଆଗମନ, ପୁରୁଷୋତ୍ତମରେ ରହଣି ବୈଷ୍ଣବ ଧର୍ମରେ ସୃଷ୍ଟିକଲା ତୀବ୍ର ଆଲୋଡ଼ନ।

ଗୌଡ଼ୀୟ ଭକ୍ତ ମଣ୍ଡଳୀଙ୍କ ଦ୍ୱାରା ଶ୍ରୀଚୈତନ୍ୟ ସାକ୍ଷାତ ବିଷ୍ଣୁ ବା ବିଷ୍ଣୁବତାର। ଚୈତନ୍ୟଙ୍କର ପୂର୍ବସୁରୀଙ୍କ ମଧ୍ୟରେ ଅଦ୍ୱୈତାଚାର୍ଯ୍ୟ ଅଗ୍ରଗଣ୍ୟ। ସେ କୃଷ୍ଣଙ୍କୁ ସର୍ବଜନ ଚକ୍ଷୁରେ ଗୋଚର କରିବେ। ଶ୍ରୀକୃଷ୍ଣ ଅବତାର ଗ୍ରହଣ କରିବେ, ନ ହେଲେ ସେ ନିଜେ ଶ୍ରୀକୃଷ୍ଣଙ୍କର ଅବତାର ହେବେ। ଏ ଥିଲା ଅଦ୍ୱୈତଙ୍କ ପ୍ରତିଜ୍ଞା; ଏହାର ଫଳ ସ୍ୱରୂପ ଶ୍ରୀକୃଷ୍ଣଙ୍କର ଚୈତନ୍ୟ ଅବତାର। ଏହା ଗୌଡ଼ୀୟ ବୈଷ୍ଣବଙ୍କର ମତ, ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀଚୈତନ୍ୟଙ୍କ ପୁରୀ ଆଗମନ; ସୃଷ୍ଟିହେଲା ମହାପ୍ଲାବନ। ତାଙ୍କ ଆଗମନ ପୂର୍ବ କଥା, ପଞ୍ଚସଖା ସାଧକଗଣ, ସିଦ୍ଧ ସାଧକ ଥିଲେ। ଶ୍ରୀଚୈତନ୍ୟଙ୍କ ବହୁ ପୂର୍ବରୁ ଉତ୍କଳୀୟ ଧର୍ମଧାରାରେ 'ମାଧବ ପୂଜା' ଥିଲା। ତତ୍ ସହିତ ବୈଷ୍ଣବ ଧର୍ମର ଏକ ମହାନ ପରମ୍ପରା ଅତୁଟ ଥିଲା। ରାୟ ରାମାନନ୍ଦ ରାଗାନୁଗା ଭକ୍ତିମାର୍ଗୀ ଥିଲେ। ରାୟ ରାମାନନ୍ଦ, ଚୈତନ୍ୟ - ଉଭୟ ଶିଷ୍ୟ ପରମ୍ପରାରେ ମାଧପନ୍ଥୀ ସାଧକ। ଏ ପରିପ୍ରେକ୍ଷୀରେ ଚୈତନ୍ୟ ପ୍ରେମଧର୍ମର ପ୍ରବକ୍ତା ହେବା ସ୍ୱାଭାବିକ। ରାୟ ରାମାନନ୍ଦଙ୍କ ପାଇଁ ଗୋପୀକାଭକ୍ତିର ଶ୍ରେଷ୍ଠସ୍ଥାନ - "ଅତଏ ଗାପୀଭାବ କରି ଅଙ୍ଗୀକାର / ରାତ୍ରଦିନେ ଚିନ୍ତେ ରାଧାକୃଷ୍ଣେର ବିହାର।" ତାଙ୍କ ପାଇଁ ରାମକୃଷ୍ଣ ଅବତାରୀ - "ଈଶ୍ୱର ପରମକୃଷ୍ଣ ସ୍ୱୟଂ ଭଗବାନ / ସର୍ବ ଅବତାରୀ, ସର୍ବକାରଣ ପ୍ରଧାନ।" ପଞ୍ଚସଖା ସାଧକଙ୍କ ପାଇଁ ରାଧାପ୍ରେମର ଢେର ଗୁରୁତ୍ୱ; ମାତ୍ର ରାୟରାମନନ୍ଦ ଅନୁସୃତ ଭକ୍ତିଠାରୁ ସ୍ୱତନ୍ତ୍ର। ଗୌଡ଼ୀୟ ଗୋସ୍ୱାମୀ ଚୈତନ୍ୟଙ୍କର ନିକଟ ସମ୍ପର୍କରେ ଆସିଲେ ପଞ୍ଚସଖା; ମାତ୍ର ସେମାନଙ୍କ କଥା ତାଙ୍କ ସ୍ୱକୀୟ ଗ୍ରନ୍ଥରେ କିଛି ଉଲ୍ଲେଖ ନାହିଁ। ପଞ୍ଚସଖା ଏକ ଅପୂର୍ବ ସମନ୍ୱୟଧର୍ମୀ ଧର୍ମଭାବନାର ପ୍ରଚାରକ। ଏଥିରେ ବୌଦ୍ଧସାଧନା, ନାଥ ସାଧନା, ଶକ୍ତି ଭାବନା, ରାମକୃଷ୍ଣ - ସମସ୍ତେ ଏକ ଏକାକାର।

ପଞ୍ଚସଖା ନା ସଖାହୀନ ପଞ୍ଚସଖା - ଏ ଏକ ବିବାଦମାନ ପ୍ରସଙ୍ଗ। ଜଗନ୍ନାଥ ଦାସ, ବଳରାମ ଦାସ - ଏମାନଙ୍କର କେତେକ ରଚନା, ଏଥିରେ ପଞ୍ଚସଖା କଥା ପ୍ରକାଶିତ। ଜଗନ୍ନାଥ ଦାସ ଲେଖିଲେ, "ସଂଶୟ ଛେଦନ ପଞ୍ଚରତ୍ନ ପାଦୁକାରେ ବର୍ଣ୍ଣିତ। ଅଚ୍ୟୁତ ଚଳିଲେ ନେମ୍ବାଳ ବନକୁ ମନେ ଆନନ୍ଦ ହୋଇଣ / ଦାଶ ଯଶୋବନ୍ତ ଅନନ୍ତଙ୍କୁ ଘେନି ବଳରାମ ସଙ୍ଗେ ଜାଣ / ଦାସ ଜଗନ୍ନାଥ ମନଯାନେ ଚଢ଼ି କୁରୁକ୍ଷେତ୍ରେ ପରବେଶ / ସଂଶୟ ଛେଦ ପଞ୍ଚରତ୍ନ ପାଦୁକା ଭଣେ ଦାସ ଜଗନ୍ନାଥ / ପୁନଶ୍ଚ ଭକ୍ତି ଚନ୍ଦ୍ରିକାରେ ବର୍ଣ୍ଣିତ, "ନୀଳାଞ୍ଚଳେ ରାଜା ପ୍ରତାପରୁଦ୍ର ଯେ କ୍ଷେତ୍ରାଧିପ ମହୀପାଳ / ଯେହାଙ୍କ ନବ ଅଙ୍କେ ଭକ୍ତ ଜନମ ପଦ୍ମବନ ଛତ୍ର ପୂରି / ମୋହାନିତ୍ୟ ସେବା ପଞ୍ଚସଖା ଶାଖା ମହିମା ବିସ୍ତାର କରି।" ଅନୁରୂପ ଭାବରେ ଜଗନ୍ନାଥ ଦାସଙ୍କ 'ଇନ୍ଦ୍ରଗୋବିନ୍ଦ ଗୀତା' କହେ, "ଏକଥା କେହି ନ ଜାଣିବେ ଆଉ ପଞ୍ଚସଖା ଯେ ଥିବେ ଯେ ସାଙ୍ଗରେ / ଏସବୁ ପଞ୍ଚସଖା ଯେ ସମସାମୟିକ।" ତାହା ଉକ୍ତ ବର୍ଣ୍ଣନାରୁ ସ୍ପଷ୍ଟ।

ଓଡ଼ିଆ ଭକ୍ତିଯୁଗର ଜ୍ଞାନମିଶା ଭକ୍ତିଧାରାର ଶ୍ରେଷ୍ଠସାଧକ ପଞ୍ଚସଖା। ସମସ୍ତେ ଦାସ ସଂଜ୍ଞାଧାରୀ। ବୈଷ୍ଣବ ଜନୋଚିତ ବିନୟଭାବ ପ୍ରଦର୍ଶନ; ସେଥିପାଇଁ ସିଦ୍ଧ ପଞ୍ଚସଖାଙ୍କର କୁଳୋଚିତ ସଞ୍ଜ୍ଞା ପରିହାର। ପ୍ରଭୁଙ୍କ ଦାସ ଭାବେ ସେମାନେ ପରିଚିତ। କେବଳ ବ୍ରହ୍ମଜ୍ଞାନୀମାନେ, ଆପଣାକୁ ଦାସ ଭାବରେ ଚିତ୍ରିତ କରନ୍ତି। ଏ କଥାଟି କହିଲେ ସନ୍ଥ ଅଚ୍ୟୁତାନନ୍ଦ ଦାସ। ଏ ସମସ୍ତ ପାଞ୍ଚଜଣ ଯାକ ସାଧକ ଚୈତନ୍ୟଙ୍କ ସମସାମୟିକ। ପଞ୍ଚସଖାଙ୍କ ଚିତା ମନ୍ତ୍ର - ଭିନ୍ନ ଭିନ୍ନ, ବଳରାମଙ୍କ ମନ୍ତ୍ର କୃଷ୍ଣମନ୍ତ୍ର, ଜପ ଥିଲା ଅଜପା, ନାସାର୍ଦ୍ଧରୁ କେଶ ଯାଏ ତାହା ସୁଶୋଭିତ। ଅଚ୍ୟୁତାନନ୍ଦଙ୍କ ମନ୍ତ୍ର ଥିଲା ରାଜମନ୍ତ୍ର, ଜପଶୂନ୍ୟ, ସମାଧି ତୁରୀୟ। ଯଶୋବନ୍ତଙ୍କ ଶ୍ୟାମ ମନ୍ତ୍ର, ଜପ ଅବନା, ନାସାର୍ଦ୍ଧରେ ତାଙ୍କର ତିଳକ ଗ୍ରହଣ। ଅନନ୍ତ ବା ଶିଶୁ ଅନନ୍ତଙ୍କର ମନ୍ତ୍ର ଗୋପାଳ ମନ୍ତ୍ର, ଜପ ଏକାକ୍ଷର, ତିଳକ ଉର୍ଦ୍ଧ୍ୱ ପୁଣ୍ଡରୀକ। ପଞ୍ଚସଖାଙ୍କ ଭିତରେ ଏହା ଆପାତ ପାର୍ଥକ୍ୟ; ତଥାପି ସେମାନେ ସମଧର୍ମୀ ସାଧକ ପଞ୍ଚସଖା। ଏହାର ନେପଥ୍ୟରେ ବଳିଷ୍ଠ କାରଣଟିଏ, ଏମାନଙ୍କ ମତବାଦରେ ଏକ ତଥା ଅଭିନ୍ନତା ସ୍ପଷ୍ଟ। ଅଜପା, ଅଣାକାର, ଶୂନ୍ୟ, ଏକାକ୍ଷର, ଅବନା - ଏସବୁ ଶବ୍ଦ ଶୂନ୍ୟବ୍ୟଞ୍ଜକ; ଶୂନ୍ୟର ପରିଭାଷା ବି। ଏମାନଙ୍କର ବାହ୍ୟମନ୍ତ୍ର ବା ସଂକୀର୍ତ୍ତନ - ମନ୍ତ୍ର ରାଧା ବା କୃଷ୍ଣ ବ୍ୟଞ୍ଜକ, ଏହା ସତ୍ତ୍ୱେ; ଗୁହ୍ୟମନ୍ତ୍ର ବା ଜପମନ୍ତ୍ର ସେମାନଙ୍କର ଶୂନ୍ୟ ବ୍ୟଞ୍ଜକ। ତନ୍ତ୍ରସାଧନରେ ବାହ୍ୟମନ୍ତ୍ର, ଗୁହ୍ୟମନ୍ତ୍ରରେ - ପରସ୍ପରରେ ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ। ବୀଜମନ୍ତ୍ର ମଧ୍ୟ ଏକ, ପରସ୍ପର ଅଭିନ୍ନ। ଏହା ଦ୍ୱାରା ସାଧକର ସିଦ୍ଧିଲାଭ।

ଚୈତନ୍ୟଙ୍କ ପ୍ରେମଧର୍ମ ରାଜଧର୍ମରେ ପରିଣତ; ଏ ଥିଲା ପଞ୍ଚସଖାଙ୍କ ପାଇଁ ଏକ କଠିନ ଆହ୍ୱାନ। ରାଜା ପ୍ରତାପରୁଦ୍ରଦେବ ଏହି ଧର୍ମରେ ଦୀକ୍ଷିତ, ରାଜ ପୃଷ୍ଠପୋଷକତା ଲାଭପରେ 'ପ୍ରଚ୍ଛନ୍ନ ବୌଦ୍ଧ' ରୂପେ ବିବେଚିତ, ଶୂନ୍ୟସାଧକ ପଞ୍ଚସଖା ନିନ୍ଦିତ। ରାଜଧର୍ମ ସହ ସାଲିସ କରିବାକୁ ବାଧ ହେଲେ। ଶୂନ୍ୟସାଧନା ପନ୍ଥାଟିଏ ସେ ସମୟରେ ବହୁ ଭାବେ ରାଜପୀଡ଼ନର ସମ୍ମୁଖୀନ - ଏକଥାଟି କିମ୍ବଦନ୍ତୀରେ ସ୍ଥାନିତ। ଏ ପରିପ୍ରେକ୍ଷୀରେ ମହାବୌଦ୍ଧ ଜଗନ୍ନାଥ ଗୋପ୍ୟ ହେଲେ, ପରିଣତ ହେଲେ ଜଗନ୍ନାଥରେ। ଶୂନ୍ୟବାଦୀମାନେ ମହାବିଷ୍ଣୁରୂପୀ ଜଗନ୍ନାଥଙ୍କୁ ଧରି ବୈଷ୍ଣବ ରୂପରେ ପରିଗଣିତ। ସେଇଥିପାଇଁ ସେମାନଙ୍କର ବାହ୍ୟମନ୍ତ୍ର, ଗୁହ୍ୟମନ୍ତ୍ର ପରସ୍ପର ପୃଥକ। ବାହ୍ୟତଃ ସେମାନେ ରାଧାକୃଷ୍ଣଙ୍କୁ ଗ୍ରହଣ କଲେ। ଚୈତନ୍ୟଙ୍କ ନାମ ସଂକୀର୍ତ୍ତନ ନୁହେଁ; ଯୋଗ, ପ୍ରାଣାୟାମ ସେମାନଙ୍କ ସାଧନାର ଧାରା, ଏମାନେ ଯତି - "ପ୍ରଚ୍ଛନ୍ନ ବୌଦ୍ଧ"। ଗୌଡ଼ୀୟ ବୈଷ୍ଣବମାନେ ପ୍ରଚ୍ଛନ୍ନ ସହଜିଆ। ସେମାନେ ନ ଥିଲେ ବୈଷ୍ଣବ।

ପଞ୍ଚସଖାମାନେ ଶୂନ୍ୟବାଦୀ। ସେମାନଙ୍କ ସାହିତ୍ୟରେ ଶୂନ୍ୟପୁରୁଷ, ଅଲେଖ, ନିରଞ୍ଜନ - ଏ ସମସ୍ତ ଭିନ୍ନ ଭିନ୍ନ ନାମରେ ପରିଚିତ, ଶୂନ୍ୟବାଦର ମୂଳଉତ୍ସ, ବୌଦ୍ଧଧର୍ମର ନିର୍ବାଣ ମଧ୍ୟରେ ନିହିତ ଅସ୍ତିତ୍ୱର ବିଲୋପ, କିନ୍ତୁ ନିର୍ବାଣ ନୁହେଁ ରାଜାନୁଗ୍ରହିତ ସ୍ୱାଦ୍ୟ ପ୍ରେମଭକ୍ତିର ପ୍ରାବଲ୍ୟ। ଆତ୍ମରକ୍ଷା ପାଇଁ ବୈଷ୍ଣବଙ୍କର ପ୍ରଚେଷ୍ଟା। ଘେନିଲେ ବୈଷ୍ଣବ-ଚିତା-ତିଳକ, ବାହାରେ ବାହାରେ ମନ୍ତ୍ର ଉଚ୍ଚାରଣ; ମାତ୍ର 'ଶୂନ୍ୟ' ହିଁ ସେମାନଙ୍କର ଆରାଧ୍ୟ, ଈପ୍ସିତ ଦେବତା, ପଞ୍ଚସଖା ମାନଙ୍କର ଶୂନ୍ୟସାଧନା, ଚୈତନ୍ୟଙ୍କ ଆଗମନ କାଳକୁ ତାହା ଯୋଗ, ତନ୍ତ୍ର, ମନ୍ତ୍ର ଦ୍ୱାରା ପ୍ରଭାବିତ। ପ୍ରାଚୀ ତଟବର୍ତ୍ତୀ 'ଦଣ୍ଡକାରଣ୍ୟ' ଶୂନ୍ୟ ସାଧକଙ୍କ ସାଧନାପୀଠ - ଏ କଥା ଲେଖିଥିଲେ ଅଚ୍ୟୁତାନନ୍ଦ ଦାସ। (କ୍ରମଶଃ....)

# ବ୍ୟକ୍ତି ଅସ୍ମିତା



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

'ଅସ୍ମିତା' ଶବ୍ଦଟିକୁ 'ସ୍ୱାଭିମାନ' ଅର୍ଥରେ ବ୍ୟବହାର କରାଯାଏ। ଆଜିକାଲି ୟା'ର ବହୁଳ ବ୍ୟବହାର। ଓଡ଼ିଆ ଜାତିର ଅସ୍ମିତା କହିଲେ ଓଡ଼ିଆ ଜାତିର ସ୍ୱାଭିମାନ। ଦିନ ଥିଲା ମଧୁସୂଦନ ଦାସ କଂଗ୍ରେସରୁ ଇସ୍ତଫା ଦେଇ 'ଉତ୍କଳ ସମ୍ମିଳନୀ' ଗଢ଼ିଥିଲେ, ଗୋପବନ୍ଧୁ ଚୌଧୁରୀ ମାଜିଷ୍ଟ୍ରେଟ୍ ଚାକିରି ଛାଡ଼ି ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ, ଏସବୁ ଥିଲା ସେମାନଙ୍କ ଅସ୍ମିତାର ପରିଚୟ। ଜଣେ ଜଣେ ବ୍ୟକ୍ତିଙ୍କର ଅସ୍ମିତା ଗୋଟେ ଗୋଟେ ଜାତିର ଅସ୍ମିତାକୁ ସୂଚାଇ ଦେଉଥିଲା । ଆଜିକାଲି ସ୍ୱାଭିମାନହୀନ କିଛି ବ୍ୟକ୍ତି ସ୍ୱାଭିମାନର କଥା ବେଶି କହୁଛନ୍ତି । ରାଜନୀତିରେ କିଛି ଦଳବଦଳକାରୀ 'ଅସ୍ମିତା' ଶବ୍ଦର ପୁନଃ ପୁନଃ ଆବୃତ୍ତି କରି ଭୋଟରମାନଙ୍କ ମନ ଭୁଲାଇବାର ଉଦ୍ୟମ କରୁଛନ୍ତି । ଜଣେ ଜଣେ ବ୍ୟକ୍ତି ଗୋଟେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସଦସ୍ୟ ଥାଇ ପାଞ୍ଚଛଅ ଥର ବିଧାୟକ, ସାଂସଦ କି ମନ୍ତ୍ରୀ ହେଲାପରେ ପରବର୍ତ୍ତୀ ସମୟରେ ନିର୍ବାଚନ ଲଢ଼ିବାକୁ ଯଦି ଦଳ ତରଫରୁ ଟିକେଟ୍ ପାଉନାହାନ୍ତି, ତେବେ ତତ୍‌କ୍ଷଣାତ୍ ସେହି ଦଳ ତ୍ୟାଗ କରି ଅନ୍ୟ ଦଳରେ ଯୋଗ ଦେଉଛନ୍ତି ଓ ଅସ୍ମିତା ଦୃଷ୍ଟିରୁ ଦଳ ତ୍ୟାଗ କଲେ ବୋଲି କହୁଛନ୍ତି । ଯେଉଁ ଦଳକୁ ପଚିଶ ତିରିଶ ବର୍ଷ ଧରି ପ୍ରଶଂସା କରୁଥିଲେ, ଦୀର୍ଘକାଳ ଧରି ଯେଉଁ ଦଳପତିଙ୍କ ଆଶ୍ରିତ ଥିଲେ, ଏବେ ସେହି ଦଳ ଆଉ ଦଳପତିଙ୍କ ବିରୋଧରେ ଅଗ୍ନି ଉଦ୍‌ଗାରୁଛନ୍ତି ସେମାନେ। ଯେତେ ଅସ୍ମିତାର କଥା କହିଲେ ବି ସାଧାରଣ ସଚେତନ ଲୋକଟିଏ ସେମାନଙ୍କୁ ଆଦୌ ବିଶ୍ୱାସ କରୁନାହିଁ, ବରଂ କହୁଛି ସେମାନେ କୃତଘ୍ନ, ସ୍ୱାର୍ଥସର୍ବସ୍ୱ ।

କିଛି ଲୋକ ଖବରକାଗଜ ପ୍ରକାଶନ କରୁଛନ୍ତି, ଖବରକାଗଜକୁ ମାଧ୍ୟମ କରି ସାହିତ୍ୟର ଦରବାର ବି ବସାଉଛନ୍ତି । ଅଥଚ ସେମାନଙ୍କ ଅସଲ ଦୃଷ୍ଟି ରହିଛି ବିଧାୟକ, ସାଂସଦ, ମନ୍ତ୍ରୀ ପଦ ଉପରେ। ସାମ୍ବାଦିକତା ଓ ସାହିତ୍ୟ କେବଳ ଲୋକଦେଖାଣିଆ । ତା' ଅବଲମ୍ବନରେ ରାଜନୀତି କରିବାର ବିପୁଳ ପ୍ରୟାସ । ସେଥିପାଇଁ କେତେ ଦଳ ବଦଳ, ରାଜନୈତିକ କ୍ୟାରିଅର୍‌ରେ ପ୍ରାୟ ଦଶ କି ପନ୍ଦର ଥର, ନିଜେ ବି ଗୋଟେ ଗୋଟେ ଦଳ ଗଢୁଛନ୍ତି, ନିର୍ବାଚନରେ ନିଜ ଦଳର ବାରମ୍ବାର ବିଫଳତା ପଙ୍କରେ ଖୁବ୍ ମଳିନ ଦେଖାଯାଉଛନ୍ତି । ଖବରକାଗଜ ପ୍ରକାଶନ ସଂସ୍ଥାର ମାଲିକ ସେମାନେ ବା ସେମାନଙ୍କ ପତ୍ନୀ, ପୁତ୍ର, କନ୍ୟା। ମାଲିକ ଭାବରେ ସ୍ତମ୍ଭ ଲେଖୁଛନ୍ତି ନୀତି ଓ ଆଦର୍ଶକୁ ଆଧାର କରି, ଅଥଚ ବ୍ୟକ୍ତିଗତ ଓ ପାରିବାରିକ ଜୀବନରେ ଲେଶମାତ୍ର ସ୍ପର୍ଶ ନାହିଁ ନୀତି ଓ ଆଦର୍ଶର । ପ୍ରକାଶନ ସଂସ୍ଥାର ଯାବତୀୟ ତ୍ରୁଟି ଓ ବିଚ୍ୟୁତି ବିଶେଷତଃ ଆର୍ଥିକ ଅନିୟମିତତା ପାଇଁ ଆଇନ୍‌ଗତ ସରକାରୀ କାର୍ଯ୍ୟାନୁଷ୍ଠାନ ହେଲାବେଳେ ଆତ୍ମସମର୍ପଣ ମୁଦ୍ରାରେ ପଛଘୁଞ୍ଚା ଦେଉଛନ୍ତି, ରହସ୍ୟାବୃତ୍ତ ନିରବତା ଅବଲମ୍ବନ ସହିତ ସ୍ତମ୍ଭଲେଖା ବନ୍ଦ କରି ପରୋକ୍ଷରେ ସରକାରୀ ଘରେ ଶରଣ ପଶୁଛନ୍ତି । ସେମାନଙ୍କ ସାହିତ୍ୟ-ଦରବାରରେ ଯେଉଁ ବର୍ଷୀୟାନ୍ କି କନୀୟାନ୍ ଭାଟମାନେ ଅଛନ୍ତି, ସେମାନେ କେବଳ ପୁରୁଣା ତଥ୍ୟ-ଭିତ୍ତିକ ସାହିତ୍ୟ-ସ୍ତମ୍ଭ, ଗଳ୍ପ, ଉପନ୍ୟାସ, କବିତା ରଚନା କରି ଗାଁରୁ ସହର, ରାଜ୍ୟ ରାଜଧାନୀରୁ ରାଷ୍ଟ୍ର ରାଜଧାନୀ ପର୍ଯ୍ୟନ୍ତ ଏତେ ସାହିତ୍ୟ-ପୁରସ୍କାରର ସୋମରସ ପାନ କରୁଛନ୍ତି ଯେ ଅଜୀର୍ଣ୍ଣଗୁଡ଼ାକୁ ବାନ୍ତି କରି କେବଳ ପୂତିଗନ୍ଧ ସୃଷ୍ଟି କରୁଛନ୍ତି, ବୋଧ ହେଉଛି ସତେ ଯେପରି ସେମାନଙ୍କ ସାହିତ୍ୟ-ସର୍ଜନାର ପରିସର ଗୋଟେ ଗୋଟେ ଖରାଦିନିଆ ପଚା ଆଳୁଗୋଦାମ ।

ଆଉ କିଛି ଲୋକ ଖବରକାଗଜ ଓ ସାହିତ୍ୟ ପ୍ରକାଶନ ସଂସ୍ଥାକୁ ସେମାନଙ୍କ ବାପାମା'ଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପାଇଛନ୍ତି, କିନ୍ତୁ ସାମ୍ବାଦିକତା ଓ ସାହିତ୍ୟ ପ୍ରତି ବାପାଙ୍କର ଯେଉଁ ପ୍ରତିବଦ୍ଧତା ଥିଲା, ତାହା ସେମାନଙ୍କଠି ନାହିଁ । ସେମାନେ ରାଜନୀତିରେ ଅଛନ୍ତି, ପଦପଦବୀର ଉପବୀତ ଧାରଣ କରି ବେଶ୍ ଉତ୍‌ଫୁଲ୍ଲ ଦେଖାଯାଉଛନ୍ତି, ବେଳେବେଳେ ନିଜର ଖୁବ୍ ସ୍ୱଳ୍ପସଂଖ୍ୟକ ମୁଦ୍ରିତ ଖବରକାଗଜରେ ସ୍ତମ୍ଭ ବି ଲେଖୁଛନ୍ତି, ବିଧାନସଭା କି ସଂସଦରେ ନାରୀ-ନିର୍ଯାତନା ବିରୋଧରେ ବକ୍ତବ୍ୟ ରଖୁଛନ୍ତି, ରାଷ୍ଟ୍ରୀୟ ଆଇନ୍ ଶୃଙ୍ଖଳାର କଥା କହୁଛନ୍ତି, ଅଥଚ ନିଜ ବୋହୂକୁ ଯୌତୁକ ପାଇଁ ନିର୍ଯାତନା ଦେଉଛନ୍ତି, କ୍ଷମତା ମଦମତ୍ତ ହୋଇ ଆଇନ୍ ଶୃଙ୍ଖଳା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଚାପୁଡ଼ା ମାରୁଛନ୍ତି ।

ସବୁଠୁ ଚତୁର କିଛି ପରିବାର ଅଛନ୍ତି। ସେଠି ବାପା ଗୋଟେ ରାଜନୈତିକ ଦଳର, ମା' ଆଉ ଗୋଟେ ଦଳର, ପୁଅ ବୋହୂ, ଝିଅ ଜୋଇଁ ପ୍ରତ୍ୟେକେ ଭିନ୍ନ ଭିନ୍ନ ଦଳର ସଦସ୍ୟ। ସମସ୍ତେ ନିର୍ବାଚନ ଲଢୁଛନ୍ତି। ଯେଉଁ ଦଳ ଜିତିଲେ ବି ସମଗ୍ର ପରିବାର ଲାଭବାନ୍ ହେଉଛି । ବାପା ଲେଖୁଛନ୍ତି ଶୋଷିତ, ଅବହେଳିତ, ବଞ୍ଚିତ ମଣିଷର ଜୀବନ-ବ୍ୟଥାର କଥା, ମା' ନାରୀନେତ୍ରୀ, ନୀତି ଆଦର୍ଶର ଉଦ୍‌ଘୋଷିକା, ପୁଅ ଝିଅ ଉଚ୍ଚ ଉଚ୍ଚ ରାଜନୈତିକ ପଦ ମଣ୍ଡନ ପାଇଁ ପ୍ରୟାସୀ, ବିଧାୟକ, ସାଂସଦ, ମନ୍ତ୍ରୀ କି କୌଣସି ସରକାରୀ ଅଭିଯାନର ଚେୟାର୍‌ପର୍ସନ୍ ହବା ପାଇଁ କି ବ୍ୟସ୍ତ, ବିବ୍ରତ, ବିକଳ ହେଉଛନ୍ତି, ସକାଳେ ଗୋଟେ ଦଳରେ, ପୁଣି ସନ୍ଧ୍ୟାରେ ଆଉ ଗୋଟେ ଦଳରେ ସାମିଲ୍ ହେଉଛନ୍ତି, ଦେଖିଲେ ବଡ଼ କଷ୍ଟ ଲାଗୁଛି ।

କିଛି ଉଚ୍ଚ ସରକାରୀ ଅଫିସର୍ ଚାକିରି ଛାଡ଼ି ବା ଚାକିରିରୁ ଅବସର ଗ୍ରହଣ ପରେ ରାଜନୀତି-କ୍ଷେତ୍ରକୁ ଆସୁଛନ୍ତି । ଆସିବାରେ ବାଧା ନାହିଁ । କିନ୍ତୁ ହାସ୍ୟାସ୍ପଦ କଥାଟି ହେଉଛି, ବ୍ୟୁରୋକ୍ରାଟ୍ ଭାବରେ ଚାକିରିରେ ଥିଲାବେଳେ ଶାସନ ବ୍ୟବସ୍ଥାରେ ଯେଉଁ ସଂସ୍କାର ସେମାନେ ଆଣିପାରିନଥିଲେ, ପଲିଟିସିଆନ୍ ହୋଇ ସେହି ସଂସ୍କାର ଆଣିପାରିବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । କିନ୍ତୁ ସାଧାରଣ ଲୋକେ ବୁଝିସାରିଲେଣି ସ୍ୱାର୍ଥାନ୍ଧମାନେ କେବେହେଲେ ସଂସ୍କାର ପ୍ରୟାସୀ ନୁହନ୍ତି, କେବଳ ସ୍ୱାର୍ଥଲାଳସୀ । ଅର୍ଥ ଓ କ୍ଷମତାର ମୋହରୁ ମୁକ୍ତ ମଣିଷ କେବଳ ଜନସେବକ ହୋଇପାରିବ, ଠିକ୍ ଯେମିତି ଗୋପବନ୍ଧୁ ଚୌଧୁରୀ ହୋଇପାରିଥିଲେ । ସାହାନାଇବାଦକ ବିସ୍‌ମିଲ୍ଲା ଖାଁଙ୍କୁ ତାଙ୍କ ଆମେରିକା ଗସ୍ତ କାଳରେ ସେଠାକାର ସରକାର ଅନୁରୋଧ କରିଥିଲେ ସେ ଦେଶରେ ରହି ଆମେରିକୀୟମାନଙ୍କୁ ସାହାନାଇ ବାଦନ ଶିକ୍ଷା ଦବା ପାଇଁ । ସରକାର ତାଙ୍କ ପାଇଁ ବିପୁଳ ଅର୍ଥର ବ୍ୟବସ୍ଥା କରିବାକୁ ପ୍ରସ୍ତୁତ ଥିଲେ । କିନ୍ତୁ ବିସ୍‌ମିଲ୍ଲାଜୀ ସମସ୍ତ ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରି ଭାରତକୁ ଚାଲିଆସିଲେ ଓ କହିଲେ, 'ମୋର ବିପୁଳ ଅର୍ଥ ଲୋଡ଼ା ନାହିଁ । ଗଙ୍ଗାନଦୀ ବହିଯାଉଥିବା ଭାରତବର୍ଷରେ ରହି ମୁଁ ସଙ୍ଗୀତ ସାଧନା କରିବି ଓ ଶିକ୍ଷା ଦେବି । କାରଣ, ଗଙ୍ଗା ନଦୀର କଳକଳ ଧ୍ୱନିରୁ ମୁଁ ସଙ୍ଗୀତ ସାଧନା ପାଇଁ ପ୍ରେରଣା ପାଇଛି।' କ୍ରୀଡ଼ାବିତ୍ ଡନ୍ ବ୍ରାଡ୍‌ମ୍ୟାନ୍ କହିଲେ, 'ମୁଁ କ୍ରିକେଟ୍ ଖେଳୁଛି ଏକ ପରିପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ, ଅର୍ଥ ପାଇଁ ନୁହେଁ।' ଅଲମ୍ପିକ୍ ଆଥ୍‌ଲେଟିକ୍ସରେ 'ଫ୍ଲାଇଂ ସ୍କଟ୍‌ମ୍ୟାନ୍' ଭାବରେ ସୁପରିଚିତ ଏରିକ୍ ଲିଡ୍‌ଲ୍ କହିଲେ, 'ଈଶ୍ୱର ମତେ ସୃଷ୍ଟି କଲେ ଦୌଡ଼ିବା ପାଇଁ, ମୁଁ ଦୌଡ଼ିବି ଈଶ୍ୱରଙ୍କ ପାଇଁ, ଅର୍ଥ ପାଇଁ ନୁହେଁ ।' କେତେ ସ୍ୱାଭିମାନୀ ସେମାନେ !

ରାଜନୀତି, ପ୍ରଶାସନ କେବଳ ନୁହଁ, ଚିକିତ୍ସା, ଇଂଜିନିୟରିଂ, ଶିକ୍ଷା, ସାହିତ୍ୟ ଏପରିକି ଆଧ୍ୟାତ୍ମିକ ଅନୁଷ୍ଠାନ ସବୁଠି ବ୍ୟକ୍ତି-ଅସ୍ମିତା ବା ସ୍ୱାଭିମାନର ଏବେ ଘୋର ଅଭାବ । ଚିକିତ୍ସା କ୍ଷେତ୍ରରେ କିଛି ଶୋଷକ-ଚିକିତ୍ସକ ଓ ହସ୍ପିଟାଲ୍-ସାଧବଙ୍କ ଦ୍ୱାରା ଶୋଷିତ ହେଉଛି ରୋଗୀ । ଇଂଜିନିୟରିଂ ବିଭାଗରେ ଅର୍ଥର ଲାଳସା ଗ୍ରାସିଯାଇଛି ତଳୁ ଉପର ସ୍ତର ପର୍ଯ୍ୟନ୍ତ ବିଶାଳ ଅନୁପଯୁକ୍ତ କର୍ମଚାରୀ ବାହିନୀକୁ । ଶିକ୍ଷାର ସରହଦରେ ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠି କିଛି ଶିକ୍ଷକ ଶିକ୍ଷାଦାନରେ ନିଷ୍କ୍ରିୟ କିନ୍ତୁ ଅର୍ଥୋପାର୍ଜନରେ ସକ୍ରିୟ । ସାହିତ୍ୟ-କ୍ଷେତ୍ରରେ ଦଳେ ସିହାଣିଆ ଦଳ ଗଢ଼ି ପରସ୍ପର ମଥାରେ ତିଳକ ଲଗାଇବା, ପରସ୍ପରକୁ ସୁମନ ମାଲ୍ୟ ଅର୍ପଣ କରିବା, ପରସ୍ପରର ସ୍ତୁତିମୂଳକ ମଙ୍ଗଳାଚରଣ ଗାଇବା କର୍ମରେ ବ୍ୟାପୃତ । କିଛି ଆଧ୍ୟାତ୍ମିକ ଅନୁଷ୍ଠାନ ଜମି-ଯାନ-ଯୌନ ଲାଳସାରେ କବଳିତ ମୁଷ୍ଟିମେୟ ଧନବାଦୀଙ୍କ ଦୌରାତ୍ମ୍ୟରେ ପୂର୍ଣ୍ଣ ପ୍ରଦୂଷିତ । ସବୁଠି ଅସ୍ମିତା ବା ସ୍ୱାଭିମାନର ଅଭାବ । ସ୍ୱାଭିମାନ ନଥାଇ ସ୍ୱାଭିମାନର କଥା କହୁଥିବା ସ୍ୱାର୍ଥସର୍ବସ୍ୱ ପ୍ରତାରକମାନଙ୍କୁ ଜନସାଧାରଣ ଚିହ୍ନଟ କରିବା ଓ ଉଚିତ୍ ଶିକ୍ଷା ଦେବା ଦ୍ୱାରା ହିଁ ଗଣତନ୍ତ୍ର ଓ ସମାଜ-ବ୍ୟବସ୍ଥା ସୁରକ୍ଷିତ, ସୁସଂହତ ଓ ଶୃଙ୍ଖଳିତ ହୋଇପାରିବ ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ



### ମନ-ମାହାତ୍ମ୍ୟ

ମୋ' ମନର ବନେ
ମୁହିଁ ଠିକାଦାର
ମୋ' ମନ ଗଗନେ
ମୁହିଁ ଏକାକାର । ।୧।
ମୋ' ମନର ଜ୍ଞାନେ
ମୁଁ କଳାକାର
ମୋ' ମନର ଧ୍ୟାନେ
ମୁଁ କଳାଠାକୁର । ।୨।
ମୋ' ମନର ବନେ
ବୁଲେ ନିରନ୍ତର
ମୋ' ମନ ଭବନେ
କେ ନୁହଁଇ ପର । ।୩।
ମୋ' ମନର ବନେ
ସମସ୍ତେ ଈଶ୍ୱର
ମୋ'ମନ ଭୁବନେ
ଗୁରୁ -ଆତ୍ମା ମୋର । ।୪।
ମୋ ମନର ବନେ
ତତ୍ତ୍ୱ ଏକାକ୍ଷର
ମୋ' ମନ ଅମନେ
ଭଜେ ଅଣାକ୍ଷର । ।୫।
ମୋ' ମନର ବନେ
ଏ ବିଶ୍ୱ ମନ୍ଦିର।
ମୋ' ମନ ସଦନେ
ମୋ' ପ୍ରେମ ଠାକୁର । ।୬।
ମୋ' ମନ ଦ୍ୟୁଲୋକେ
ଏକ ବ୍ରହ୍ମସାର
ମୋ' ମନ ଭୂଲୋକେ
ତେଣୁ ଠିକାଦାର । ।୭।

◆◆

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Manchesware Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୭ ଅପ୍ରେଲ ୨୦୨୬ ସୋମବାର





### ////////////// ଏମ୍‌କେସିଜିରେ ନାକୋ ନିୟମ ଉଲ୍ଲଂଘନ //////////////

# ଆଇସିଟିସି ବଦଳରେ ଆର୍‌ଡ଼ିସିରେ ଏଚ୍‌ଆଇଭି ପରୀକ୍ଷା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ନାକୋ ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି । ଏଠାରେ ୨ଟି ଆଇସିଟିସି (ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର) ଥିଲେ ମଧ୍ୟ ରୋଗୀଙ୍କ ଏଚ୍‌ଆଇଭି ପରୀକ୍ଷା ଏମ୍‌କେସିଜିର ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ରରେ କରାଯାଉଛି । ଏହା ଯୋଗୁଁ ଏଡ଼ସ୍ ରୋଗ ଚିହ୍ନଟ ହେବା ପରେ ରୋଗୀମାନେ ଉପଯୁକ୍ତ ପରାମର୍ଶରୁ ବଞ୍ଚିତ ହେଉଥିବା ବେଳେ ଏଡ଼ସ୍ ରୋଗୀଙ୍କ ତଥ୍ୟ ଗୁପ୍ତ ରହୁନଥିବା ଅଭିଯୋଗ ହୋଇଛି । ଏମ୍‌କେସିଜିକୁ ଆସୁଥିବା ରୋଗୀଙ୍କ ଏଚ୍‌ଆଇଭି ପରୀକ୍ଷା ପାଇଁ ଏମ୍‌କେସିଜି ମେଡ଼ିକାଲ୍ କଲେଜ କୋଠାରେ ଗୋଟିଏ ଆଇସିଟିସି କେନ୍ଦ୍ର ରହିଥିବା ବେଳେ ଆଉଟ୍‌ଡ଼ୋର୍‌ର ଯକ୍ଷ୍ମା ଓ ଛାତି ରୋଗ ବିଭାଗ ନିକଟରେ ଆଉ ଗୋଟିଏ ଆଇସିଟିସି କେନ୍ଦ୍ର ରହିଛି । ଏଚ୍‌ଆଇଭି ପରୀକ୍ଷା ନାକୋର ନିୟମ ପ୍ରକାରେ ଆଇସିଟିସି କେନ୍ଦ୍ରରେ କରାଯିବା ଉଚିତ୍ । କିନ୍ତୁ ଏମ୍‌କେସିଜିରେ ଅଧିକାଂଶ ରୋଗୀଙ୍କ ଏଚ୍‌ଆଇଭି ପରୀକ୍ଷା ଆଇସିଟିସି କେନ୍ଦ୍ର ବଦଳରେ ଆର୍‌ଡ଼ିସିରେ କରାଯାଉଛି । ଆର୍‌ଡ଼ିସିରେ ରୋଗୀଙ୍କ ସିବିସି ଭଳି ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା କରାଯାଉଛି । ସେହି କ୍ରମରେ ରୋଗୀଙ୍କୁ ଗୋଟିଏ ସ୍ଥାନରେ ସମସ୍ତ ପରୀକ୍ଷା କରି ରିପୋର୍ଟ ପ୍ରଦାନ କରିବା ଲକ୍ଷ୍ୟରେ ଆର୍‌ଡ଼ିସିରେ ରୋଗୀଙ୍କ ଏଚ୍‌ଆଇଭି ପରୀକ୍ଷା କରାଇ ଦିଆଯାଉଛି । ଯଦି ଜଣେ ବ୍ୟକ୍ତି ଠାରେ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ ହେଲା ତେବେ ତାଙ୍କୁ ତୁରନ୍ତ ପରାମର୍ଶ ଏବଂ ଚିକିତ୍ସା ମିଳିପାରୁନାହିଁ । ଯାହା ନାକୋ ନିୟମ ଏବଂ ଏଚ୍‌ଆଇଭି/ଏଡ଼ସ୍ ନିୟନ୍ତ୍ରଣ ଆଇନ୍ ୨୦୧୭ର ଉଲ୍ଲଂଘନ ବୋଲି ଗଞ୍ଜାମ ନେଟ୍‌ୱାର୍କ ଫର ପିପୁଲ୍ ଲିଭିଙ୍ଗ୍ ୱିଥ୍ ଏଚ୍‌ଆଇଭି ପକ୍ଷରୁ ଅଭିଯୋଗ କରାଯାଇଛି । ସେହିପରି ନାକୋ ନିୟମ ଅନୁସାରେ ଓସାକସ୍ ଦ୍ୱାରା ଏଚ୍‌ଆଇଭି ପରୀକ୍ଷା ପାଇଁ ତାଲିମ୍ ନେଇଥିବା ଲ୍ୟାବ୍ ଟେକ୍‌ନିସିଆନ୍ ମାନେ ଏଚ୍‌ଆଇଭି ପରୀକ୍ଷା କରିବା କଥା । କିନ୍ତୁ ଏମ୍‌କେସିଜି ଆର୍‌ଡ଼ିସିରେ ଲ୍ୟାବ୍ ଟେକ୍‌ନିସିଆନ୍ ଛାତ୍ରଛାତ୍ରୀମାନେ ସମସ୍ତ ପରୀକ୍ଷା ଭଳି ଏଚ୍‌ଆଇଭି ପରୀକ୍ଷା କରୁଥିବା ଅଭିଯୋଗ ହେଉଛି । ସେହିପରି ଏଚ୍‌ଆଇଭି ପରୀକ୍ଷା ପୂର୍ବରୁ ରୋଗୀଙ୍କ ଦସ୍ତଖତ ନିଆଯିବା କଥା । ଏଚ୍‌ଆଇଭି ରିପୋର୍ଟରେ ମେଡ଼ିକାଲ୍ ଅଫିସର ଏବଂ ଲ୍ୟାବ୍ ଟେକ୍‌ନିସିଆନ୍‌ଙ୍କ ଦସ୍ତଖତ ରହିବା କଥା । ଯାହା ଏମ୍‌କେସିଜି ଆର୍‌ଡ଼ିସିରେ ହେଉନାହିଁ ବୋଲି ଅଭିଯୋଗ ହୋଇଛି । ଏ ଦିଗରେ ଏମ୍‌କେସିଜି କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି ।

# ରାସ୍ତା କାମ ନିମ୍ନମାନର:ନିର୍ମାଣର ୨ମାସ ନପୂରୁଣୁ ଉଠିଲା ପିଚୁ



**ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକରେ ହୋଇଥିବା ଏକାଧିକ ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି । କିଛି ରାସ୍ତା ନିର୍ମାଣର ୨ ମାସ ନପୁରୁଣୁ ପିଚୁ ଛାଡ଼ି ଶୋଚନୀୟ ଅବସ୍ଥାକୁ ଚାଲିଯାଉଥିବା ବେଳେ ରାସ୍ତା ସମ୍ପୂର୍ଣ୍ଣ କାମ ନକରି ପୁରା ବିଲ୍ ଉଠାଇ ଠିକାଦାର ମାଲେ ମାଲ୍ ହେଉଥିବା ଅଭିଯୋଗ ହେଉଛି । ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହୀନତା ଯୋଗୁଁ ସରକାରୀ ଅନୁଦାନ ଠିକ୍ ସମୟରେ ଠିକ୍ କାମରେ ଲାଗିପାରୁନଥିବାରୁ ଗମନାଗମନରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଅଭିଯୋଗ ଅନୁସାରେ ଜୟପାଟଣା ବ୍ଲକ ରେଙ୍ଗାଳପାଲି ପଞ୍ଚାୟତ କୁଇସମାଳ ଛକରୁ ଉଛୁଳାକୁ ସଂଯୋଗ କରୁଥିବା ରାସ୍ତାରେ ଗତ ମାର୍ଚ୍ଚ ପୂର୍ବରୁ ପିଚୁ କାମ ହୋଇଥିଲା ଯାହା ଉଛୁଳା ପର୍ଯ୍ୟନ୍ତ ୨୬ ଶହ ମିଟର କାମ ହେବାକଥା କିନ୍ତୁ ଏହି ରାସ୍ତାରେ ୧୮ ଶହ ମିଟର ନିମ୍ନମାନର କାମ କରି ଠିକାସଂସ୍ଥା ସମ୍ପୂର୍ଣ୍ଣ ବିଲ୍ ହାତେଇଥିବା ବେଳେ ଉଛୁଳା ରଣାପଡାରୁ ଖଇରଭାଡ଼ିକୁ ସଂଯୋଗ କରୁଥିବା ରାସ୍ତା ଏଷ୍ଟିମେଟ୍ ଅନୁଯାଇ ପୁରା କାମ ନକରି ମାତ୍ର ଦେଢ଼ଶହ ମିଟର କାମ କରି ସମ୍ପୂର୍ଣ୍ଣ ବିଲ୍ ହାତେଇ ନେଇଥିବା ଅଭିଯୋଗ ହେଉଛି । ଠିକ୍ ସେହିପରି ବଡ଼ପୂଝାରୀଗୁଡାରୁ ଘଣ୍ଟିଗୁଡା ରାସ୍ତାରେ ମଧ୍ୟ ହୋଇଥିବା ପିଚୁକାମ ଦୁଇମାସ ନପୂରୁଣୁ ପିଚୁ ଉଠିଲାଣି, ଖଇରଭାଡିରୁ ଲଦୁଗାଁକୁ ସଂଯୋଗ କରୁଥିବା କମଲ ନଦୀରେ ନିର୍ମାଣାଧୀନ ପୋଲର ଗାଡ଼ୱାଲ ନିର୍ମାଣ ନିମ୍ନମାନର ହେବା ସହ ଅଙ୍କାବଙ୍କା ହେଉଥିବା ଓ ମାଟି କଂପାକ୍ସନ୍ ଠିକ୍ ନଥିବାରୁ ବର୍ଷା ଦିନେ ଅନେକ ସମସ୍ୟା ଦେଖାଦେବ ବୋଲି ଅଭିଯୋଗ ହେଉଛି । ଅନ୍ୟପକ୍ଷେ ଦାୟିତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାମ ହେଉଥିବାରୁ ଠିକା ସଂସ୍ଥା ମନଇଛା ନିମ୍ନମାନର କାମ କରି ଲୁଟ୍‌ପାଟ୍ ଚଳେଇଛି । ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ତରୁଣ କୁମାର ନାଏକଙ୍କୁ ଯୋଗାଯୋଗ କରାଯାଇଥିଲା ହେଲେ ସେ ଫୋନ୍ ଉଠାଇନଥିଲେ । ଏ ଦିଗରେ ବିଭଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି ।

# ମଇ ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ୍ ସେବା କମିଟି ପରିସରରେ ଆସନ୍ତା ୯.୦୫.୨୦୨୬ ତାରିଖ ଶନିବାର ପୂର୍ବାହ୍ନ ୧୦ଟା ସମୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ଆଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଲୋକ ଅଦାଲତରେ ମକଦ୍ଦମା/ ବିବଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ।

# ଲକ୍ଷ୍ମୀ ବସ୍ ଚଳାଚଳ ବନ୍ଦ

### ଛାତ୍ରଛାତ୍ରୀ ନିରାଶ:ସାଧାରଣ ଯାତ୍ରୀଙ୍କ ଅସନ୍ତୋଷ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଓ ବ୍ଲକ ଠାରୁ ଆରମ୍ଭ କରି ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ଗମନାଗମନର ବିକାଶକୁ ନେଇ ପୂର୍ବ ସରକାରଙ୍କ ସମୟରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ ହୋଇଥିଲା । ବର୍ତ୍ତମାନ ରାଜ୍ୟ ଶାସିତ ସରକାରଙ୍କ ସମୟରେ ବସ୍‌ର ନାମ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଆଜିବି ସେହି ଗନ୍ତବ୍ୟସ୍ଥଳକୁ ଏହି ବସ୍‌ଗୁଡିକ ସମସ୍ତ ଯାତ୍ରୀମାନଙ୍କୁ ପୂର୍ବଭଳି ସେବା ଯୋଗାଉଥିବା ଲକ୍ଷ୍ୟ କରାଯାଇଛି । ଫଳରେ ଖଲ୍ଲିକୋଟ ବ୍ଲକର ମୁଖ୍ୟାଳୟରେ ମହିଳା, ପୁରୁଷ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଗହଳି ଚହଳି ସର୍ବଦା ଲାଗିରହୁଥିଲା । ଖଲ୍ଲିକୋଟ ବ୍ଲକରୁ ସାବୁଲିଆ, କନକା ଓ ଡିମ୍ବିରିଆ ପଞ୍ଚାୟତକୁ ୪ ଗୋଟି ସମୟରେ ଜନସାଧାରଣଙ୍କୁ ଉତ୍ତମସେବା ଯୋଗାଇଦେଉଥିଲା । ସହରକୁ ସଂଯୋଗ କରୁଥିବା ବହୁ ଗ୍ରାମ ଦେଇ ଏହି ସରକାର ବସ୍‌ଗୁଡିକ ଯିବାଆସିବା କରୁଛି । ଯାହାକୁନେଇ ଦୈନିକ ଶହ ଶହ ଯାତ୍ରୀ, କଲେଜ ଓ କୋଚିଂ ଛାତ୍ରଛାତ୍ରୀ ଏହି ବସ୍ ଉପରେ ନିର୍ଭର କରି ଯିବାଆସିବା କରୁଥିଲେ । ଘରୋଇ ବସ୍ ଗୁଡିକର ଭଡ଼ା ତୁଳନାରେ ସରକାରୀ ବସ୍‌ର ଭଡା ବିଜେପି ସରକାର ଛାତ୍ରଛାତ୍ରୀ ମାନଙ୍କ ପାଇଁ କିଛିଦିନ ହେବ ସମ୍ପୂର୍ଣ୍ଣ ଛାଡ଼ କରିଥିବା ବେଳେ ଅନ୍ୟମାନଙ୍କ ପାଇଁ କିଲୋମିଟର ଦର ହିସାବରେ ଭଡା ଆଦାୟ କରୁଥିବା ଜଣାଯାଇଛି । ଯାହାକୁ ନେଇ ଏବେବି ଲୋକଙ୍କ ମଧ୍ୟରେ ପୂର୍ବ ସରକାରଙ୍କ ଏହି ଲକ୍ଷ୍ମୀ ବସ୍ ଯୋଜନାର ସଫଳତା ଏବଂ ରାଜ୍ୟ ବିଜେପି ସରକାରଙ୍କ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସହାନୁଭୂତି ଦେଖାଇ ସମ୍ପୂର୍ଣ୍ଣ ମାଗଣା କରି ଉତ୍ସାହ ବଢ଼ାଇଥିଲେ । କିନ୍ତୁ କିଛିଦିନ ଧରି ଲକ୍ଷ୍ମୀ ବସ୍ ଉପରୋକ୍ତ ଅଞ୍ଚଳ ପାଇଁ ନାମ, ରଙ୍ଗ ପରିବର୍ତ୍ତନ ନାମରେ ବନ୍ଦ ରଖି ଛାତ୍ରଛାତ୍ରୀ ମାନଙ୍କ ସଠିକ୍ ସମୟ ନିର୍ଦ୍ଧାର୍ଯ୍ୟ ସମୟ, ନିର୍ଦ୍ଦିଷ୍ଟ ସ୍ଥାନ ପହଞ୍ଚିବାରେ ବିଳମ୍ବ ଘଟିବା ଓ ଉପରୋକ୍ତ ବସ୍ କେବେ ଚାଲୁ ରହିବ ତାହା ସାଧାରଣ ଯାତ୍ରୀଙ୍କ ଠାରୁ ଆରମ୍ଭ କରି ନିର୍ଭର କରୁଥିବା ଉପରୋକ୍ତ ବସ୍ ଉପରେ ଦ୍ୱନ୍ଦ୍ୱରେ ରହିଥିବା ଜଣାଯାଇଛି । ବିଭାଗୀୟ କର୍ତ୍ତୃପକ୍ଷ କାଳ ବିଳମ୍ବ ନକରି ସୁଚାରୁ ରୂପେ ଯେପରି ଚାଲୁ ରହିବ ତତ୍ପରତା ଦେଖାଇବା ଆବଶ୍ୟକ ଜରୁରୀ ହୋଇପଡିଛି ।



# ସାହିତ୍ୟିକ ଡକ୍ଟର ସେଣଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଜଣାଶୁଣା ସାହିତ୍ୟିକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ସର୍ବେଶ୍ୱର ସେଣଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରକାଶଥାଉକି ଫୁଲବାଣୀର ବାଲିଗୁଡା ଠାରେ ଶାଳବଣ ସାହିତ୍ୟ ସଂସଦ ତରଫରୁ ଆୟୋଜିତ ବିଷୁବ ମିଳନରେ ଡକ୍ଟର ସେଣଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ସ୍ୱତନ୍ତ୍ର ଅତିଥି ଉତ୍ସବ ଚନ୍ଦ୍ର ଜେନା, ଉଦ୍‌ଘାଟକ କୌଶିକ ସାହୁ, ସମ୍ମାନୀୟ ଅତିଥି ବ୍ୟଙ୍ଗ କବି ଚିତ୍ତରଞ୍ଜନ ଓଝା ପ୍ରମୁଖ ଯୋଗଦେଇଥିଲେ । ଉକ୍ତ ସାରସ୍ୱତ ଉତ୍ସବରେ ମଧୁସୂଦନ ମହାପାତ୍ର ସଭାପତିତ୍ୱ କରିଥିଲେ । ଉତ୍ସବ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁସ୍ତକ ପଠନ ମଣିଷର ଚିନ୍ତା ଚେତନାର ଅଭିବୃଦ୍ଧି ଘଟାଏ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଅନୁଷ୍ଠାନର ପୂର୍ବତନ ସଭାପତି ଡ. ପ୍ରଫୁଲ୍ଲ ରଥ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସଭାପତି ଭଗବାନ ମିଶ୍ର, ମୁଖ୍ୟ ବକ୍ତା ଭାବରେ ଶିକ୍ଷାବିତ୍ ରାଧେଶ୍ୟାମ ପୁରୋହିତ ତଥା ସମ୍ମାନିତ ଅତିଥି ଭାବରେ ବାସୁଦେବ ପଣ୍ଡା ଯୋଗଦାନ କରିଥିଲେ । ପୁସ୍ତକ ଜ୍ଞାନର ଗନ୍ତାଘର ଏବଂ ଏହା ପଢିଲେ ଚିନ୍ତାଚେତନା ଓ ଭାବ ଭାବନାର ଅଭିବୃଦ୍ଧି ଘଟିଥାଏ ତଥା ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରେଇ ଜ୍ଞାନର ଆଲୋକ ପ୍ରଦାନ କରିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଯିଏ ଯେତେ ପୁସ୍ତକ ପଢିବ ସିଏ ସେତେ ଭଲ ଲେଖିବ । ଜ୍ଞାନର ପରିସୀମାକୁ ବୃଦ୍ଧି କରିବାର ଏହା ଏକ ବଳିଷ୍ଠ ମାଧ୍ୟମ । ଗୋଟିଏ ପୁସ୍ତକ ମନୁଷ୍ୟର ଦୁଃଖ ଓ ସୁଖ ସମୟର ଏକ ଭଲ ସାଥୀ ଭାବରେ ପରିଗଣିତ ହୋଇଥାଏ ବୋଲି ମୁଖ୍ୟବକ୍ତା ପ୍ରକାଶ କରିଥିଲେ । ସମ୍ପାଦକ ଡ. ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ । ପ୍ରାରମ୍ଭରେ ସଦସ୍ୟ ଶ୍ୟାମସୁନ୍ଦର ସେଠୀ ସ୍ୱାଗତ କରିବା ସହିତ ଶେଷରେ କୋଷାଧକ୍ଷ ଅକ୍ଷର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସଦସ୍ୟ ସୁରୁ ସାହୁ, ଜୀତେନ୍ଦ୍ର ପ୍ରଧାନ, ତ୍ରିନାଥ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# ନାଜର ନାଳର ଦୟନୀୟ ଅବସ୍ଥା:ବିଭାଗ ଘୋର ନିଦ୍ରାରେ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ପୌରପାଳିକା ଅନ୍ତର୍ଗତ ୱାର୍ଡ ନଂ ୧୮ର ଗୋରିପାର ମୁଲ୍ଲାସାହି ଅଞ୍ଚଳରେ ଥିବା ନାଜଲ ନାଳର ଅବସ୍ଥା ବହୁତ ଦୟନୀୟ ହୋଇପଡ଼ିଛି । ନାଳ ଭିତରେ ପ୍ଲାଷ୍ଟିକ୍, ଆବର୍ଜନା ଓ ଅପବିତ୍ର ପାଣି ଜମା ହୋଇଥିବାରୁ ସ୍ଥାନୀୟ ଲୋକମାନେ ଭାରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘଦିନ ଧରି ନାଳ ସଫା ହୋଇନଥିବାରୁ ଦୁର୍ଗନ୍ଧ ହେଉଛି ଓ ମାଛି, ମଶା ଓ ପୋକ ସାଲୁ ବାଲୁର ପ୍ରକୋପ ବଢ଼ିଛି । ସ୍ଥାନୀୟ ବାସିନ୍ଦାଙ୍କ ସବିର ଖାନ୍ କହିବା ଅନୁସାରେ, ଏନେଇ ଅନେକଥର ଜଣାଇଥିଲେ ମଧ୍ୟ ସମ୍ବନ୍ଧିତ ନାଜଲ ନାଳ ବିଭାଗ ଘୋର ନିଦ୍ରାରେ ଶୋଇରହିଛି । ଅନ୍ୟପଟେ ଭଦ୍ରକ ମ୍ୟୁନିସିପାଲିଟି ପକ୍ଷରୁ କେବଳ ସଫା କରାଯାଉଥିଲା କିନ୍ତୁ ଏବେ କହୁଛନ୍ତି "ଏହା ଆମର କାମ ନୁହେଁ, ତମେ ଯାହାକୁ କହୁଛ କୁହ ।" ଏପରି ଦାୟିତ୍ୱହୀନ ଉତ୍ତରରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭାରି ଅସନ୍ତୋଷ ଦେଖାଦେଇଛି । ଏହି ପରିବେଶ ଯୋଗୁଁ ରୋଗ ହେବାର ଭୟ ବଢ଼ିଛି, ବିଶେଷକରି ଶିଶୁ ଓ ବୃଦ୍ଧମାନେ ବେଶି ପ୍ରଭାବିତ ହେଉଛନ୍ତି । ତେଣୁ ଅଞ୍ଚଳବାସୀ ଶୀଘ୍ର ନାଳ ସଫା, ଆବର୍ଜନା ହଟାଇବା ଓ ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନଙ୍କ ତତ୍କାଳ ହସ୍ତକ୍ଷେପ ଦାବି କରିଛନ୍ତି ।

# ଏନ୍‌ଏଚ୍–୪୯ରେ ଉଡୁଛି ବର୍ଜ୍ୟ ଗୁଣ୍ଡ:ଲୋକେ ଅତିଷ୍ଠ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାର ଏକ ବୃହତ୍ କାରଖାନାରୁ ବର୍ଜ୍ୟ ଗୁଣ୍ଡ ପରିବହନକୁ କେନ୍ଦ୍ର କରି କୋଲାବିରା ଅଞ୍ଚଳରେ ପୁଣିଥରେ ପ୍ରଦୂଷଣ ସମସ୍ୟା ଗଭୀର ରୂପ ନେଇଛି । ଜାତୀୟ ରାଜପଥ ନମ୍ବର ୪୯ରେ ଝାରସୁଗୁଡ଼ା–କୋଲାବିରା–କୁଚିଣ୍ଡା ମାର୍ଗ ଦେଇ ପ୍ରତିଦିନ ଶତାଧିକ ଭାରି ଯାନରେ ବର୍ଜ୍ୟ ଗୁଣ୍ଡ ଦେବଗଡ଼ ଓ ବଣେଇ ଅଞ୍ଚଳକୁ ପରିବହନ ହେଉଥିବା ଅଭିଯୋଗ ହେଉଛି । ଅସୁରକ୍ଷିତ ଭାବେ ଓ ଓଭରଲୋଡ଼ିଂ କରି ବର୍ଜ୍ୟ ବୋଝାଯାଉଥିବାରୁ ରାସ୍ତା ଉପରେ ଗୁଣ୍ଡ ପଡ଼ି ପବନରେ ଉଡୁଛି । ଯେଉଁ ସ୍ଥାନରେ ଅଧିକ ପରିମାଣରେ ବର୍ଜ୍ୟ ସଞ୍ଚୟ ହୋଇଛି, ସେଠାରେ ଗାଡ଼ି ଚଳାଚଳ ସମୟରେ କୁହୁଡ଼ି ସଦୃଶ ପରିସ୍ଥିତି ସୃଷ୍ଟି ହେଉଛି । ଏହା ଯାତ୍ରୀମାନଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି, ବିଶେଷ କରି ସାଇକେଲ ଓ ବାଇକ୍ ଚାଳକମାନେ ଅଧିକ ପ୍ରଭାବିତ ହେଉଛନ୍ତି । କେମିକାଲ୍ ଯୁକ୍ତ ବର୍ଜ୍ୟ ଗୁଣ୍ଡ ପବନରେ ଉଡ଼ିବାରୁ ବାତାବରଣ ପ୍ରଦୂଷଣ ଭୟାବହ ରୂପ ନେଉଛି ଏବଂ ଏହା ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଗୁରୁତର ସମସ୍ୟା ହେବା ଆରମ୍ଭ କରିଛି । ସ୍ଥାନୀୟ ଯୁବନେତା ମନୁଆ ପୁରୋହିତଙ୍କ କହିବା ଅନୁସାରେ, କାରଖାନାଟି ପ୍ରଭାବଶାଳୀ ହୋଇଥିବାରୁ ପ୍ରଶାସନଙ୍କୁ ଅଭିଯୋଗ କରିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ । ସୂଚନା ମିଳୁଛି ଯେ, ଜିଲ୍ଲା ବାହାରର ଜଣେ ରାଜନୈତିକ ନେତାଙ୍କ ତତ୍ତ୍ୱାବଧାନରେ ଏହି ବର୍ଜ୍ୟ ପରିବହନ ହେଉଛି । ପୂର୍ବରୁ ୨୦୨୫ ମସିହାରେ ଏହି ସମସ୍ୟା ନେଇ ଜନମତ ଜୋର୍‌ଦାର୍ ହେବାପରେ ବିଧାୟକ ଟଙ୍କଧର ତ୍ରିପାଠୀ ଜିଲ୍ଲାପାଳଙ୍କୁ ପତ୍ର ଲେଖିଥିଲେ ଓ ସାଂସଦ ପ୍ରଦୀପ ପୁରୋହିତ ମଧ୍ୟ ହସ୍ତକ୍ଷେପ କରିଥିଲେ । ତାପରେ କୋଲାବିରା ମାର୍ଗରେ ବର୍ଜ୍ୟ ପରିବହନ ପ୍ରାୟ ୬ ମାସ ପର୍ଯ୍ୟନ୍ତ ବନ୍ଦ ଥିଲା ଏବଂ ଅଞ୍ଚଳବାସୀ ଶାନ୍ତିରେ ଥିଲେ । କିନ୍ତୁ ପ୍ରାୟ ୧୦ ରୁ ୧୫ ଦିନ ହେଲା ପୁଣିଥରେ ବର୍ଜ୍ୟ ପରିବହନ ଆରମ୍ଭ ହୋଇଛି । ପ୍ରଥମେ ଲୋକଙ୍କ ପ୍ରତିକ୍ରିୟା ଜାଣିବା ପାଇଁ କେବଳ ରାତିରେ ପରିବହନ କରାଯାଉଥିଲା, ଗତ କିଛି ଦିନ ହେଲା ଦିନ-ରାତି ଶତାଧିକ ଯାନ ଚଳାଚଳ କରୁଥିବା ଅଭିଯୋଗ ହେଉଛି । ଏହା ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ପୁଣିଥରେ ଗଭୀର ଅସନ୍ତୋଷ ଦେଖାଦେଇଛି । ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସାଧାରଣରେ ଦାବି ହେଉଛି ।

# ସମସେରପଦର ଗାଁରେ ପାନୀୟ ଜଳ ସଙ୍କଟ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ଗ୍ରାମ ପଞ୍ଚାୟତର ସମସେରପଦର ଗାଁ । ଗାଁରେ ପ୍ରାୟ ଦୁଇ ଶହ ପରିବାରର ପନ୍ଦର ଶହ ଲୋକ ରହନ୍ତି । ଗାଁରେ ଏବେ ପିଇବା ପାଣିର ଘୋର ସମସ୍ୟା । ଗ୍ରାମକୁ ଦେଢ଼ ବର୍ଷ ତଳେ ବସୁଧା ଯୋଜନାରେ ପାଇପ୍ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ସବୁଦିନ ପାଣି ମିଳୁନଥିଲା । ଏବେ ଛଅ ମାସ ହେଲା ପାଇପ୍‌ରୁ ପାଣି ଆସିବା ବନ୍ଦ ହୋଇଯାଇଛି । ଫଳରେ ଲୋକେ ପାଣି ମୁନ୍ଦିଏ ପାଇଁ ନାହିଁନଥିବାର ଦୁଃଖ ଭୋଗ କରୁଛନ୍ତି । ଗାଁରେ ତିନିଟି ନଳକୂପ ଥିବାବେଳେ ଗୋଟିଏ ନଳକୂପରୁ ପାଣି ବାହାରୁଛି । ତାହା କିନ୍ତୁ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇବାକୁ ଅକ୍ଷମ । ଏବେ ଖରା ମାସ ହେବାରୁ ଭୂମିତଳ ପାଣି ଶୁଖିଯିବାରୁ ଠିକ୍ ହିସାବରେ ପାଣି ଆସୁନି । ମହିଳାମାନେ ଦିନ ସାରା ଖରାରେ ପାଣି ଗୋଟିଏ ବାଲ୍‌ଟି ପାଇଁ ଅପେକ୍ଷା କରି ରହୁଛନ୍ତି । ଏନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ ହେଉଛି । ଶୀଘ୍ର ପାନୀୟ ଜଳର ଅଭାବ ଦୂର ନକଲେ ବ୍ଲକ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ଏନେଇ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କୁ ପଚାରିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ଗାଁକୁ ପଠାଇବେ ଓ ଶୀଘ୍ର ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# ଶିକ୍ଷା ବର୍ଷ ଆରମ୍ଭ ହୋଇ ମାସେ ବିତିଲା:ପିଲାଙ୍କ ପାଖରେ ପହଞ୍ଚିଲାନି ବହି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ଶିକ୍ଷାବର୍ଷ ଆରମ୍ଭ ହୋଇ ୨୪ ଦିନ ବିତିଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଖରେ ବହି ନାହିଁ । ଯହାକି ଚିନ୍ତାର ବିଷୟ ପାଲଟିଛି । ନୂଆ ଶ୍ରେଣୀରେ ନୂତନ ପାଠ୍ୟକ୍ରମରେ ଛାତ୍ରଛାତ୍ରୀ ପଢ଼ିବେ । ଏଥିପାଇଁ ସରକାରୀ ଓ ଘରୋଇ ବିଦ୍ୟାଳୟରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ପ୍ରବେଶ ଉତ୍ସବ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ହେଲେ ପିଲାଙ୍କ ନିକଟରେ ପାଠ୍ୟପୁସ୍ତକ ଉପଲବ୍ଧ ହୋଇପାରିନାହିଁ । ଉଭୟ ରାଜ୍ୟ ସରକାର ଓ ଏନ୍‌ସିଇଆର୍‌ଟି ଛାତ୍ରଛାତ୍ରୀଙ୍କୁ ବହି ଯୋଗାଇବାରେ ବିଫଳ ହୋଇଛନ୍ତି । ସରକାରୀ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ ଏପର୍ଯ୍ୟନ୍ତ ସମ୍ଭବପର ହୋଇପାରିନାହିଁ । ବଜାରରେ ବିକ୍ରି ହେଉଥିବା ବହି ମଧ୍ୟ ମିଳୁନି । ବିଗତ ବର୍ଷଗୁଡ଼ିକ ପରି ଏଥର ମଧ୍ୟ ଏନ୍‌ସିଇଆର୍‌ଟି ଠିକ୍ ସମୟରେ ପାଠ୍ୟପୁସ୍ତକ ବଜାରକୁ ଛାଡିପାରିନାହିଁ । କଷ୍ଟେମଷ୍ଟେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ପାଠ୍ୟପୁସ୍ତକ ଉପଲବ୍ଧ କରାଯାଇଛି । ତେବେ ୯ମ ଶ୍ରେଣୀ ସିଲାବସ୍ ପରିବର୍ତ୍ତନ ହୋଇଥିବାରୁ ତାହା ଏବେ ସମସ୍ୟା ସୃଷ୍ଟି କରିଛି । ନୂତନ ସିଲାବସ୍ ଅନୁଯାୟୀ ଏପର୍ଯ୍ୟନ୍ତ ପାଠ୍ୟପୁସ୍ତକ ମିଳୁନାହିଁ । ବଜାରକୁ ଆସିବାକୁ ଆହୁରି କେତେ ସମୟ ଲାଗିବ ତାହା କେହି କହିପାରୁନାହାନ୍ତି । ଏହାଦ୍ୱାରା ପିଲାମାନେ ବହୁ ପରିମାଣରେ ହଇରାଣ ହେଉଛନ୍ତି । ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ପିଲାଙ୍କୁ କେଉଁଭଳି ପଢ଼ାଇବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି । କେବଳ ସିବିଏସ୍‌ଇ ଛାତ୍ରଛାତ୍ରୀ ନୁହନ୍ତି, ଓଡ଼ିଆ ମାଧ୍ୟମ ଛାତ୍ରଛାତ୍ରୀଙ୍କ ପାଖରେ ମଧ୍ୟ ବହି ପହଞ୍ଚିପାରିନାହିଁ । ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ପ୍ରଥମରୁ ୮ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ମାଗଣା ପାଠ୍ୟପୁସ୍ତକ ଯୋଗାଇଦେବାର ନିୟମ ରହିଛି । ହେଲେ ଆଜିପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଦିଆଯାଇନାହିଁ । ଉପାନ୍ତ ତଥା ଆଦିବାସୀବହୁଳ ଜିଲ୍ଲାଗୁଡ଼ିକର କିଛି ବିଦ୍ୟାଳୟକୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ ହୋଇଛି । ସରକାରୀ ହିସାବ କହୁଛି, ବିଦ୍ୟାଳୟରେ ମାଗଣା ପାଠ୍ୟପୁସ୍ତକ ପହଞ୍ଚିଛି । ତେବେ ଏହି ସଂଖ୍ୟା ଆହୁରି କମ୍ ହେବ ବୋଲି ଶିକ୍ଷକ ସଙ୍ଗଠନଗୁଡ଼ିକ କହିଛନ୍ତି । ସମସ୍ତ ଜିଲ୍ଲାରେ ପାଠ୍ୟପୁସ୍ତକ ପହଞ୍ଚନଥିବାରୁ ପ୍ରବେଶ ତଥା ଖଡ଼ିଛୁଆଁ ଉତ୍ସବକୁ ଘୁଞ୍ଚାଇ ଦିଆଯାଇଥିବା ନେଇ ଚର୍ଚ୍ଚା ଚାଲିଛି । କାରଣ ପ୍ରବେଶ ଉତ୍ସବରେ ହିଁ ପିଲାମାନଙ୍କୁ ନୂତନ ପାଠ୍ୟପୁସ୍ତକ ସମେତ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯିବ । ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ୯ମ ଓ ୧୦ମ ଶ୍ରେଣୀ ପାଠ୍ୟପୁସ୍ତକରେ ମଧ୍ୟ ସମାନ ସ୍ଥିତି ଲାଗିରହିଛି । ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ଅନୁଯାୟୀ ପାଠ୍ୟପୁସ୍ତକ ଛପାଯାଇନଥିବାରୁ ପିଲାଙ୍କ ପାଖରେ ପାଠ୍ୟପୁସ୍ତକ ଉପଲବ୍ଧ ହୋଇପାରିନାହିଁ ।

# ଅନ୍ଧାରରେ ଚମ୍ପୁଆ-ଫଗୁ ବ୍ରିଜ୍ ରାସ୍ତା:ଲୋକେ ହଟହଟା

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ସହରର ବିକାଶ ଓ ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇଦେବା ନେଇ ଚମ୍ପୁଆ ଏନ୍‌ଏସି କର୍ତ୍ତୃପକ୍ଷ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା । ଚମ୍ପୁଆରୁ ଫଗୁ ବ୍ରିଜ୍‌କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଏବେ ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି । ପ୍ରାୟ ଅଧା କିଲୋମିଟର ରାସ୍ତାରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ମଧ୍ୟରୁ ଗୋଟିଏ ହେଲେ ଜଳୁନଥିବାରୁ ସନ୍ଧ୍ୟା ହେଲେ ସମ୍ପୂର୍ଣ୍ଣ ଅଞ୍ଚଳ ଅନ୍ଧକାରମୟ ହୋଇପଡୁଛି । ଉକ୍ତ ରାସ୍ତାଟି ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଓ ମହିଳାମାନଙ୍କ ପାଇଁ ଏକ ପ୍ରମୁଖ ଚଲାପଥ ହୋଇଥିବାରୁ ପ୍ରତିଦିନ ଶତାଧିକ ଲୋକ ଏଠାରେ ମର୍ଣ୍ଣିଂ ୱାକ୍ ଏବଂ ଇଭିନିଂ ୱାକ୍ କରନ୍ତି । ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ଫଗୁ ଅଞ୍ଚଳବାସୀଙ୍କ ପାଇଁ ଚମ୍ପୁଆ ବଜାର ଏକ ମାତ୍ର ସାହା ଭରସା ହୋଇଥିବାରୁ ଏହି ରାସ୍ତା ଉପରେ ଦୈନିକ ଶତାଧିକ ଲୋକଙ୍କ ଯିବା ଆସିବା ଲାଗି ରହିଥାଏ । ମାତ୍ର ଆଲୋକ ଅଭାବରୁ ସେମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ଧାର ଯୋଗୁଁ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ମଧ୍ୟ ରହିଛି । ଖାଲି ଷ୍ଟ୍ରିଟ୍ ଲାଇଟ୍ ନୁହେଁ, ତା' ସହିତ ରାସ୍ତାର ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ରାସ୍ତା ସାରା କଂକ୍ରିଟ୍ ଫାଟି ଆଁ କରିଥିବା ବେଳେ ସ୍ଥାନେ ସ୍ଥାନେ ରାସ୍ତା ଭାଙ୍ଗି ଉଦୁରୀ ଯିବା ଫଳରେ ଏହି ରାସ୍ତା ସାଧାରଣ ଲୋକଙ୍କ ପାଇଁ ଏକ ପ୍ରକାର ମରଣଯନ୍ତା ପାଲଟି ଯାଇଛି । ଲୋକଙ୍କ କହିବା ଅନୁସାରେ, ସେମାନେ ନିୟମିତ ଭାବେ ଏନ୍‌ଏସିକୁ ହୋଲଡିଂ ଟ୍ୟାକ୍ସ ପ୍ରଦାନ କରୁଛନ୍ତି, କିନ୍ତୁ ତାଙ୍କୁ ସର୍ବନିମ୍ନ ସୁବିଧା ମଧ୍ୟ ଯୋଗାଇ ଦିଆଯାଉନାହିଁ । ଅନ୍ଧାରରେ ବ୍ରିଜ୍ ଆଡକୁ ଯିବା ଏବେ ବିପଜ୍ଜନକ ହୋଇପଡ଼ିଛି । ହୋଲଡିଂ ଟ୍ୟାକ୍ସ ଆଦାୟରେ ପ୍ରଶାସନ ତତ୍ପରତା ଦେଖାଉଥିବା ବେଳେ ସର୍ବସାଧାରଣଙ୍କ ଅସୁବିଧା କଥା ଭୁଲିଯାଉଥିବା ସାଧାରଣରେ ଅଭିଯୋଗ ହେଉଛି । ସେହିପରି ନର୍ଦ୍ଦମା ବା ଡ୍ରେନ୍ ଗୁଡ଼ିକ ମଧ୍ୟ ନିୟମିତ ସଫା କରାଯାଉନଥିବାରୁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ପ୍ରଶାସନର ଏଭଳି ଉଦାସୀନତାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତା ଓ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବା ସହ ଡ୍ରେନ୍ ସଫେଇ ଉପରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଅବ୍ୟବସ୍ଥାରେ ଏସିଆ ମହାଦେଶର ସର୍ବ ବୃହତ୍ ଶୁଖୁଆ ହାଟ

### ପାର୍କିଂ ବ୍ୟବସ୍ଥା ନାହିଁ, ବେପାର ଆଶାରେ ରାଜପଥ କଡ଼ରେ ବେପାରୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଏସିଆ ମହାଦେଶର ସର୍ବବୃହତମ ହୁମ୍ମା ଶୁଖୁଆ ହାଟ ଅବ୍ୟବସ୍ଥା ଘେରରେ । ଏହି ହାଟରେ ଆନୁଷଙ୍ଗିକ ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି । ଶନିବାର ଓ ରବିବାର ଦିନ ହାଟ ଉପରେ ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ବେପାରୀ ଓ ଖାଉଟିମାନଙ୍କ ଗାଡ଼ି ପାର୍କିଂ କରିବା ପାଇଁ ଜାଗା ମିଳୁନି । ୧୬ ନମ୍ବର ଜାତୀୟ ରାଜପଥର ପାର୍ଶ୍ୱରେ ପାର୍କିଂ କରିବାକୁ ପଡୁଛି । କିନ୍ତୁ ହାଇୱେ ପୋଲିସ ଉକ୍ତ ବେପାରୀଙ୍କ ଗାଡ଼ିର ନମ୍ବର ପ୍ଲେଟ୍‌କୁ ଫଟୋ ଉଠାଇ ଚାଲାଣ କାଟୁଥିବା ଅଭିଯୋଗ ହୋଇଛି । ଯାହାକୁନେଇ ଏହି ଶୁଖୁଆ ହାଟର ଅବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଲାଣି । ବାହାରୁ ଆସୁଥିବା ବେପାରୀ ଓ ଖାଉଟିମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ସ୍ଥାନୀୟ ପ୍ରଶାସନ କରୁଛି କଣ ବୋଲି ପ୍ରଶ୍ନ ଉଠିଛି । ଗଞ୍ଜାମ ବ୍ଲକର ହୁମ୍ମା ଶୁଖୁଆ ହାଟ ଗଞ୍ଜାମ ଜିଲ୍ଲା ମତ୍ସ୍ୟ ବିଭାଗ ଅଧୀନରେ ରହିଛି । ଜାତୀୟ ରାଜପଥ କଡ଼ରେ ଚାଲିଛି ଏହି ହାଟ । ଭଳିକି ଭଳି ଶୁଖୁଆ ପସରା ମେଲାଇ ବସିଛନ୍ତି ବ୍ୟବସାୟୀ । ଶାବଳା, ପଥରମୁଣ୍ଡି, ଖଇଙ୍ଗା, କାରାଚାନ୍ଦି, କୋକଲି, ଚିଙ୍ଗୁଡ଼ି ଏମିତି ପ୍ରାୟ ୪୦ ପ୍ରକାର ଶୁଖୁଆ ମିଳୁଥିବା ହାଟ ରାସ୍ତାକଡ଼ରେ ଚାଲିଛି । ସେପଟେ ଶୁଖୁଆ ବ୍ୟବସାୟୀଙ୍କ ପାଇଁ ସମସ୍ତ ସୁବିଧା ଥାଇ ବି କାମରେ ଲାଗୁନାହିଁ । ଆଧୁନିକ ଶୁଖୁଆ ହାଟ ପାଇଁ ୨୦୧୮ ରୁ ୨ଟି କୋଠା ନିର୍ମାଣ କରାଯାଇଛି । ଗୋଟିଏରେ ବ୍ୟବସାୟ କରିବା ପାଇଁ ବ୍ୟବସ୍ଥା ହୋଇଛି । ହେଲେ ଘର ଭିତରେ ଭଲ ବ୍ୟବସାୟ ନହେବାରୁ ବ୍ୟବସାୟୀ ରାଜପଥ କଡ଼ରେ ବସୁଛନ୍ତି । ସେପଟେ କୋଠା ୨ଟି ଅବ୍ୟବହୃତ ହୋଇ ପଡ଼ିରହିଛି । ହୁମ୍ମା ଶୁଖୁଆ ହାଟକୁ ବମ୍ବେ, କୋଲକାତା, ବେଙ୍ଗାଲୁରୁ, ଆନ୍ଧ୍ରପ୍ରଦେଶ ସହ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶୁଖିଆ ଆସିଥାଏ । ଏଠାରୁ ବିଭିନ୍ନ ଗାଁ ଓ ସହରକୁ ଯାଇଥାଏ । ହେଲେ ରାସ୍ତାକଡ଼ରେ ଖୋଲାମେଲାରେ ହାଟ ବସୁଥିବାରୁ ଅନେକ ସମୟରେ ଅସୁବିଧା ହେଉଛି । ବ୍ୟବସାୟୀଙ୍କ ପାଇଁ ଶୌଚାଳୟ ନାହିଁ କି ଆଲୋକ ବ୍ୟବସ୍ଥା ନାହିଁ । ବର୍ଷା ହେଲେ ଲକ୍ଷ ଲକ୍ଷ ଟଙ୍କାର ଶୁଖୁଆ ଓଦା ହୋଇଯାଉଥିବା ବ୍ୟବସାୟୀ ଅଭିଯୋଗ କରିଛନ୍ତି । ତେଣୁ ସମ୍ପୃକ୍ତ କୋଠାରେ ଆନୁସଙ୍ଗିକ ବ୍ୟବସ୍ଥା କରି କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟବସାୟୀ ଦାବି କରିଛନ୍ତି । ସେପଟେ ଶୁଖୁଆ ବ୍ୟବସାୟୀଙ୍କ ସମସ୍ୟାର ସମାଧାନ ପାଇଁ ହାଟକୁ ଲାଗିରହିଛି ସହକାରୀ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ । କିନ୍ତୁ ସେଠାକୁ ଦିନଟିଏ ମଧ୍ୟ କେହି ଅଧିକାରୀ ଆସିନଥିବା ବ୍ୟବସାୟୀ ଅଭିଯୋଗ କରିଛନ୍ତି । କେବଳ ଶୁଖୁଆ ବେପାର ହୁଏ ତାହା ନୁହେଁ । ବିଭିନ୍ନ ସ୍ଥାନରୁ ଚାଷୀ ଓ ବେପାରୀମାନେ ଟନ୍ ଟନ୍ ପରିବା ଆଣି ଏଠାକୁ ବ୍ୟବସାୟ କରିବାକୁ ଆସିଥାନ୍ତି । କିନ୍ତୁ ଗ୍ରାହକମାନଙ୍କ ଲାଗି ଆନୁସଙ୍ଗିକ ବ୍ୟବସ୍ଥା ନଥିବାରୁ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ଟ୍ୱେଣ୍ଟି-୨୦ରେ ୧୦୦୦ ରନ୍ କରିବାରେ ସୂର୍ଯ୍ୟବଂଶୀ ଦ୍ରୁତତମ



**ଜୟପୁର**

ଭାରତର ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ଶତକୀୟ ପାଳି ସତ୍ତ୍ୱେ ଏଠାରେ ଖେଳାଯାଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ହାରିଯାଇଥିଲା। ହେଲେ ଏହି ଅବସରରେ ସୂର୍ଯ୍ୟବଂଶୀ ତାଙ୍କ ରେକର୍ଡ ବୁକ୍‌ରେ ଆଉ ଏକ ଅଧ୍ୟାୟ ଯୋଡ଼ିଥିଲେ। ସେ ଟ୍ୱେଣ୍ଟି-୨୦ କ୍ରିକେଟ୍‌ରେ ବଲ୍ ମୁକାବିଲାରେ ୧୦୦୦ ରନ୍‌ର ମାଇଲ୍‌ଖୁଣ୍ଟ ଛୁଇଁବାରେ ଦ୍ରୁତତମ ଓ ସର୍ବକନିଷ୍ଠ ହୋଇଛନ୍ତି। ସେ ଏହି ଫଟାଫଟ୍ ଫର୍ମାଟ୍‌ରେ ୪୭୩ ବଲ୍‌ରେ ଏହି ମାଇଲ୍‌ଖୁଣ୍ଟ ଛୁଇଁଛନ୍ତି।

ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆର ମିଚେଲ ଓ୍ୱେନ୍‌ଙ୍କ ନାମରେ ଥିଲା। ସେ ୫୩୩ ବଲ୍‌ରେ ୧୦୦୦ ରନ୍ ପୂରଣ କରିଥିଲେ। ଚଳିତ ଆଇପିଏଲ୍‌ର ଏହି ୩୬ତମ ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ୩୬ ବଲ୍‌ରୁ ଶତକ ହାସଲ କରିଥିଲେ। ଯାହା ଆଇପିଏଲ୍‌ରେ ତୃତୀୟ ଦ୍ରୁତତମ ହୋଇଛି। ଦ୍ରୁତତମ ଶତକ ଓ୍ୱେଷ୍ଟଇଣ୍ଡିଜ୍‌ର କ୍ରିସ୍ ଗେଲ୍ (୩୦ ବଲ୍, ୨୦୧୩) ନାଁରେ ଥିଲା ବେଳେ ଦ୍ୱିତୀୟ ଦ୍ରୁତତମ ସୂର୍ଯବଂଶୀ (୩୫ ବଲ୍, ୨୦୨୫)ଙ୍କ ନାଁରେ ରହିଛି। ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଶନିବାର ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ୧୨ ଛକା ଓ ୫ ବାଉଣ୍ଡରି ସହାୟତାରେ ୩୭ ବଲ୍‌ରୁ ୧୦୩ ରନ୍ କରି ଆଉଟ୍ ହୋଇଥିଲେ।

### ସାଇ ସୁଦର୍ଶନଙ୍କ ବିସ୍ଫୋରକ ବ୍ୟାଟିଂ

# ଚେନ୍ନାଇକୁ ୮ ୱିକେଟ୍‌ରେ ହରାଇଲା ଗୁଜୁରାଟ

**ଚେନ୍ନାଇ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୭ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ବିପକ୍ଷରେ ଗୁଜୁରାଟ ୮ ୱିକେଟ୍‌ରେ ବିଜୟୀ ହୋଇଛି। ୧୫୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଗୁଜୁରାଟ ୧୬.୪ ଓଭରରେ ୨ ୱିକେଟ୍ ହରାଇ ୧୬୨ ରନ୍ ସଂଗ୍ରହ କରିଛି। ଗୁଜୁରାଟର ବ୍ୟାଟିଂରେ ବାମହାତୀ ବ୍ୟାଟର ସାଇ ସୁଦର୍ଶନ ନାୟକ ସାଜିଛନ୍ତି। ଚେନ୍ନାଇର ସମସ୍ତ ବୋଲରଙ୍କୁ ତାଙ୍କର ବ୍ୟାଟ୍ ବଳରେ ଜବାବ ଦେଇଛନ୍ତି। ସେ ୪୬ଟି ବଲ୍‌ର ସମ୍ମୁଖୀନ ହୋଇ ୪ଟି ଚୌକା ଏବଂ ୭ଟି ଛକା ବଳରେ ବ୍ୟକ୍ତିଗତ ଭାବେ ୮୭ ରନ୍ ସଂଗ୍ରହ କରିଛନ୍ତି।



ଗୁଜରାଟର ଇନିଂସ ଆରମ୍ଭରୁ ଭଲ ଥିଲା। ଯୁବ ବ୍ୟାଟର ସାଇ ସୁଦର୍ଶନ ଏବଂ ଅଧିନାୟକ ଶୁବମନ ଗିଲ୍ ପ୍ରଥମ ୱିକେଟ୍ ପାଇଁ ୫୮ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ଗିଲ୍ ବ୍ୟକ୍ତିଗତ ଭାବେ ୩୩ ରନ୍‌ର ଯୋଗଦାନ ଦେଇଥିଲେ। ସେ ଗୋଟିଏ ଚୌକା ଏବଂ ୩ଟି ଛକା ମାରିଥିଲେ। ଏହି ମ୍ୟାଚ୍‌ରେ ଗୁଜୁରାଟ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଆୟୋଜକ ଚେନ୍ନାଇ ବ୍ୟାଟିଂ କରିଥିଲା। ଦଳ ଋତୁରାଜ ଗାଏକ୍ୱାର୍ଡଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା।

ଇନିଂସ ଆରମ୍ଭରୁ ଚେନ୍ନାଇର ବ୍ୟାଟିଂ ମନ୍ଥର ଥିଲା। ଏହାର କାରଣ ଥିଲା ଦଳର ପ୍ରାରମ୍ଭିକ ବ୍ୟାଟର ମାନେ କ୍ରିଜ୍‌ରେ ଅଧିକ ସମୟ ପର୍ଯ୍ୟନ୍ତ ତିଷ୍ଠି ପାରି ନଥିଲେ। ଦଳ ୮.୨ ଓଭରରେ ସ୍କୋର ୩୭ ରନ୍‌ରେ ୪ ଜଣ ଖେଳାଳିଙ୍କୁ ହରାଇଥିଲା। ଚେନ୍ନାଇ ଦଳର ସ୍କୋର ୨୧ ରନ୍‌ରେ ସଂଜୁ ସାମସନ, ୨୫ ରନ୍‌ରେ ଉର୍ଭିଲ ପଟେଲ (୪ ରନ୍), ୨୬ ରନ୍‌ରେ ସର୍ଫରାଜ ଖାନ (ଶୂନ୍ୟ ରନ୍) ଏବଂ ୩୭ ରନ୍‌ରେ ଡେୱାଲ୍ଡ ବ୍ରେଭିସ୍ (୨ ରନ୍) ଆଉଟ ହୋଇଥିଲେ।

ଆଇପିଏଲର ଚଳିତ ସଂସ୍କରଣର ଅନ୍ୟତମ ବିସ୍ଫୋରକ ବ୍ୟାଟର ସଞ୍ଜୁ ସାମସନ ମଧ୍ୟ ପଡ଼ିଆରେ ବେଶୀ ସମୟ ତିଷ୍ଠି ରହିପାରି ନଥିଲେ। ସେ ୧୫ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୧୧ ରନ୍ ସଂଗ୍ରହ କରିଥିଲେ ଏବଂ କାଗିସୋ ରାବଡ଼ାଙ୍କ ବଲ୍ ଜୋସ ବଟଲରଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ।

ଚେନ୍ନାଇର ସମ୍ମାନଜନକ ସ୍କୋରରେ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡଙ୍କ ବଡ଼ ଯୋଗଦାନ ଥିଲା। ସେ ଅପରାଜିତ ରହି ବ୍ୟକ୍ତିଗତ ଭାବେ ୭୪ ରନ୍ ସଂଗ୍ରହ କରିଥିଲେ। ୬୦ଟି ବଲ୍ ଖେଳି ୬ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ସେହିପରି ମଧ୍ୟକ୍ରମର ବ୍ୟାଟର ଶିଭମ ଦୁବେ ୨୨ ରନ୍, କାର୍ତ୍ତିକ ଶର୍ମାଙ୍କର ୧୫ ରନ୍ ଏବଂ ଜେମି ଓଭରଟନ୍ ୧୮ ରନ୍ ଯୋଗଦାନ ଦେଇଥିଲେ।

# ହରଭଜନଙ୍କ ସୁରକ୍ଷାରେ ମୁତୟନ ରହିବେ ସିଆରପିଏଫ୍ କମାଣ୍ଡୋ



**ନୂଆଦିଲ୍ଲୀ**

କେନ୍ଦ୍ର ଗୃହମନ୍ତ୍ରଣାଳୟ ପୂର୍ବତନ କ୍ରିକେଟର ଓ ରାଜ୍ୟସଭା ସାଂସଦ ହରଭଜନ ସିଂହଙ୍କୁ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି। ପଞ୍ଜାବ ସରକାରଙ୍କ ଦ୍ୱାରା ସୁରକ୍ଷା ପ୍ରତ୍ୟାହାର କରାଯିବାର କିଛି ଘଣ୍ଟା ପରେ, କେନ୍ଦ୍ର ସରକାର ହରଭଜନ ସିଂହଙ୍କୁ ସିଆରପିଏଫ୍ ସୁରକ୍ଷା ପ୍ରଦାନ କରିଛନ୍ତି। ଏବେ 'ଟର୍ବନେଟର'କୁ ଦିଲ୍ଲୀ ଓ ପଞ୍ଜାବ ଉଭୟ ଦୁଇଟି ସ୍ଥାନରେ କେନ୍ଦ୍ର ସୁରକ୍ଷା ବଳର ଘେରାଉ ମିଳିବ ଓ ସିଆରପିଏଫ୍ କମାଣ୍ଡୋ ତାଙ୍କ ସୁରକ୍ଷାରେ ମୁତୟନ ରହିବେ। ଗୃହ ମନ୍ତ୍ରଣାଳୟ ସୂତ୍ର ଅନୁସାରେ, ହରଭଜନ ସିଂହଙ୍କ ସହିତ ବିଜେପିରେ ଯୋଗ ଦେଇଥିବା ଅନ୍ୟାନ୍ୟ ଆଦ୍‌ମୀ ପାର୍ଟି ସାଂସଦ - ସନ୍ଦୀପ ପାଠକ, ଅଶୋକ ମିତ୍ତଲ, ସ୍ୱାତୀ ମାଲିୱାଲ, ରାଜେନ୍ଦ୍ର ଗୁପ୍ତା ଏବଂ ବିକ୍ରମଜିତ ସାହାଣୀଙ୍କୁ ମଧ୍ୟ କେନ୍ଦ୍ରୀୟ ସୁରକ୍ଷା ପ୍ରଦାନ କରାଯାଇଛି। ଏହି ସମସ୍ତ ନେତାଙ୍କୁ ଏବେ ସିଆରପିଏଫ୍ କମାଣ୍ଡୋମାନେ ସୁରକ୍ଷା ଦେବେ। ଏହି ନେତାମାନଙ୍କ ପ୍ରତି ବଢୁଥିବା ବିପଦ ଏବଂ ପଞ୍ଜାବରେ ସେମାନଙ୍କ ବାସଭବନ ବାହାରେ ପ୍ରତିବାଦକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ଏହା ପୂର୍ବରୁ ପଞ୍ଜାବର ଭଗବନ୍ତ ମାନ ସରକାର ହରଭଜନ ସିଂହଙ୍କ ସୁରକ୍ଷାକୁ ହଟାଇ ଦେଇଛନ୍ତି। ତାଙ୍କ ଜଳନ୍ଧର ବାସଭବନରୁ ନଅରୁ ଦଶ ଜଣ ସୁରକ୍ଷା କର୍ମୀ ଏବଂ ସରକାରୀ ଗାଡ଼ି ଫେରାଇ ନିଆଯାଇଛି। ଏହା ହରଭଜନ ସିଂହଙ୍କ ବ୍ୟକ୍ତିଗତ ସହାୟକ ମନଦୀପ ସିଂହ ସୂଚନା ଦେଇଛନ୍ତି। ଶନିବାର ହରଭଜନଙ୍କ ଘର ବାହାରେ ମଧ୍ୟ ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଥିଲା। ପ୍ରଦର୍ଶନକାରୀମାନେ କାନ୍ଥରେ 'ପଞ୍ଜାବର ଦେଶଦ୍ରୋହୀ' ଲେଖା ସ୍ପ୍ରେ କରି ଲେଖିଥିଲେ। ଆଶ୍ଚର୍ଯ୍ୟର କଥା, ଭିଡିଓରେ ପୋଲିସ ସେଠାରେ ଠିଆ ହୋଇଥିବା ଦେଖାଯାଇଥିଲା, କିନ୍ତୁ ସେମାନେ ପ୍ରତିବାଦକାରୀଙ୍କୁ ଅଟକାଇବାକୁ ଚେଷ୍ଟା କରି ନଥିଲେ। ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଦଳ ଛାଡ଼ିଥିବା ସାଂସଦମାନଙ୍କୁ ସିଧାସଳଖ 'ବିଶ୍ୱାସଘାତକ' ବୋଲି କହିଥିଲେ ଏବଂ କହିଥିଲେ ଯେ ଏହି ନେତାମାନେ ପଞ୍ଜାବର ଲୋକଙ୍କ ବିଶ୍ୱାସକୁ ଆଘାତ ଦେଇଛନ୍ତି।

# ରାଜ୍ୟ କନିଷ୍ଠ ମହିଳା ହକି: ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ବିଜେତା




**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୫ମ ରାଜ୍ୟସ୍ତରୀୟ କନିଷ୍ଠ ମହିଳା ହକି ପ୍ରତିଯୋଗିତାକୁ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ଜିତିଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଦଳ ୨-୧ ଗୋଲ୍‌ରେ ସୁନ୍ଦରଗଡ଼କୁ ପରାସ୍ତକରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଅପରପକ୍ଷରେ ନୟାଗଡ଼କୁ ୩-୨ ଗୋଲ୍‌ରେ ପରାସ୍ତକରି ରାଉରକେଲା କ୍ରୀଡ଼ା ଛାତ୍ରାବାସ ତୃତୀୟ ସ୍ଥାନ ଅଧିକାର କରିଛି।

ରବିବାର ଅପରାହ୍ନରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ମ୍ୟାଚ୍‌ର ୨୦ତମ ମିନିଟ୍‌ରେ କ୍ରୀଡ଼ା ଛାତ୍ରାବାସକୁ ଏକ ପେନାଲ୍‌ଟି କର୍ଣ୍ଣର ସୁଯୋଗ ମିଳିଥିଲା। ଏହାକୁ ଅଙ୍କିତା ମିଞ୍ଜ୍ ଗୋଲ୍‌ରେ ପରିଣତକରି ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଥିଲେ। ୩୪ ମିନିଟ୍‌ରେ ପୁଣି ଏକ ପେନାଲ୍‌ଟି କର୍ଣ୍ଣର ସୁଯୋଗକୁ ହାତଛଡ଼ା ନକରି ଅଙ୍କିତା ଗୋଲ୍ ଦେଇ ସ୍କୋରକୁ ୨-୦ ଗୋଲ୍ ?ରେ ପହଞ୍ଚାଇଥିଲେ। ତେବେ ୩୮ତମ ମିନିଟ୍‌ରେ ସୁନ୍ଦରଗଡ଼ର ନମ୍ରତା ମିଞ୍ଜ ଏକ ସୁନ୍ଦର ଫିଲ୍‌ଡ ଗୋଲ୍ ଦେଇ ବ୍ୟବଧାନକୁ ହ୍ରାସ କରିଥିଲେ। ଶେଷ କ୍ୱାର୍ଟରରେ ଉଭୟ ଦଳ ଆକ୍ରମଣକୁ ଶାଣିତ କରିଥିଲେ ମଧ୍ୟ କେହି ଗୋଲ୍ ସ୍କୋର କରିନପାରିବାରୁ କ୍ରୀଡ଼ା ଛାତ୍ରାବାସ ୨-୧ରେ ବିଜୟୀ ହୋଇଥିଲା।

# ରାଜ୍ୟସ୍ତରୀୟ ଭଲିବଲ ଚାମ୍ପିଅନସିପ୍ : ମୟୂରଭଞ୍ଜ ପୋଲିସ ଦଳ ଚାମ୍ପିଅନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ପୋଲିସ ପଡ଼ିଆରେ ଅନୁଷ୍ଠିତ ୭୮ତମ ରାଜ୍ୟସ୍ତରୀୟ ଭଲିବଲ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ପୋଲିସ ଦଳ ଚାମ୍ପିଅନ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛି। ଏହି ଚାମ୍ପିଅନସିପ୍‌ରେ ୨୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ମୟୂରଭଞ୍ଜ ଦଳ ବାଲେଶ୍ୱରକୁ ୩ - ୦ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି। କ୍ୱାର୍ଟର ଫାଇନାଲରେ ପୁରୀକୁ ୩-୦ ସେଟ୍‌ରେ ଓ ସେମିଫାଇନଲ ମ୍ୟାଚ୍‌ରେ କମିଶନେରଟ, ଭୁବନେଶ୍ୱରକୁ ୩-୨ ସେଟ୍‌ରେ ପରାସ୍ତ କରି ମୟୂରଭଞ୍ଜ ଫାଇନାଲରେ ପ୍ରବେଶ କରିଥିଲା। ଚାମ୍ପିଅନ ଦଳକୁ ୩୦ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ଅଧିନାୟକ ଲକ୍ଷ୍ମୀନାରାୟଣ ସାହୁ, ଫାଇନାଲରେ, ଅଞ୍ଜନ ବେହେରା, ମିଲୁ ମହାନ୍ତ, ବିକାଶ ଗିରି, ଚନ୍ଦ୍ରବିନ୍ଦୁ ସେଠି ଓ ଜଗତ ଜୀବନ ସେଠି ପୁରସ୍କୃତ ହୋଇଥିଲେ। ଖବର ପାଇ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ଦଳକୁ ନିଜ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି। ତତ୍‌ସହିତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜୟ ବାରିକ, ଦୀପକ ଗୋଛାୟତ, ସବିତା ମାଝୀ, ଗୌତମ କିସାନ, ଏସ ଡିପିଓ ପ୍ରଭାତ ମଲ୍ଲିକ, ଆରଆଇ, ପୋଲିସ ଆଲୋକ କୁମାର କାନୁନଗୋ, ସର୍ଜଣ୍ଟ ଗୌତମ ପ୍ରଧାନ ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଏନଆଇଏସ କୋଚ୍ ମନୋରଞ୍ଜନ ଜୀଉ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ଦୀପକ କୁମାର ମୁଣ୍ଡା, ମୟୁରଭଞ୍ଜ ପୋଲିସ ସଙ୍ଘ ସଭାପତି ବିକାଶ କୁମାର ବାରିକ, ସମ୍ପାଦକ ସ୍ୱରାଜ କୁମାର ରାଜ, ଟିମ୍ ମ୍ୟାନେଜର କେ. ବିଶ୍ୱନାଥ ରାଓ ଓ କୋଚ ରାଜେଶ ଦାସ, ପୂର୍ବତନ ଖେଳାଳି ଚନ୍ଦ୍ରମୋହନ ଦଳେଇ, ଅନିଲ କୁମାର ସେଠି ଓ ରାଜେନ୍ଦ୍ର ନାଥ ନାଏକ ଦଳର ସଫଳତା ପାଇଁ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ୨୦୨୭ରେ ଫର୍ମୁଲା ୱାନ୍‌କୁ ଫେରିବ ତୁର୍କୀ ଗ୍ରାଁପ୍ରି, ୫ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷର



**ଜୁରିଖ**

ଦୀର୍ଘ ୬ ବର୍ଷ ପରେ ତୁର୍କୀକୁ ପୁଣି ଥରେ ଫର୍ମୁଲା ୱାନ୍ ଫେରିବ। ଆସନ୍ତା ବର୍ଷଠୁ ଇସ୍ତାନବୁଲ ଗ୍ରାଁପ୍ରି ଆରମ୍ଭ ହେବ। ଉଭୟ ପକ୍ଷ ମଧ୍ୟରେ ୫ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଫଳ ସ୍ୱରୂପ ୨୦୩୧ ସିଜନ ପର୍ଯ୍ୟନ୍ତ ଇସ୍ତାନବୁଲ ଗ୍ରାଁପ୍ରି ଅନୁଷ୍ଠିତ ହେବ। ଶେଷଥର ପାଇଁ ୨୦୨୧ରେ ଇସ୍ତାନବୁଲ ଫର୍ମୁଲାୱାନ ରେସ୍ ଆୟୋଜନ କରିଥିଲା। ଲୁଇସହାମିଲଟନ ୨୦୨୦ ସିଜନରେ ଏଠାରେ ସପ୍ତମ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ ଜିତିବିଶ୍ୱ ରେକର୍ଡ ସମକକ୍ଷ ହୋଇଥିଲେ।

୨୦୦୫ରୁ ୨୦୧୧ ମଧ୍ୟରେ ନିୟମିତ ଭାବେ ଇସ୍ତାନବୁଲ ଗ୍ରାଁପ୍ରି ଆୟୋଜିତ ହୋଇଥିଲା। ଏହା ପରେ ଫର୍ମୁଲା ୱାନକ୍ୟାଲେଣ୍ଡରରୁ ଇସ୍ତାନବୁଲ୍‌କୁ ବାଦ୍ ଦିଆଯାଇଥିଲା। କୋଭିଡ୍‌କୁ ନେଇ ଅନେକ ଦେଶ ରେସ ଆୟୋଜନ କରିବାକୁ ରାଜି ହୋଇ ନଥିବା ବେଳେ ଇସ୍ତାନବୁଲକୁ ୨ବର୍ଷ (୨୦୨୦ ଓ ୨୦୨୧) ପାଇଁ ପୁଣି ଥରେ କ୍ୟାଲେଣ୍ଡରରେ ସାମିଲ କରାଯାଇଥିଲା। ଇସ୍ତାନବୁଲ ଗ୍ରାଁପ୍ରିକୁ କ୍ୟାଲେଣ୍ଡରରେ ସାମିଲ କରାଯାଇଥିଲେ ହେଁ ଆୟୋଜକ ୨୪ଟି ରେସ୍‌ରେ ସିଜନ ସୀମିତ ରଖିବେ। ଅର୍ଥାତ କୌଣସି ଏକ ଗ୍ରାଁପ୍ରି ୨୦୨୭ କ୍ୟାଲେଣ୍ଡରରୁ ବାଦ୍ ପଡ଼ିବ।

# ମୋ ପାଇଁ କୌଣସି ଯୁବ ଖେଳାଳିଙ୍କୁ ନିଜ ସ୍ଥାନ ଛାଡ଼ିବାକୁ ନ ପଡୁ : ଧୋନୀ

**ମୁମ୍ବାଇ**

କ୍ରିକେଟ ଦୁନିଆରୁ ଏକ ବଡ଼ ଖବର ଏବେ ସାମ୍ନାକୁ ଆସୁଛି। ଗଣ-ମାଧ୍ୟମ ରିପୋର୍ଟ ଅନୁସାରେ ଚେନ୍ନାଇ ସୁପର କିଙ୍ଗ୍‌ର ଭେଟେରାନ କ୍ରିକେଟର ଏମଏସ ଧୋନୀ ଆହତରୁ ଆରାମ ହୋଇ ଏବେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଅଛନ୍ତି। ଟିମ୍ ସନ୍ତୁଳନ ତାଙ୍କ କାରଣରୁ ପ୍ରଭାବିତ ହୋଇନାହିଁ। ଏଥିଲାଗି ସେ ଜାଣିଶୁଣି ଫେରୁନାହାନ୍ତି। ରିପୋର୍ଟରେ କୁହାଯାଇଛି ଯେ ମାହି ଚାହୁଁ ନାହାନ୍ତି କି ତାଙ୍କ କାରଣରୁ କୌଣସି ଯୁବ ଖେଳାଳିଙ୍କୁ ନିଜ ସ୍ଥାନ ଛାଡ଼ିବାକୁ ପଡୁ। ସିଏସକେର ବର୍ତ୍ତମାନ ସନ୍ତୁଳନ ଟିମ୍ ଲାଗି ସୁଫଳ ହେଉଛି। ଏହା ମୁଖ୍ୟ କାରଣ ଅଟେ କି ସେ ଏହା ସହ ସେ କୌଣସି ପ୍ରକାରର ହେରଫେର କରିବାକୁ ଚାହୁଁନାହାନ୍ତି ଏବଂ ଫେରିବାକୁ ଚାହୁଁ ନାହାନ୍ତି। ଚେନ୍ନାଇର ମୁଖ୍ୟ କୋଚ୍ ଷ୍ଟିଫେନ ଫ୍ଲେମିଂଙ୍କୁ ଯେତେବେଳେ ଧୋନୀଙ୍କ ଫେରିବା ନେଇ ପ୍ରଶ୍ନ କରାଗଲା ତ ସେ କୌଣସି ସ୍ପଷ୍ଟ ଉତ୍ତର ଦେଇନଥିଲେ। ସେ କହିଥିଲେ କି ଧୋନୀ ରିକଭରିର ଦିଶାରେ ଆଗକୁ ବଢୁଛନ୍ତି। ମ୍ୟାନେଜମେଣ୍ଟ ତରଫରୁ ତାଙ୍କୁ ଯାହା କିଛି କରିବା ଲାଗି କୁହାଯାଉଛି ତାହା ସେ ପାଳନ କରୁଛନ୍ତି।

# ସାଇବର ଅପରାଧ ଓ ଏହାର ନିୟମାନୁଶାସନ ଉପରେ ଜାତୀୟ ସେମିନାର

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଇନ ବିଭାଗ ପକ୍ଷରୁ 'ସାଇବର ଅପରାଧ ଓ ତାହାର ନିୟନ୍ତ୍ରଣ' ବିଷୟରେ ଏକ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ଶିକ୍ଷାବିତ୍, ଆଇନ ବିଶେଷଜ୍ଞ, ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ସେମିନାରକୁ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ଥିଲେ।

ଉଦଘାଟନୀ ଅଧିବେଶନରେ ବରିଷ୍ଠ ଅଧିବକ୍ତା ମନୋଜ କୁମାର ନାୟକ (ପ୍ରେସିଡେଣ୍ଟ, ବାଲେଶ୍ୱର ଜିଲ୍ଲା ବାର୍ ଆସୋସିଏସନ) ଅଧ୍ୟକ୍ଷତା କରିଥିଲେ ଏବଂ ପ୍ରଫେସର ସୌଭିକ ଚାଟର୍ଜୀ (ଜେ.ଆଇ.ଏସ ବିଶ୍ୱବିଦ୍ୟାଳୟ- କୋଲକାତା) ମୁଖ୍ୟବକ୍ତା ଭାବେ ଉଦ୍‌ବୋଧନ ଦେଇଥିଲେ।



କୁଳପତି ପ୍ରଫେସର ତ୍ରିପାଠୀ ଡିଜିଟାଲ ଯୁଗରେ ବଢୁଥିବା ସାଇବର ଅପରାଧ ଉପରେ ଚିନ୍ତା ବ୍ୟକ୍ତ କରି ଶକ୍ତିଶାଳୀ ଆଇନ ପ୍ରଣୟନର ଆବଶ୍ୟକତା ଉଲ୍ଲେଖ କରିଥିଲେ। ପ୍ରଫେସର ଚାଟର୍ଜୀ ସାଇବର ଅପରାଧକୁ କିପରି ରୋକାଯାଇ ପାରିବ ଓ ଏଥିରେ କେଉଁ କେଉଁ ସମସ୍ୟା ରହିଛି ସେଥିପାଇଁ ସରଳ ଭାବେ ଆଲୋଚନା କରିଥିଲେ। ପ୍ରଫେସର ଭାସ୍କର ବେହେରା ସଚେତନତା ଓ ଗବେଷଣାରେ ଶିକ୍ଷା ସଂସ୍ଥାମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସେମିନାରରେ ଡାଟା ସୁରକ୍ଷା, ସାଇବର ଠକେଇ, ଡିଜିଟାଲ ପ୍ରମାଣ ଓ ନୂତନ ଆଇନ ପ୍ରଣୟନ ଓ ଅନ୍ୟାନ୍ୟ ପରିବର୍ତ୍ତନ ଉପରେ ଚର୍ଚ୍ଚା ହୋଇଥିଲା।

ଓଡ଼ିଶାର ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ପ୍ରାୟୋଗିକ ଅନୁଭବ ଅଭିଜ୍ଞତା ସେୟାର କରି ତଦନ୍ତ ଓ ଆଇନ ବ୍ୟବସ୍ଥା ମଧ୍ୟରେ ଭଲ ସମନ୍ୱୟ ଦରକାର ବୋଲି କହିଥିଲେ। ପରେ ଦୁଇଟି ପ୍ରାୟୋଗିକ ଅଧିବେଶନରେ ଅଂଶଗ୍ରାହୀମାନେ ନିଜର ଗବେଷଣା ପତ୍ର ପ୍ରସ୍ତୁତ କରିଥିଲେ। ଓଡ଼ିଶା ସରକାରଙ୍କ ଅତିରିକ୍ତ ସ୍ଥାୟୀ ଆଇନ ପରାମର୍ଶଦାତା ଅଧିବକ୍ତା ପ୍ରଭୁ ପ୍ରସନ୍ନ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ପ୍ୟାନେଲ ଆଲୋଚନାରେ ବାଲେଶ୍ୱର ଜିଲ୍ଲା ଓ ସେସନ୍ସ ଜଜ ସତ୍ୟ ନାରାୟଣ ମିଶ୍ର ଅଧକ୍ଷତା କରିଥିଲେ। ଏହି ପ୍ୟାନେଲରେ ନିଳାଦ୍ରୀ ରାୟ (ଅତିରିକ୍ତ ନିର୍ଦ୍ଦେଶକ, ଆଇଟିଆର ବାଲେଶ୍ୱର), ବ୍ରହ୍ମନାଥ ରଥ (ବାଲେଶ୍ୱର ଦର୍ପଣ), ଡକ୍ଟର ବିଜୟ ଚନ୍ଦ୍ର ମହାପାତ୍ର (ଲ' ସେଣ୍ଟର ଫର ଜୁରିଡିକାଲ ଆର୍କାଇଭସ୍, ଓଡ଼ିଶା ଉଚ୍ଚ ନ୍ୟାୟାଳୟ), ପ୍ରଫେସର ସୁକାନ୍ତ କୁମାର ନନ୍ଦ (ଡିନ୍, ବିଜିଉ) ଓ ଡକ୍ଟର ପରମିତା ଦାଶ (ସହଯୋଗୀ ପ୍ରଫେସର ଓ ସହଯୋଗୀ ଡିନ, କିଟ୍ ଲ' ସ୍କୁଲ) ପ୍ରମୁଖ ଆଲୋଚନାଚକ୍ରରେ ଯୋଗଦେଇଥିଲେ।

ଏକ ପ୍ୟାନେଲ ଆଲୋଚନା ମଧ୍ୟ ହୋଇଥିଲା, ଯେଉଁଥିରେ ସାଇବର ଅପରାଧର ବୃଦ୍ଧି, ତଦନ୍ତ ସମସ୍ୟା, ଡିଜିଟାଲ ପ୍ରମାଣର ଗୁରୁତ୍ୱ ଓ ଆଇନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଶେଷରେ ସଂସ୍ଥାମାନଙ୍କୁ ଆଉ ଶକ୍ତିଶାଳୀ କରିବା, ଡିଜିଟାଲ ସଚେତନତା ବଢାଇବା ଓ ସମସ୍ତଙ୍କ ମିଳିତ ଚେଷ୍ଟାର ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏହି ସେମିନାର ଜ୍ଞାନ ବିନିମୟ ପାଇଁ ଏକ ଉପଯୁକ୍ତ ମଞ୍ଚ ହେବା ସହ ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଧୁନିକ ଆଇନ ସମ୍ପର୍କିତ ତଥ୍ୟର ଅବଗତ ପ୍ରତି ସଚେତନତାମୂଳକ ପଦକ୍ଷେପ ଓ ଯତ୍ନଶୀଳ ହେବା ପ୍ରୟାସକୁ ପ୍ରତିଫଳିତ କରିଥିଲା।

# ରାଷ୍ଟ୍ରୀୟ ନାଟ୍ ମେଳା ୨୦୨୬ : ସୁବର୍ଣ୍ଣପୁରରେ ପଶ୍ଚିମ ଓଡ଼ିଶା ନାଟୁଆଙ୍କ ମହାକୁମ୍ଭ

- ପ୍ରସନ୍ନ ଦାଶ ହେଲେ ନାଟ୍‌ର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ
- ୩୦ ଲକ୍ଷରେ ପୁନଃନିର୍ମାଣ ହେବ ଭୀମଭୋଇ କଳାମଣ୍ଡପ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ନାଟକ, ସାହିତ୍ୟ ଏବଂ ସମାଜସେବା ପାଇଁ ସମର୍ପିତ ସୁବର୍ଣ୍ଣପୁରର ଅନୁଷ୍ଠାନ ନୋଡାଲ ଆସୋସିଏସନ୍ ଫର୍ ଅମେଚ୍ୟୋର୍ ଥିଏଟର (ନାଟ୍) ଦ୍ୱାରା ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ରାଷ୍ଟ୍ରୀୟ ନାଟ୍ ମେଳା ୨୦୨୬ ମହା ସମାରୋହରେ ପାଳିତ ହୋଇ ଯାଇଛି। ନାଟ୍‌ର ବରିଷ୍ଠ ସଦସ୍ୟ ସମୀର ସାହୁଙ୍କ ଭଜନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ନାଟ୍‌ର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ବିଶଷ୍ଟ ନାଟ୍ୟକର୍ମୀ ପ୍ରସନ୍ନ କୁମାର ଦାଶ, ବିଶିଷ୍ଟ ଶିକ୍ଷାବିଦ ପ୍ରକାଶ କୁମାର ଯୋଶୀ, ସୋନପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ସୋନପୁର ପୌର ପରିଷଦର ଅଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ ଏବଂ କବି ଆର୍ତ୍ତତ୍ରାଣ ବାବୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୌରାଧ୍ୟକ୍ଷା ନୂତନ ଟାଉନ ହଲ୍ ପରିସରରେ ତିରିଶ ଲକ୍ଷ ବ୍ୟୟରେ ଭୀମଭୋଇ କଳାମଣ୍ଡପ ନିର୍ମାଣ କରିବା ପାଇଁ ଘୋଷଣା କରିଥିଲେ ଯାହାକୁ ଉପସ୍ଥିତ ଦର୍ଶକ କରତାଳି ସହ ସ୍ୱାଗତ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ସ୍ମରଣିକା ନେପଥ୍ୟ ଉନ୍ମୋଚିତ ହୋଇଥିଲା। ଉଦ୍‌ଘାଟନୀ ସଭାକୁ ନାଟ୍‌ର ସାହିତ୍ୟ ସମ୍ପାଦକ ଲକ୍ଷ୍ମୀ ନାରାୟଣ ସାହୁ ସଂଯୋଜନା କରିଥିବା ବେଳେ ସାଧାରଣ ସଂପାଦକ ବନମାଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଏକ ଦିବସୀୟ ଉତ୍ସବର ଦ୍ୱିତୀୟ ପର୍ବରେ 'ନାଟକ ପରିବେଷଣରେ ମଞ୍ଚସଜ୍ଜା : ଐତିହ୍ୟ ଓ ସମୃଦ୍ଧି' ଶୀର୍ଷକ ଆଲୋଚ୍‌ନାଚକ୍ର ନାଟର ରାଷ୍ଟ୍ରୀୟ ଅଧକ୍ଷ ଡଃ ଦ୍ୱାରିକାନାଥ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଇଣ୍ଟେକ୍ ସୋନପୁର ଶାଖାର ସହଯୋଗରେ ଆୟୋଜିତ ଏହି ଆଲୋଚ୍‌ନାଚକ୍ରରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ପ୍ରବୋଧ ରଥଙ୍କ ସମେତ ଅଶୋକ ବହିଦାର, ଚିତ୍ତ ରଂଜନ ଦାଶ, ପ୍ରଦୀପ ପଣ୍ଡା, ପ୍ରଦୀପ ଡି. ମାଝି, ଶ୍ୟାମା ଓଁ ପ୍ରସାଦ ମିଶ୍ର, ସତ୍ୟ ରଞ୍ଜନ ବେହେରା, ଡଃ. ତୁଷାରକାନ୍ତ ସାହୁ, ନାଟ୍ୟଶ୍ରୀ ମାନସ ରଞ୍ଜନ ମିଶ୍ର, ଡଃ. ଅତିଶ କୁମାର ଶତପଥିଙ୍କ ପରି ପଶ୍ଚିମ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ନାଟ୍ୟକର୍ମୀମାନେ ଅତିଥି ଆଲୋଚ୍‌କ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ନାଟ୍ ମେଳା ୨୦୨୬ ହେଉଛି ସୁବର୍ଣ୍ଣପୁରରେ ପଶ୍ଚିମ ଓଡ଼ିଶାର ନାଟୁଆଙ୍କ ମହାକୁମ୍ଭ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ମଞ୍ଚସଜ୍ଜା ଓ ମଞ୍ଚଶିଳ୍ପର ଅତୀତ ଏବଂ ବର୍ତ୍ତମାନ ସ୍ଥିତିକୁ ମନ୍ଥନ କରିବା ସହ ଭବିଷ୍ୟତ ପୀଢ଼ିଙ୍କୁ ଗଢି ତୋଳିଲେ ନାଟ୍ୟ ପରମ୍ପରା ଚିରଞ୍ଜିବୀ ହୋଇ ପାରିବ ବୋଲି ମତ ପ୍ରକାଶ ହୋଇଥିଲା। ଇଣ୍ଟେକର ଆଜୀବନ ସଦସ୍ୟ ବେଣୁଧର ପ୍ରଧାନ ପ୍ରସଙ୍ଗ ଉପସ୍ଥାପନ କରିଥିବା ବେଳେ ଇଣ୍ଟେକର ଅନ୍ୟତମ ଆଜୀବନ ସଦସ୍ୟ ଡଃ ସୌରଭ ରଂଜନ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମ ପର୍ଯ୍ୟାୟରେ ଟ୍ରେଣ୍ଡି ଏକାଡ଼େମୀର ନୃତ୍ୟଶିଳ୍ପୀମାନେ ବୀରେନ୍ଦ୍ର ମହାନନ୍ଦଙ୍କ ସଂଯୋଜନାରେ ନୃତ୍ୟ ପରିବେଷଣ କରିଥିଲେ। ଉଦ୍ୟୋଗପତି ଗୋପାଳ ନେଗୀ ଅତିଥି ଭାବେ ଯୋଗ ଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ନାଟର ସଂସ୍କୃତି ସଂପାଦକ ଅବିନାଶ ହୋତାଙ୍କ ସଂଯୋଜନାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ନାଟ୍ୟକର୍ମୀ ପ୍ରସନ୍ନ ଦାଶଙ୍କୁ ଅନୁଷ୍ଠାନ ତରଫରୁ ରାଷ୍ଟ୍ରୀୟ ନାଟ୍ ସମ୍ମାନରେ ସମ୍ମାନିତ କରାଯିବା ସହ ଆଗାମୀ ଏକ ବର୍ଷ ପାଇଁ ନାଟ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷ ରୂପେ ଅଭିଷିକ୍ତ କରାଯାଇଥିଲା। ଏହା ସହିତ ବିଶିଷ୍ଟ ମଞ୍ଚସଜ୍ଜା ଶିଳ୍ପୀ କୁନୁ ବେଜ, ପ୍ରବୀଣ କୁମାର ଅଗ୍ରୱାଲ, ଭିନ୍ନେନ୍ଦୁ ଶେଖର ଦାଶ, ପ୍ରଳୟ କୁମାର ଶତପଥୀ, ଉମାକାନ୍ତ ବିଷୋୟୀ, ଅଶୋକ କୁମାର ମିଶ୍ର, ଚିତ୍ରସେନ ମିଶ୍ର, ସଞ୍ଜୟ ସାହୁ, ଦେବେନ୍ଦ୍ର କୁମାର ଅମାତ, ପ୍ରଭାସ ଚ଼ନ୍ଦ୍ର ମିଶ୍ର, ଲଡ୍ଡୁ କିଶୋର ମଲ୍ଲିକ, ରମେଶ ଗୁର୍ଲା, ଆଶିଷ କୁମାର ବାଇକର, ଅଶୋକ ବାରିକ, ଜନ୍ମେଜୟ ନାୟକ, କୌଶିକ ଜାଲ, ତ୍ରିମୋହନ ସାହୁ ଏବଂ ଡଃ ଶ୍ୟାମ ସୁନ୍ଦର ପାଣ୍ଡେଙ୍କୁ ନାଟ୍ ବିଶ୍ୱକର୍ମା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ଡଃ. ଦ୍ୱାରିକାନାଥ ନାୟକଙ୍କ ସହ ବିଶିଷ୍ଟ କଳା ନିର୍ଦ୍ଦେଶକ ପ୍ରେମଚାନ୍ଦ ମଣ୍ଟୁ ମହାପାତ୍ର ଏବଂ ନାଟ୍ୟଶ୍ରୀ ଗଦାଧର ବାରିକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ, ଉପସଭାପତି ଶୈଳେନ୍ଦ୍ର ବସ୍ତିଆ, ସାଧାରଣ ସଂପାଦକ ବନମାଳି ପଣ୍ଡା, ସାହିତ୍ୟ ସଂପାଦକ ଲକ୍ଷ୍ମୀ ନାରାୟଣ ସାହୁ, ସମାଜସେବା ସଂପାଦକ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ନାଟର କୋଷାଧ୍ୟକ୍ଷ ଜ୍ୟୋତି ବିକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନାଟର ସଦସ୍ୟ ଗତିକୃଷ୍ଣ ବଣିଆଁ, ଶିବରାଜ କମ୍ପ, ସରିତା ପୋଥାଲ, ସବିତା ସାହୁ, ଝୁମି ମେହେର, ଶୈବାଳୀ ଦାଶ, ପ୍ରଜ୍ଞା ପରିମିତା ଦାଶ, ପ୍ରତାପ ମେହେର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ପାର୍ବତୀଗିରି ମହିଳା ମହାବିଦ୍ୟାଳୟରେ କୃତ୍ରିମ ବୁଦ୍ଧିମତ୍ତା ଓ ସାଇବର ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ପାର୍ବତୀଗିରି ମହିଳା ମହାବିଦ୍ୟାଳୟରେ 'କୃତ୍ରିମ ବୁଦ୍ଧିମତ୍ତା ଓ ସାଇବର ସୁରକ୍ଷା' ଶୀର୍ଷକ ଏକ ଦିବସୀୟ ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର ଆୟୋଜନ ହୋଇଯାଇଅଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୌଜନ୍ୟରେ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡା ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ପ୍ରାଧ୍ୟାପିକା ଡଃ. ପୁଷ୍ପାଞ୍ଜଳି ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବରଗଡ ସାଇବର ଥାନାର ଡିଏସ୍‌ପି ସୁମନ୍ତ କିଷାନ, ଚିରାଗ ରଥ, ସୁବ୍ରତ ମଜୁମଦାର ଓ ରାହୁଲ ପଣ୍ଡା ଅତିଥି ଭାବେ ଯୋଗଦେଇ ପିପିଟି ମାଧ୍ୟମରେ ଏଆଇଓ ସାଇବର ସିକ୍ୟୁରିଟି ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ସହ ସଂଯୋଜକ ଡଃ. ଦେବେନ୍ଦ୍ର ବେହେରା ଓ ଜିଲ୍ଲା ପ୍ରୋଗ୍ରାମ ଅଫିସର ରାଜୀବ ସାହୁ ମଞ୍ଚାସୀନ ଥିଲେ। ଉକ୍ତ ଆଲୋଚନାଚକ୍ରରେ ବରଗଡ଼ ଜିଲ୍ଲାର ପ୍ରାୟ ୨୦ଟି ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଓ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦ ଓ ମୌସୁମୀ ଲିଜା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ବିଶ୍ୱଜିତ ସାହୁ ଓ ଅମିତ କୁମାର ଭାର୍ଗ୍ୱ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଚୁଲମୁକ୍ତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।





# ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ନବଉତ୍କଳର ନିର୍ମାତା, ବିଚ୍ଛିନ୍ନ ଉତ୍କଳର ଏକତ୍ରିକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ, ଦାନବୀର ରୂପେ ସର୍ବଜନବିଦିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଉତ୍କଳମାତାର ସେବାରେ ନିଜକୁ ନିୟୋଜିତ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିର ରାଜପରିବାରରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପିତା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ ମାତା ରାଧାମଣି ଦେବୀଙ୍କର କୋଳମଣ୍ଡନ କରିଥିଲେ । ୧୯୭୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା । ଓଡ଼ିଆ ଭାଷାଭାଷୀ ଅଂଚଳକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ ତାଙ୍କର ଅଦମ୍ୟ ପ୍ରଚେଷ୍ଟା ଥିଲା ଅତୁଳନୀୟ । ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ତଥା ସୁଶାସକ ଭାବେ ତାଙ୍କର ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ରବିବାର ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସଦର ସଦସ୍ୟବୃନ୍ଦ, ପାରଳା ଗଜପତି ବିକାଶ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ‘ଲେଖନୀ ସ୍ୱର’ର ବନ୍ଧୁମିଳନ ‘ସାହିତ୍ୟର ସେତୁରେ ବନ୍ଧୁତାର ମେଳି’



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଲୋକପ୍ରିୟ ସାହିତ୍ୟ ଅନୁଷ୍ଠାନ ‘ଲେଖନୀ ସ୍ୱର’ ପକ୍ଷରୁ ଏକ ବର୍ଣ୍ଣାଢ୍ୟ ବନ୍ଧୁମିଳନ ‘ସାହିତ୍ୟର ସେତୁରେ ବନ୍ଧୁତାର ମେଳି’ କାର୍ଯ୍ୟକ୍ରମ ସ୍ଥାନୀୟ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ସୁଷମା ମିଶ୍ର, ପ୍ରବୀଣା ମହାନ୍ତି, ପବିତ୍ର ମୋହନ ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ଅମରେଶ ବିଶ୍ୱାଳ, ଲକ୍ଷ୍ମୀ ଚାନ୍ଦ, ଡ. ପ୍ରଦୀପ କୁମାର ମିଶ୍ର, ସୁଷମା ଦାଶ, ମାନମୟୀ ରଥ, ପ୍ରଦୀପ କୁମାର ନାୟକ, ତାପସରାଜ ମହାରଣା, ଭବାନୀ ଭୂୟାଁ, ପରଂବ୍ରହ୍ମ ତ୍ରିପାଠୀ, ଭାସ୍ୱତୀ ବସୁ, ଓଁ ଅଭିଜ୍ଞାନ ସାହୁ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ବିଜୟ ମଣ୍ଡଳ, ବିମଳଚାନ୍ଦ ପଟ୍ଟନାୟକ, ଶ୍ରୀଧର ପଟ୍ଟନାୟକ, ଆଶୁତୋଷ ପାତ୍ର, ତୁହିନାଂଶୁ କର ପ୍ରମୁଖ ଯୋଗ ଦେଇ ନିଜ ନିଜର ଅନୁଭୂତି ବଖାଣିବା ସହ ସାହିତ୍ୟର ସମୃଦ୍ଧିରେ ଏହିପରି ପାରିବାରିକ ସାହିତ୍ୟ ଅନୁଷ୍ଠାନର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ଯୁବ କବିମାନେ ନିଜ ନିଜର କବିତା ଏବଂ ଗଜଲ୍ ପାଠ କରିବା ସହ ସମସ୍ତେ ମିଶି କବିତା ଉପଭୋଗ କରିଥିଲେ । ବରିଷ୍ଠ ଅତିଥି ସାହିତ୍ୟିକମାନଙ୍କୁ ଯୁବ ସାହିତ୍ୟିକମାନଙ୍କର ପ୍ରଶ୍ନ ଏବଂ ଅତିଥିଙ୍କ ଦ୍ୱାରା ତାର ଉତ୍ତର କାର୍ଯ୍ୟକ୍ରମକୁ ଖୁବ୍ ଆକର୍ଷଣୀୟ କରିଥିଲା । ଲେଖନୀ ସ୍ୱର ପରିବାରର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ ପରସ୍ପର ସହ ଭାବ ବିନିମୟ କରି ସୁନ୍ଦର ଅନୁଭୂତି ସାଉଁଟିଥିଲେ । ଏହି ଅବସରରେ ସମସ୍ତ ଅତିଥି ଏବଂ ଯୁବ ସାହିତ୍ୟିକମାନଙ୍କୁ ‘ସୃଜନୀ ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଥିଲା । ସୂଚନଯୋଗ୍ୟ ଯେ, ଚାରିବର୍ଷ ପୂର୍ବେ ଅନଲାଇନ୍ ମାଧ୍ୟମରେ ଗଢ଼ି ଉଠିଥିବା ଏହି ଅନୁଷ୍ଠାନ ପ୍ରତ୍ୟେକ ମାସ ଆଭାସୀ ମାଧ୍ୟମରେ କବିତା ପାଠ, ଆଲୋଚନା ଚକ୍ର, ପୁସ୍ତକ ସମୀକ୍ଷା, ସାକ୍ଷାତକାର ଆଦି ଅନେକ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛି । ଏହି ଅବସରରେ ‘ଲେଖନୀ ସ୍ୱର’ର ପ୍ରତିଷ୍ଠାତା ତଥା ସମ୍ପାଦିକା ଶ୍ରୀମତୀ ତପସ୍ୱିନୀ ଦାଶ ଷଡଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସାହିତ୍ୟ ମାଧ୍ୟମରେ ସୁନ୍ଦର ସମାଜଟେ ଗଢ଼ିବା ଦିଗରେ ଅନୁଷ୍ଠାନ ଏମିତି ହିଁ ନିରନ୍ତର ଉଦ୍ୟମରତ ଥିବ ବୋଲି ମତବ୍ୟକ୍ତ କରିଥିଲେ । ଶ୍ୱେତପଦ୍ମା ପାଢୀ ତ୍ରିପାଠୀ, ଶ୍ରୀକାନ୍ତ ଘଡାଇ, ଅଂଶୁମାନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଯୁବ କବି ରୁପେଶ ସାହୁ ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ସଂଯୋଜନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ‘ପବନ ଶକ୍ତି ଦେଶର ବିକାଶରେ...

ଗୌତମ ବୁଦ୍ଧଙ୍କ ଜୀବନ ବାର୍ତ୍ତା ଆଜି ମଧ୍ୟ ପ୍ରାସଙ୍ଗିକ । ସେ ଆମକୁ ଶିଖାଇଥିଲେ ଯେ ଶାନ୍ତି ଭିତରେ ଆରମ୍ଭ ହୁଏ । ସେ କହିଥିଲେ ଯେ ନିଜ ଉପରେ ବିଜୟ ହେଉଛି ସର୍ବୋତ୍ତମ ବିଜୟ । ଆଜି ବିଶ୍ୱ ଯେଉଁ ଉତ୍ତେଜନା ଏବଂ ସଂଘର୍ଷର ସମ୍ମୁଖୀନ ହେଉଛି ତାହାକୁ ଦୃଷ୍ଟିରେ ରଖି, ଏହି ସମୟରେ ବୁଦ୍ଧଙ୍କ ଚିନ୍ତାଧାରା ଆହୁରି ପ୍ରାସଙ୍ଗିକ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ‘ଆମ ଦେଶରେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀ ଜାନୁଆରୀ ୨୩ ରୁ ଗାନ୍ଧୀଜୀଙ୍କ ମୃତ୍ୟୁବାର୍ଷିକୀ ଜାନୁଆରୀ ୩୦ ପର୍ଯ୍ୟନ୍ତ ଗଣତନ୍ତ୍ର ଦିବସ ପାଳନ କରାଯାଏ । ଏହି ଉତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ‘ବିଟିଂ ରିଟ୍ରିଟ୍’ ସମାରୋହ । ଆଜି, ମୁଁ ଆପଣଙ୍କୁ ବିଟିଂ ରିଟ୍ରିଟ୍ ବିଷୟରେ କହୁଛି କାରଣ ଏହା ପଛରେ ଏକ ବିଶେଷ କାରଣ ଅଛି । ଏହି ସମାରୋହରେ ବିଭିନ୍ନ ବ୍ୟାଣ୍ଡ ସହିତ ବିଭିନ୍ନ ସଂଗୀତ ପରମ୍ପରା ପ୍ରଦର୍ଶିତ ହୁଏ । ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତୀୟ ସଙ୍ଗୀତର ଅନ୍ତର୍ଭୁକ୍ତି ବୃଦ୍ଧି ପାଇଛି ଏବଂ ଏହାକୁ ଦେଶର ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଚଳିତ ବର୍ଷର ବିଟିଂ ରିଟ୍ରିଟ୍ ସମାରୋହ ବହୁତ ସ୍ମରଣୀୟ ଥିଲା । ବାୟୁସେନା, ସ୍ଥଳସେନା ଏବଂ ନୌସେନାର ବ୍ୟାଣ୍ଡଗୁଡ଼ିକ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ ।’

ସେ କହିଥିଲେ, ‘ଏହି ଦ୍ରୁତ ଗତିରେ ପରିବର୍ତ୍ତିତ ସମୟରେ ପ୍ରଯୁକ୍ତିବିଦ୍ୟା ଆମ ଜୀବନର ଏକ ଅତ୍ୟାବଶ୍ୟକ ଅଂଶ ପାଲଟିଛି । ଆଜି ଆମେ ପ୍ରଯୁକ୍ତିର ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖୁଛୁ । ଏହା ସହଜରେ ଆମର ଅତୀତକୁ ବର୍ତ୍ତମାନ ସହିତ ସଂଯୋଗ କରେ । ଏହି କ୍ଷେତ୍ରରେ ଏକ ସାମ୍ପ୍ରତିକ ବିକାଶ ଶିକ୍ଷା ସହିତ ଜଡିତ ଏବଂ ଇତିହାସରେ ଆଗ୍ରହୀ ଲୋକଙ୍କ ପାଇଁ ବହୁତ ଆନନ୍ଦ ଆଣି ଦେଇଛି ।’

ସେ ଆହୁରି କହିଛନ୍ତି, ‘କିଛି ଦିନ ପୂର୍ବରୁ, ଭାରତୀୟ ଜାତୀୟ ଅଭିଲେଖାଗାର ଏକ ଉତ୍ସର୍ଗୀକୃତ ପୋର୍ଟାଲରେ ଏକ ଅନନ୍ୟ ଡାଟାବେସ୍ ସେୟାର କରିଛି । ଏହି ସଂଗଠନ ୨୦୦ ନିୟୁତରୁ ଅଧିକ ମୂଲ୍ୟବାନ ଡକ୍ୟୁମେଣ୍ଟକୁ ଡିଜିଟାଇଜ୍ କରି ସାର୍ବଜନୀନ କରିଛି । ମୁଁ ଆପଣମାନଙ୍କୁ ଏହାର ସାଇଟ୍ ପରିଦର୍ଶନ କରିବାକୁ ଅନୁରୋଧ କରୁଛି । ଏହା ଆମର ଇତିହାସ ବିଷୟରେ ଜାଣିବା ପାଇଁ ଏକ ସୁନ୍ଦର ଅଭିଜ୍ଞତା ପ୍ରଦାନ କରିବ ।’

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ‘ଏହି ମାସର ଆରମ୍ଭରେ ଫ୍ରାନ୍ସର ବୋର୍ଡୋରେ ୟୁରୋପୀୟ ବାଳିକା ଗଣିତ ଅଲିମ୍ପିଆଡ୍ ଅନୁଷ୍ଠିତ ହୋଇଥିଲା । ଆମର ଝିଅମାନେ ଏହି ଅଲିମ୍ପିଆଡ୍‌ରେ ସେମାନଙ୍କର ସର୍ବୋତ୍ତମ ପ୍ରଦର୍ଶନ କରିଥିଲେ । ମୁଁ ଏହି ପ୍ରତିଭାଶାଳୀ ଦଳ ଉପରେ ଅତ୍ୟନ୍ତ ଗର୍ବିତ । ଦଳରେ ମୁମ୍ବାଇର ଶ୍ରେୟା ମୁନ୍ଦ୍ରା, ତିରୁବନନ୍ତପୁରମର ସଞ୍ଜନା ଚାକୋ, ଚେନ୍ନାଇର ଶିବାନୀ ଭାରତ କୁମାର ଏବଂ କୋଲକାତାର ଶ୍ରୀମୟୀ ବେରା ଥିଲେ । ଆମର ଦଳ ବିଶ୍ୱ ସ୍ତରରେ ଷଷ୍ଠ ସ୍ଥାନ ହାସଲ କରିଥିଲା । ଶ୍ରେୟା ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ, ଯେତେବେଳେ ସଞ୍ଜନା ରୌପ୍ୟ ପଦକ ଜିତିଥିଲେ ଏବଂ ଶିବାନୀ କାଂସ୍ୟ ପଦକ ଜିତିଥିଲେ ।

## ରାଜସ୍ୱ ବିଭାଗର କଠୋର...

ବ୍ୟବସ୍ଥା ଲାଗୁ ହେବ । କେବଳ ଏହି ସବୁ ପରିସ୍ଥିତି ପରିପ୍ରେକ୍ଷୀରେ ନିବନ୍ଧନ କର୍ମକର୍ତ୍ତା ବ୍ୟକ୍ତିଙ୍କ ଘରକୁ ଯାଇ କାର୍ଯ୍ୟ ସମ୍ପାଦନ କରିବାର ଅଧିକାର ରହିଛି । ଏପରି ଘରୋଇ ନିବନ୍ଧନ ପୂର୍ବରୁ ଉଚିତ୍ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟରୁ ପୂର୍ବ ଅନୁମତି ନିଆଯିବା ଅନିବାର୍ଯ୍ୟ । ଜିଲ୍ଲା ମଧ୍ୟରେ ଥିଲେ ଏଡିଏମ୍ ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କ ପାଖରୁ ଅନୁମତି ଆବଶ୍ୟକ । ଯଦି ଜଣେ ଜିଲ୍ଲା ବାହାରେ, କିନ୍ତୁ ରାଜ୍ୟ ଭିତରେ ଥିବେ ଏହି କ୍ଷେତ୍ରରେ ଇନ୍ସପେକ୍ଟର ଜେନେରାଲ ଅଫ ରେଜିଷ୍ଟ୍ରେସନ୍‌ଙ୍କ ଅନୁମତି ଆବଶ୍ୟକ । ଯଦି ରାଜ୍ୟ ବାହାରେ ଥିବେ ତେବେ ରାଜ୍ୟ ସରକାରଙ୍କ ଅନୁମତି ଆବଶ୍ୟକ ହେବ । କେବଳ ପ୍ରକୃତ ଏବଂ ଯୁକ୍ତିସଙ୍ଗତ ମାମଲାରେ ଘରେ ଯାଇ ନିବନ୍ଧନ କରାଯିବ ଏବଂ ସମସ୍ତ କାରଣ ତଥା ଦଲିଲ୍ ସମ୍ବନ୍ଧୀୟ କାଗଜପତ୍ରର ସଠିକ୍ ଯାଞ୍ଚ କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି । ଏହି ବ୍ୟବସ୍ଥାର କୌଣସି ଉଲ୍ଲଂଘନ କଲେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ସେହିପରି ସମସ୍ତ ଏଡିଏମ୍ ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ଏହି ଆଇନର କାର୍ଯ୍ୟକାରିତା ନେଇ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରାଯାଇଛି । ସରକାର ଦଲିଲ ନିବନ୍ଧନ ପ୍ରକ୍ରିୟାରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧ ଓ ଆଇନଗତ ନିୟମାବଳୀର କଡ଼ା ଅନୁପାଳନ ପ୍ରତି ନିଜର ପ୍ରତିବଦ୍ଧତା ସ୍ପଷ୍ଟ କରିଛନ୍ତି ।

## ଗୁଜୁରାଟ ନଗର ନିଗମ...

ପୁଣି ବଦଳି ଯାଇଥିଲା । ବିଜେପି ସବୁ ପ୍ରମୁଖ ନଗରନିଗମରେ ନିଜ ସ୍ଥିତି ସୁଧାରିଥିବା ବେଳେ ପାଳିକାରେ ନିଜର ସ୍ଥିତିକୁ ସୁଦୃଢ଼ କରିଥିଲା । ସୁରଟ ନଗରନିଗମରେ କଂଗ୍ରେସକୁ ପଛରେ ପକାଇ ଆମ୍ ଆଦ୍‌ମୀ ପାର୍ଟି (ଆପ) ବଡ଼ ଦଳ ଭାବେ ଉଭା ହୋଇଥିଲା । ରବିବାର ସାରା ଗୁଜରାଟରେ ୪୧.୮ ନିୟୁତ ଭୋଟର ୨୫,୫୩୭ ପ୍ରାର୍ଥୀଙ୍କ ଲାଗି ମତଦାନ କରିଛନ୍ତି ।

## ଏପ୍ରିଲ ୨୭ରେ ମୁଖ୍ୟମନ୍ତ୍ରୀଙ୍କ...

ଯାଇଛି । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୭ ତାରିଖରେ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ୟୁନିଟ-୨, ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି ହୋଇଥାଏ ।

## ରୁଷ୍-ଇରାନ ତେଲ କ୍ରୟ...

କହିବାର ୨ ଦିନ ପରେ ଏଥିରେ ସମ୍ପ୍ରସାରଣ କରାଯାଇଥିଲା । ଅତି ଗରିବ ଏବଂ ସମସ୍ୟାରେ ଥିବା ବିଶ୍ୱର ଦେଶ ଗୁଡ଼ିକ ନିବେଦନ କରିବା ପରେ ତେଲ କଟକଣାକୁ ସାମାନ୍ୟ କୋହଳ କରାଯାଇଥିଲା । ତେବେ ପୁଣି ଥରେ ଏହି ସୀମା କୋହଳ କଲା ଭଳି କୌଣସି ଯୋଜନା ନାହିଁ ବୋଲି କହିଛନ୍ତି ବେସେଣ୍ଟ । ସମୁଦ୍ରରେ ଥିବା ତେଲରୁ ରୁଷ୍‌କୁ ଫାଇଦା ହୋଇଥିବା ସେ କହିଛନ୍ତି । ଅନ୍ୟପଟେ ଆମେରିକା ଏହି କଟକଣାକୁ ପୁଣି ଥରେ କୋହଳ କରିବନି ବୋଲି ୟୁରୋପୀୟ ସଂଘର କାରବାର ଆୟୁକ୍ତ ମାରୋସ ସେଫକୋବିକ କହିଛନ୍ତି । ଏହି କୋହଳ ସୀମା ମେ’ ମାସ ୧୬ ଯାଏ ରହିଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଭାରତ ବର୍ତ୍ତମାନ ପୁଣି ଥରେ ରୁଷ୍ ତେଲ କିଣା ଉପରେ ଫୋକସ୍ କରିଛି । ଦେଶ ଏହାର ଆବଶ୍ୟକତାର ୩୦% ରୁ ୩୫% ତେଲ ରୁଷ୍‌ଠାରୁ ଆମଦାନୀ କରୁଛି । ଆମେରିକା କୋହଳ ସୀମା ନ ବଢ଼ାଇଲେ ଏହା ଦ୍ୱାରା ଭାରତ ବଡ଼ ମାତ୍ରାରେ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି ।

## ପଞ୍ଚାୟତ ନିର୍ବାଚନ ପାଇଁ ଆରମ୍ଭ ହେଲା...

ମଧ୍ୟ ରବିବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଭୁବନେଶ୍ୱରର ୧୦୩ ନମ୍ବର ବୁଥ୍‌ର ନେତାଙ୍କ ସହିତ ଆଲୋଚନା କରିଛନ୍ତି । ଶ୍ରୀ ପୂଜାରୀ କହିଛନ୍ତି ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟବ୍ୟାପୀ ସବୁ ବୁଥ୍‌ର ସମୀକ୍ଷା ହେବ । ମନ୍ତ୍ରୀ, ଦଳୀୟ ସାଂସଦ, ବିଧାୟକ ବୁଥ୍ ସ୍ତରରେ କରିବେ ସମୀକ୍ଷା ବୈଠକ ।

## ୪୦ଡିଗ୍ରୀ ଉପରେ...

ତାତି ସାମାନ୍ୟ କମିଥିଲା, ପାରଦ ଥିଲା ଯଥାକ୍ରମେ ୩୬.୮ ଡିଗ୍ରୀ ଓ ୩୬.୬ ଡିଗ୍ରୀ ସେଲସିୟସ । ପାଣିପାଗ ବିଭାଗ ପୂର୍ବାନୁମାନ ହେଲା, ଆସନ୍ତା ୨/୩ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ । ତା’ପରେ ୨ରୁ ୪ ଡିଗ୍ରୀ କମିପାରେ ।

## କେବଳ ବର୍ଷା ଅଭାବ ନୁହେଁ...

ପତ୍ରିକାରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ୨୦୨୫ ଶେଷ ସୁଦ୍ଧା ବିଶ୍ୱ ଭୂପୃଷ୍ଠର ୩୦% ମରୁଡ଼ିଗ୍ରସ୍ତ ଥିଲା । ଏହା ୧୯୯୦ରେ ରେକର୍ଡ କରାଯାଇଥିବା ମରୁଡ଼ି ସ୍ତରର ୩ ଗୁଣା । ୯୦ ଦଶକରେ ୧୦% ଭୂପୃଷ୍ଠ ମରୁଡ଼ି ପ୍ରଭାବିତ ଥିଲା । ୧୯୫୦ରୁ ଏଯାବତ୍ ୨୦୨୫ ଷଷ୍ଠ ବୃହତ୍ ମରୁଡ଼ି ପ୍ରଭାବିତ ବର୍ଷ ପାଲଟିଛି । ୨୦୨୫ରେ ମରୁଡ଼ି ଦ୍ୱାରା ପ୍ରଭାବିତ ୩୦% ଭୂପୃଷ୍ଠ ମଧ୍ୟରୁ ପ୍ରାୟ ୧.୨% ଅତିରିକ୍ତ ମରୁଡ଼ିଗ୍ରସ୍ତ ଥିଲା । ରିପୋର୍ଟ ଅନୁସାରେ, ୨୦୨୫ରେ ବିଶ୍ୱ ଭୂପୃଷ୍ଠ ତାପମାତ୍ରା ତୃତୀୟ ବୃହତ୍ ସ୍ତରରେ ପହଞ୍ଚିଥିଲା । ଏହି ବର୍ଷ ମରୁଡ଼ିର ପଦଚିହ୍ନ ବ୍ୟାପକ ଏବଂ ଭୟଙ୍କର ଥିଲା । ଏସିଆ, ଆଫ୍ରିକା, ୟୁରୋପ, ଦକ୍ଷିଣ ଆମେରିକା ଏବଂ ଉତ୍ତର ଆମେରିକା ପ୍ରାୟ ସମସ୍ତ ମହାଦେଶ ଏହା ଦ୍ୱାରା ପ୍ରଭାବିତ ହୋଇଥିଲେ । ୨୦୨୫ ଅଗଷ୍ଟ ସୁଦ୍ଧା ଭାରତର ୧୯% ଭାଗ ମରୁଡ଼ି କିମ୍ବା ମରୁଡ଼ି ପରିସ୍ଥିତିର ସାମ୍ନା କରିଥିବା ଜଣାପଡ଼ିଛି ।

# ଗୋଦାବରୀଶ ସାହିତ୍ୟ ସଂସଦ ନିର୍ବାଚନରେ ପ୍ରଫେସର ଉପେନ୍ଦ୍ର ନାୟକ-ସଭାପତି ଓ ରାମଚନ୍ଦ୍ର ମହାନ୍ତି-ସଂପାଦକ ଭାବେ ନିର୍ବାଚିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜଧାନୀର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦର ନିର୍ବାଚନ ସାହିତ୍ୟିକ ଡକ୍ଟର ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ତଥା ନିର୍ବାଚନ ପରିଚାଳନାରେ ଅନୁଷ୍ଠିତ ନିର୍ବାଚନରେ କବି ଓ ନାଟ୍ୟକାର ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ ସଭାପତି ଓ ଡକ୍ଟର ରାମଚନ୍ଦ୍ର ମହାନ୍ତି ସଂପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ଖଗେଶ୍ୱର ମହତାବ ଉପସଭାପତି, ମହିମା ପୃଷ୍ଟି ଯୁଗ୍ମ ସଂପାଦକ, ଦେବେନ୍ଦ୍ର ନାଥ ଦାସ, କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଅଛନ୍ତି । କାର୍ଯ୍ୟକାରୀ ସମିତି ସଦସ୍ୟ ଭାବେ ସର୍ବଶ୍ରୀ ଡକ୍ଟର ସୁରେନ୍ଦ୍ର କୁମାର ମହାରଣା, ଲାବଣ୍ୟ ଶବର, ଲକ୍ଷ୍ମୀଧର ସାହୁ, ରଘୁନାଥ ସାହୁ, ଚକ୍ରଧର ତ୍ରିପାଠୀ ଓ ତନ୍ମୟ ପୃଷ୍ଟି ନିର୍ବାଚିତ ହୋଇଅଛନ୍ତି ।

# ବିରଜା ଜ୍ୟୋତି ପକ୍ଷରୁ ସାମ୍ବାଦିକ ଅଜୟ ରଣା ସମ୍ମାନିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**
ପ୍ରମୁଖ ଦୈନିକ ଓଡ଼ିଆ ସମ୍ବାଦପତ୍ର ‘ସମ୍ବାଦ କଳିକା’ର ଯାଜପୁର ଜିଲ୍ଲା ପ୍ରତିନିଧି ଅଜୟ କୁମାର ରଣାଙ୍କୁ କ୍ଷେତ୍ରେଶ୍ୱରୀ ମା’ ବିରଜାଙ୍କ ମହିମା ତଥା ବିରଜା ଭୂମି ଯାଜପୁରର ଐତିହ୍ୟ ସଂସ୍କୃତି ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯାଜପୁରର ଏକମାତ୍ର ବିରଜା ସଂସ୍କୃତି ଆଧାରିତ ଷାଣ୍ମାସିକ ସାଂସ୍କୃତିକ ପତ୍ରିକା ‘ବିରଜା ଜ୍ୟୋତି’ର ରଜତ ଜୟନ୍ତୀ ସମାରୋହ ଅବସରରେ ମାନପତ୍ର ଓ ଉପଢ୍ୌକନ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଛି । ଏହି ଅବସରରେ ‘ବିରଜା ଜ୍ୟୋତି’ର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାମଲ ଏବଂ ବିରଜା ଚେତନା ଗବେଷଣା ପରିଷଦ, ଯାଜପୁରର ଅଧ୍ୟକ୍ଷ ଜ୍ଞାନରଞ୍ଜନ ପତି ‘ସମ୍ବାଦ କଳିକା’ର ସର୍ବବିଦ୍ଧ ଉନ୍ନତି କାମନା କରିଛନ୍ତି ।




# ମା’ ସନ୍ତୋଷୀ ଦେବୀଙ୍କ ୧୯ତମ ବାର୍ଷିକୋତ୍ସବ : ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ ଭଜନ ସମାରୋହ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମା’ ସନ୍ତୋଷୀଦେବୀଙ୍କ ୧୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡା ଗ୍ରାମଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ପିପିଲିରୁ ଏକ ଘୁଆ, ପଞ୍ଜାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭାଯାତ୍ରାରେ ମା’ ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା । ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା । ୨୩ ତାରିଖରେ ମା’ ସନ୍ତୋଷୀ ଦେବୀଙ୍କ ଅଙ୍କୁରୋପଣ କର୍ଯ୍ୟକ୍ରମ ହୋଇଥିବା ବେଳେ ୨୪ ତାରିଖରେ ଜଳଯାତ୍ରା, ମଣ୍ଡଳାଧିବାଶ, ଘଟ ସ୍ଥାପନ, ୨୫ ତାରିଖରେ



ସୂର୍ଯ୍ୟପୂଜା, ଗୋପୂଜା, ସର୍ବାଦେବାଦେବୀ ପୂଜା, ଦେବୀଙ୍କର ଷୋଡ଼ଶ ଉପଚାରରେ, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି, ହୋମ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ । ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ ୩୮ ନମ୍ବର ନୂଆପଲ୍ଲୀ ୱାର୍ଡ଼ର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ୫୦ ନମ୍ବର ବରମୁଣ୍ଡା ୱାର୍ଡ଼ର କର୍ପୋରେଟର ରାମଚନ୍ଦ୍ର ସିଂ, ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ଉପ-ସଚିବ ସୁରେନ୍ଦ୍ର କୁମାର ଶତପଥି, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ବିଜୟ କୁମାର ପଣ୍ଡା ଓ ସୁମନ୍ତ ପଣ୍ଡା, ରାଇଜିଂ ଇଣ୍ଡିଆ ସିଟିଜେନ ଫୋରମର ସମ୍ପାଦକ ପ୍ରଭାସ ରଞ୍ଜନ ଦାସ, ସମାଜସେବୀ ସମରେନ୍ଦ୍ର ଜେନା ଓ ନେହେରୁ ସେନାପତି, ବରମୁଣ୍ଡା ଗ୍ରାମର ବରିଷ୍ଠ ବୁଦ୍ଧିଜୀବୀ ନାରାୟଣ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ତପନ ସାହୁ, ରବୀନ୍ଦ୍ର ପ୍ରଧାନ ଓ ସରୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମା’ ସନ୍ତୋଷୀ ଦେବୀଙ୍କ ମନ୍ଦିରର ପୂଜକ ଆଦିତ୍ୟ କୁମାର ସ୍ୱାଇଁ ଓ ସତ୍ୟଭାମା ସ୍ୱାଇଁଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଥିଲା । ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ବାରିକ ଓ ତାଙ୍କ ଦଳଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା । କଣ୍ଠଶିଳ୍ପୀ ସୁଭଦ୍ରା ଶୁଭଦର୍ଶିନୀ ଓ ସୁବର୍ଣ୍ଣ କୁମାରଙ୍କ ଭଜନ ଅତ୍ୟନ୍ତ ମନମୁଗ୍ଧକର ଓ ହୃଦୟସ୍ପର୍ଶୀ ହୋଇଥିଲା । ଏହି ଭଜନ କାର୍ଯ୍ୟକ୍ରମରେ କି ପ୍ୟାଡ଼ରେ ସରୋଜ ମହାନ୍ତି, ତବଲାରେ ବିଜୟ ମହାପାତ୍ର, ଢୋଲକରେ ରତ୍ନାକର ନାଥ ଓ ନିରଞ୍ଜନ ସାହୁ ପ୍ରମୁଖ ସହାୟତା କରିଥିଲେ । ବିଶ୍ୱ ରଞ୍ଜନ ସାହୁ, ସୁଧାଂଶୁ ଶେଖର ମହାନ୍ତି, ଦୀପକ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ । ବିଶ୍ୱଶାନ୍ତି ମହାଯଜ୍ଞରେ ଭୁବନେଶ୍ୱରର ବିଭିନ୍ନ ଅଳରୁ ଭକ୍ତମାନେ ଯୋଗ ଦେଇଥିଲେ ।

# ଜନଗଣନାକୁ ବିରୋଧ କଲେ କୋଟିଆର ଦୁଇ ଗ୍ରାମବାସୀ

**କୋରାପୁଟ, ନ୍ୟୁଜ**
କୋଟିଆ ଉପରେ ଆନ୍ଧ୍ରର ନଜର ରହିଛି ସତ ! ହେଲେ କୋଟିଆ ପଞ୍ଚାୟତର କିଛି ଗ୍ରାମର ଲୋକେ ଆନ୍ଧ୍ର ଦ୍ୱାରା ଏତେ ମାତ୍ରାରେ ପ୍ରଭାବିତ ହୋଇଛନ୍ତି ଯେ, ଆନ୍ଧ୍ର ସର୍ଭେ ନ କରୁଣୁ ଓଡିଶା କୁ କୌଣସି ପ୍ରକାର ସହାୟତା କରିବା ପାଇଁ ରାଜି ନୁହଁନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି ଦୁଇଟି ଗ୍ରାମରେ । ଜନଗଣନା ଦାୟିତ୍ୱରେ ଥିବା ସୁପରଭାଇଜର ନବୀନ ଚନ୍ଦ୍ର ପଟ୍ଟାୟକ, କୋଟିଆ ପଞ୍ଚାୟତର ମାଡକାର ଗ୍ରାମକୁ ଯାଇଥିବାବେଳେ, ସେଠାକାର ଗ୍ରାମବାସୀ ଜନଗଣନା ରେ ସହାୟତା କରି ନ ଥିଲେ । ଏପରିକି ଆନ୍ଧ୍ର ସର୍ଭେ କଲା ପରେ ଆମେ ଓଡିଶାକୁ ସହଯୋଗ କରିବୁ ବୋଲି କହିଥିଲେ । କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ସର୍ଭେ କରାଯାଉଥିବା ଏବଂ ଏଥିରେ



ସେମାନଙ୍କର କୌଣସି ପ୍ରକାର ଅସୁବିଧା ହେବ ନାହିଁ ବୋଲି ସୁପରଭାଇଜର ଯେତେ ବୁଝାଇଲେ ବି ଗ୍ରାମବାସୀମାନେ ଜିଦ ରେ ଅଟଳ ରହିଥିଲେ । ସେହିପରି ଉପର ସେମ୍ଲି ଗ୍ରାମର ଲୋକେ ବି ଜନଗଣନା ରେ ସହଯୋଗ କରୁ ନ ଥିବା ଜଣା ପଡିଛି । ଏପରିକି ଜନଗଣନା ପାଇଁ ଯାଇଥିବା ଏନ୍ୟୁମରେଟରଙ୍କୁ କାର୍ଯ୍ୟରେ ବାଧା ଦେବା ସହିତ ଧମକ ଚମକ ଦେବା ଅଭିଯୋଗରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଏହି ଘଟଣା ପରେ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବର୍ତ୍ତମାନ କ୍ଷେତ୍ରରେ ଗୃହ ଗଣନା କରାଯାଉଥିବା ସତ୍ତ୍ୱେ କିଛି ଗ୍ରାମର ଲୋକେ ସହଯୋଗ କରୁ ନ ଥିବାବେଳେ, ଆସନ୍ତା ବର୍ଷ ହେବାକୁ ଥିବା ଜନଗଣନା କାର୍ଯ୍ୟ କିପରି ସୁରୁଖୁରୁରେ ହେବ ସେ ନେଇ ସନ୍ଦେହ ଦେଖା ଦେଇଛି । କୋଟିଆ ଅଞ୍ଚଳରେ ଜନଗଣନାକୁ ନେଇ ଏହିପରି ଘଟଣା ଘଟୁଥିବାବେଳେ, ପ୍ରଶାସନିକ ଅଧିକାରୀମାନେ ସଂପୃକ୍ତ ଗ୍ରାକୁ ଯାଇ ଲୋକଙ୍କୁ ବୁଝାଇବାର ଆବଶ୍ୟକତା ରହିଛି ।

# ଜାନକୀବଲ୍ଲଭ ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧିତ ହେଲେ ଅରବିନ୍ଦ ଓ ନିବେଦିତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟନାୟକ ସ୍ମୃତି କମିଟି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ତଥା ବିଶିଷ୍ଟ ଜନନାୟକ ସ୍ୱର୍ଗତ ଜାନକୀ ବଲ୍ଲଭ ପଟନାୟକଙ୍କ ଏକାଦଶତମ ଶ୍ରାଦ୍ଧବାର୍ଷିକ ଅବସରରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ତଥା ପତ୍ରକାର ଅରବିନ୍ଦ ତ୍ରିପାଠୀ ଓ ସମାଜସେବା ପାଇଁ ନିବେଦିତା ଭଞ୍ଜଙ୍କୁ ସମ୍ମାନିତ କରାଯାଇଥିଲା ।



ମୁଖ୍ୟଅତିଥି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ବିଶିଷ୍ଟ ଅତିଥି ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ମୃତି କମିଟିର ସାଧାରଣ ସମ୍ପାଦକ ଡ଼ଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପ୍ରଗତିବାଦୀ କାର୍ଯ୍ୟକାରି ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ପ୍ରାକ୍ତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ଡ଼ଃ ବଦ୍ରୀନାଥ ପଟ୍ଟନାୟକ, ପଦ୍ମଶ୍ରୀ ଦେବୀ ପ୍ରସନ ପଟନାୟକ ପ୍ରମୁଖ ଉପସ୍ଥିତ ରହିବା ସହ ସାମ୍ବାଦିକତା ଓ ସମାଜସେବା ପାଇଁ ଉଭୟଙ୍କୁ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମକୁ ରଜନୀ କୁମାର ମହାନ୍ତି, ଯୋଗିନାଥ ବାହୁବଳେନ୍ଦ୍ର ପରିଚାଳନା କରିଥିଲେ ।

ଭୁବନେଶ୍ୱର, ୨୭ ଅପ୍ରେଲ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ସବ୍-ରେଜିଷ୍ଟ୍ରାର ପଞ୍ଜିକୃତ ଦଲିଲକୁ ବାତିଲ କରିପାରିବେ ନାହିଁ: ହାଇକୋର୍ଟ

**କଟକ, ୨୬/୦୪**
**ନ୍ୟୁଜ ବ୍ୟୁରୋ**



ଏକ ଐତିହାସିକ ରାୟରେ, ଓଡ଼ିଶା ହାଇକୋର୍ଟ ଏକ ନିର୍ଦ୍ଦେଶ ଜାରି କରିଛନ୍ତି ଯେ ଜଣେ ସବ୍-ରେଜିଷ୍ଟ୍ରାରଙ୍କ ପାଖରେ ପଞ୍ଜିକୃତ ଦଲିଲକୁ ବାତିଲ କରିବାର ଅଧିକାର ନାହିଁ। ଥରେ ଏକ ଦଲିଲ ପଞ୍ଜିକୃତ ହୋଇଗଲେ, କୌଣସି ପଞ୍ଜିକରଣ କର୍ତ୍ତୃପକ୍ଷ ଏହାକୁ ପ୍ରତ୍ୟାହାର କରିବାର କ୍ଷମତା ନାହିଁ ବୋଲି ରାୟରେ କୁହାଯାଇଛି। ଜଣେ ସବ୍-ରେଜିଷ୍ଟ୍ରାର ବ୍ୟବହାର କରିପାରୁଥିବା କ୍ଷମତାର ସୀମା ଉଲ୍ଲେଖ କରି ଓଡ଼ିଶା ହାଇକୋର୍ଟର ଏକ ଖଣ୍ଡପୀଠ ରାୟ ଦେଇଛନ୍ତି ଯେ ଜଣେ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଂପନ୍ନ ପଞ୍ଜିକରଣକୁ ସବ୍-ରେଜିଷ୍ଟ୍ରାର ନିଜେ ବାତିଲ କରିପାରିବେ ନାହିଁ। ଏହା ତାଙ୍କ କ୍ଷମତା ବାହାରେ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏକ ମାମଲା ରେକର୍ଡ ଅନୁଯାୟୀ, ଜଣେ ଆବେଦନକାରୀ ରଶ୍ମିତା ସାହୁ ଏପ୍ରିଲ ୨୮, ୨୦୦୮ରେ ତାଙ୍କ ନାମରେ ଏକ ଜମି ପଞ୍ଜିକୃତ କରିଥିଲେ। କିନ୍ତୁ ୨୦୧୧ରେ ବିକ୍ରେତା ଏକପାଖିଆ ଭାବରେ ବାତିଲ ପାଇଁ ଆବେଦନ କରିଥିଲେ ଏବଂ ବିକ୍ରୟ ପ୍ରତ୍ୟାହାର କରିବାକୁ ପ୍ରାର୍ଥନା କରିଥିଲେ। ଏହା ଉପରେ କର୍ତ୍ତୃପକ୍ଷ ଅର୍ଥାତ୍ ସବ୍-ରେଜିଷ୍ଟ୍ରାର ଅନୁରୋଧକୁ ଗ୍ରହଣ କରିଥିଲେ ଏବଂ ପୂର୍ବ ପଞ୍ଜିକରଣକୁ ବାତିଲ କରିଥିଲେ। ଏହି କାର୍ଯ୍ୟକୁ ଚ୍ୟାଲେଞ୍ଜ କରି ରଶ୍ମିତା ସାହୁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ଏବଂ ନ୍ୟାୟ ପାଇଁ ପ୍ରାର୍ଥନା କରିଥିଲେ। ମାମଲାର ଶୁଣାଣି କରି, ହାଇକୋର୍ଟ ବେଞ୍ଚ ତାଙ୍କ ରାୟରେ କହିଛନ୍ତି ଯେ ସବ-ରେଜିଷ୍ଟ୍ରାର ଶେଷରେ ପଞ୍ଜିକୃତ ଡକ୍ୟୁମେଣ୍ଟଗୁଡ଼ିକୁ ବାତିଲ କରାଯାଇପାରିବ ନାହିଁ ଏବଂ ପଞ୍ଜିକୃତ ଡକ୍ୟୁମେଣ୍ଟଗୁଡ଼ିକର ସ୍ଥିତିକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ।

# ରଥଖଳାରେ ଚାଲିଛି ମହାପ୍ରଭୁଙ୍କ ରଥ ନିର୍ମାଣ, ଆରମ୍ଭ ହେଲା ତୁମ୍ବରେ ବିନ୍ଧ ଅନୁକୂଳ

**ପୁରୀ, ୨୬/୦୪**
**ନ୍ୟୁଜ ବ୍ୟୁରୋ**



ରବିବାର ରଥ ନିର୍ମାଣର ଷଷ୍ଠ ଦିନରେ ରଥ ନିର୍ମାଣକାରୀ ଦଳ ସକାଳ ଘ.୮.୦୦ ଟିକା ପୂର୍ବରୁ ରଥ ଖଳା ଠାରେ ଉପସ୍ଥିତ ପୂର୍ବକ ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ପରାମର୍ଶ କ୍ରମେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ରବିବାର ତିନି ରଥର ତୁମ୍ବ ବିନ୍ଧ ଅନୁକୂଳ ପୂଜା ପରେ ତୁମ୍ବ ଗୁଡିକରେ ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତି ଟି ତୁମ୍ବରେ ୧୬ ଯୋଡା ବିନ୍ଧ ହୋଇଥାଏ (୨ /୩ ଆୟତନର ୫ ଇଞ୍ଚ ଗଭୀର) ଏହି ନିର୍ମାଣ କାର୍ଯ୍ୟ ଶେଷ ବେଳକୁ 'ତାଳଧ୍ୱଜ ' ରଥର ୧୪ ଗୋଟି ତୁମ୍ବର ୮ ଯୋଡ଼ା, ଦେବୀଦଳନ ରଥର ୧୨ ଗୋଟି ତୁମ୍ବରୁ ୭ ଯୋଡ଼ା ଏବଂ 'ନନ୍ଦିଘୋଷ' ରଥର ୧୬ ଗୋଟି ତୁମ୍ବରେ ୮ ଯୋଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ କରତୀ ମହାରଣାମାନେ ତିନିରଥର ୪ ଗୋଟି ଲେଖାଏଁ ତୁମ୍ବର ଘେର (ବଳକା ଅଂଶ) କଟା କାର୍ଯ୍ୟ ଶେଷ କରିଛନ୍ତି। ଦୋଳବେଦୀରେ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକମାନେ ରବିବାର ସୁଦ୍ଧା ତିନିଗୋଟି ଲେଖାଏଁ ଚକ ପାଇଁ ଅର କଣ୍ଟା ପ୍ରସ୍ତୁତ ସହ ତିନି ରଥର ତୁମ୍ବ ପାଇଁ ୪ ଗୋଟି ଲେଖାଏଁ ପନ୍ଦାରୀବଳା ନିର୍ମାଣ ଶେଷ କରିଛନ୍ତି।ତିନି ରଥ ପାଇଁ ୪୨ଟି ତୁମ୍ବ ନିର୍ମାଣ କରାଯିବା ପରେ ଏବେ ପ୍ରତ୍ୟେକ ତୁମ୍ବରେ ୩୨ଟି ବିନ୍ଧ ଖୋଳାଯିବା ସହ ସମୁଦାୟ ୪୨ଟି ତୁମ୍ବରେ ୧୩୪୪ଟି ବିନ୍ଧ କରାଯିବ। ଏହାପରେ ଅର, ପହି ପର୍ଯ୍ୟାୟକ୍ରମେ ନିର୍ମାଣ କରାଯିବ।

ପରମ୍ପରା ମୁତାବକ ଏହି ତିଥିରେ ରଥର କୋଣ ଗୁଜ ନିର୍ମାଣର ବିଧି ରହିଛି। ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥର ନିର୍ମାଣ ପାଇଁ ଅନୁକୂଳ ସମୟରେ ନୃସିଂହ ମନ୍ତ୍ରରେ ସିଦ୍ଧ କରାଯିବା ପରେ ୩ଟି ଧଉରା କାଠ ଗଣ୍ଡିରେ ଗୁଜ ଅନୁକୂଳ କରାଯିବ। ବିଶେଷ କରି ଏହି ତିଥିରେ ଭୋଇ ସେବାୟତମାନେ ଯନ୍ତାଗାଡ଼ ଖୋଳିବା ପରମ୍ପରା ରହିଛି।

ରବିବାର ରଥ ନିର୍ମାଣ କାର୍ଯ୍ୟରେ ତିନିରଥର ମହାରଣା ସେବକ ୫୮ ଜଣ, ତିନିରଥର କରତି ସେବକ ୪ ଜଣ, ତିନିରଥର କମାର ସେବକ ୯ ଜଣ, ତିନିରଥର ଭୋଇ ସେବକ ୩୦ ଜଣ, ରଥଖଳା ସହାୟକ (ପାଣି ବାଲା) ଜଣେଙ୍କୁ ମିଶାଇ ମୋଟ ୧୦୨ ଜଣ ସେବକ ଉପସ୍ଥିତ ଥିଲେ।

# ଟିଏମସିର ନିଷ୍ଠୁରତା ମା'କୁ କାନ୍ଦାଇଛି : ମୋଦୀ

**କୋଲକାତା, ୨୬/୦୪**

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ଜୋରଦାର ଚଳାଇଛନ୍ତି ରାଜନୈତିକ ପାର୍ଟି । ରବିବାର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଶାସକ ତୃଣମୂଳ କଂଗ୍ରେସ ଉପରେ ଜୋରଦାର ବର୍ଷିଛନ୍ତି । ପଶ୍ଚିମବଙ୍ଗର ବନଗାଓଁରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ ତୃଣମୂଳ କଂଗ୍ରେସ ଉପରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ, ଟିଏମସିର ନିଷ୍ଠୁରତା ବଙ୍ଗର ପରିଚୟ (ମା, ମାଟି ଏବଂ ମାନୁଷ)କୁ ଗଭୀର ଭାବରେ କ୍ଷତି ପହଞ୍ଚାଇଛି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ଟିଏମସି ୧୫ ବର୍ଷ ପୂର୍ବରୁ 'ମା-ମାଟି-ମାନୁଷ' ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିଲା, କିନ୍ତୁ ଆଜି ସେମାନେ ସେହି ଶବ୍ଦଗୁଡ଼ିକ ମଧ୍ୟ କହୁନାହାନ୍ତି। ଯଦି ସେମାନେ ଏହା ଉଲ୍ଲେଖ କରନ୍ତି, ତେବେ ସେମାନଙ୍କର ପାପ ଜଣାପଡ଼ିଛି। ଟିଏମସିର ନିଷ୍ଠୁରତା ମା'କୁ କାନ୍ଦାଇଛି, ମାଟିକୁ ସିଣ୍ଡିକେଟ ଏବଂ ଅନୁପ୍ରବେଶକାରୀଙ୍କୁ ହସ୍ତାନ୍ତର କରିଛି ଏବଂ ଲୋକଙ୍କୁ ପ୍ରବାସ କରିବାକୁ ବାଧ କରିଛି। ସେ ଆହୁରି କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଅପାର ସମ୍ଭାବନା ଅଛି ଏବଂ ଏହା ପୁଣି ଥରେ ଦେଶର ଏକ ନମ୍ବର ରାଜ୍ୟ ହୋଇପାରିବ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ମନେ ପକାଇ କହିଛନ୍ତି, ଆଜି ବେଙ୍ଗଲକୁ ଆପଣଙ୍କ ଗୋଟିଏ ଭୋଟ ଆବଶ୍ୟକ। ଆମକୁ ଆପଣଙ୍କ ଭୋଟ ଦିଅନ୍ତୁ ଏବଂ ଆମେ ଟିଏମସିଠାରୁ ମୁକ୍ତ କରିବୁ। ପ୍ରଥମ ପର୍ଯ୍ୟାୟ ଭୋଟ୍ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ଜନତା ଟିଏମସିର ଅହଂକାରକୁ ଭାଙ୍ଗି ଦେଇଛନ୍ତି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ବିଜେପିର ଏକ ବଡ଼ ବିଜୟ ନିଶ୍ଚିତ। ପ୍ରଧାନମନ୍ତ୍ରୀ ମହିଳା ସୁରକ୍ଷା ସମ୍ପର୍କରେ ଟିଏମସି ସରକାରଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, 'ଆମର ଭଉଣୀ ଏବଂ ଝିଅମାନେ ଟିଏମସିର ଜଙ୍ଗଲ ରାଜର ସବୁଠାରୁ ବଡ଼ ଶିକାର। ସନ୍ଦେଶଖାଲିରେ ଭଉଣୀମାନଙ୍କ ସହିତ ଅନ୍ୟାୟ କରାଯାଇଥିଲା, କିନ୍ତୁ ସରକାର ଗୁଣ୍ଡାମାନଙ୍କୁ ସମର୍ଥନ କରିଥିଲେ। ଝିଅମାନେ ନିଖୋଜ ହେଉଛନ୍ତି ଏବଂ ସରକାର ଶୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆକ୍ଷେପ କରିଛନ୍ତି।

# ଲାଞ୍ଚ ଟଙ୍କା ମୂଷା ନଷ୍ଟକରିବାରୁ ଅଧିକାରୀଙ୍କ ଦୋଷୀ ସାବ୍ୟସ୍ତ ସ୍ଥଗିତ

**ନୂଆଦିଲ୍ଲୀ, ୨୬/୦୪**



ଏକ ମାମଲାର ବିଚାର କରି ସୁପ୍ରିମକୋର୍ଟ ଏକ ଦୁର୍ନୀତି ମାମଲାରେ ବିହାରର ଜଣେ ସରକାରୀ ଅଧିକାରୀଙ୍କ ଦୋଷୀ ସାବ୍ୟସ୍ତକୁ ସ୍ଥଗିତ ରଖିଛନ୍ତି। ଏହା ସହ ଜବତ ଟଙ୍କା ମୂଷା ନଷ୍ଟ କରିଦେଇଥିବା କଥା ଉପରେ ତୀବ୍ର ଅସନ୍ତୋଷ ଜାହିର କରିବା ସହ ପ୍ରଶ୍ନ ଉଠାଇଛନ୍ତି। ବିଚାରପତି ଜେବି ପାରଦିୱାଲା ଏବଂ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଅରୁଣା କୁମାରୀଙ୍କୁ ଜାମିନ ପ୍ରଦାନ କରିଛନ୍ତି ଏବଂ ଏକ ବିସ୍ତୃତ ଶୁଣାଣି ପର୍ଯ୍ୟନ୍ତ ତାଙ୍କ ଦଣ୍ଡାଦେଶ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ଶିଶୁ ବିକାଶ କାର୍ଯ୍ୟକ୍ରମ ଅଧିକାରୀ ଭାବରେ କାର୍ଯ୍ୟ କରିଥିବା ଅରୁଣା କୁମାରୀଙ୍କ ବିରୁଦ୍ଧରେ ୧୦,୦୦୦ ଟଙ୍କା ଲାଞ୍ଚ ଦାବି କରିବାର ଅଭିଯୋଗ ହୋଇଥିଲା ଏବଂ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ବ୍ୟବସ୍ଥା ଅନୁଯାୟୀ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଥିଲା। ପୂର୍ବରୁ ଏକ ଟ୍ରାଏଲ୍ କୋର୍ଟ ତାଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରିଥିଲେ।

କିନ୍ତୁ ପରେ ପାଟନା ହାଇକୋର୍ଟ ସେହି ନିଷ୍ପତ୍ତିକୁ ବାତିଲ କରି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ହାଇକୋର୍ଟ କହିଥିଲେ ଯେ, ମାମଲାରେ ଜବତ ହୋଇଥିବା ଟଙ୍କା ଉପସ୍ଥାପନ କରାଯାଇପାରିବ ନାହିଁ କାରଣ ସେଗୁଡ଼ିକ ମୂଷା ନଷ୍ଟ କରିଦେଇଛନ୍ତି। ଏହା ସତ୍ତ୍ୱେ, କୋର୍ଟ ନଥିପତ୍ରକୁ ଆଧାର କରି ମାମଲାରେ ଅଧିକାରୀଙ୍କୁ ଦୋଷୀ କରିଥିଲେ। କାରଣ ନଥିପତ୍ର ହିସାବରେ ଲାଞ୍ଚ ରାଶି ମାଲଖାନା ରେଜିଷ୍ଟରରେ ଏଣ୍ଟ୍ରି କରାଯାଇଛି। ଏହା ସହ କୋର୍ଟ କହିଥିଲେ ଯେ, ଟଙ୍କା ଉପସ୍ଥିତ ନହେବାର ଅର୍ଥ ନୁହେଁ ଯେ ମାମଲା ଦୁର୍ବଳ ହୋଇଯିବ। ଏହା ବାଦ ବି ମାମଲାରେ ଅନ୍ୟ ପ୍ରମାଣ ଆଧାରରେ ଅଧିକାରୀ ଦୋଷୀ ସାବ୍ୟସ୍ତ ହେଉଛନ୍ତି।

ତେବେ ସୁପ୍ରିମକୋର୍ଟ ଏହି ଯୁକ୍ତିକୁ ଅଗ୍ରାହ୍ୟ କରିଛନ୍ତି। ଖଣ୍ଡପୀଠ ଟିପ୍ପଣୀ କରି କହିଛନ୍ତି ଯେ, 'ନୋଟ ନଷ୍ଟ ବିଷୟରେ ଯେଉଁ ବ୍ୟାଖ୍ୟା ଦିଆଯାଇଛି ତାହା ବିଶ୍ୱାସ ଯୋଗ୍ୟ ନୁହେଁ।' ଚୂଡ଼ାନ୍ତ ଶୁଣାଣି ସମୟରେ ଏହି ପ୍ରସଙ୍ଗର ଅଧିକ ଯାଞ୍ଚ କରାଯିବ। ଶୁଣାଣି ସମୟରେ ବିଚାରପତି ବ୍ୟବସ୍ଥାଗତ ତ୍ରୁଟି ବିଷୟରେ ମଧ୍ୟ ବ୍ୟାପକ ଚିନ୍ତା ପ୍ରକାଶ କରିଥିଲେ। କୋର୍ଟ କହିଥିଲେ ଏଭଳି ଅପରାଧରେ ଉଦ୍ଧାର ହୋଇଥିବା ଏପରି କେତେ ଟଙ୍କା ନୋଟ୍ ସୁରକ୍ଷିତ ସ୍ଥାନରେ ରଖା ନ ଯାଉଥିବାରୁ ନଷ୍ଟ ହୋଇଯାଏ ? ଖଣ୍ଡପୀଠ ଚେତାବନୀ ଦେଇଛନ୍ତି ଯେ, ଏପରି ଘଟଣା 'ରାଜ୍ୟ ପାଇଁ ଏକ ବିପୁଳ ରାଜସ୍ୱ କ୍ଷତି' ହୋଇପାରେ।

ସୁପ୍ରିମକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶର ଅର୍ଥ ହେଉଛି କୁମାରୀ ଜାମିନରେ ରହିବେ ଏବଂ ସର୍ତ୍ତାବଳୀ ଟ୍ରାଏଲ୍ କୋର୍ଟ ଦ୍ୱାରା ନିର୍ଣ୍ଣୟ କରାଯିବ। ଦୁର୍ନୀତି ନିବାରଣ ଆଇନର ଧାରା ୭ ଏବଂ ୧୩(୨) ଅନୁଯାୟୀ ହାଇକୋର୍ଟ ଦ୍ୱାରା ଦିଆଯାଇଥିବା ତାଙ୍କର ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶ ସୁପ୍ରିମକୋର୍ଟ ତାଙ୍କର ଚୂଡ଼ାନ୍ତ ରାୟ ପ୍ରଦାନ ନକରିବା ପର୍ଯ୍ୟନ୍ତ ସ୍ଥଗିତ ରହିବ।

# କାର୍ବନ ଥ୍ରୀଡି ଗ୍ଲାସ୍ ସବଷ୍ଟ୍ରେଟ୍ ପ୍ୟାକେଜିଂ ସୁବିଧା ଏବେ ଓଡ଼ିଶାରେ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୬/୪**
**ନ୍ୟୁଜ ବ୍ୟୁରୋ**

ଭାରତର ପ୍ରଥମ କାର୍ବନ ଥ୍ରୀଡି ଗ୍ଲାସ୍ ସବଷ୍ଟ୍ରେଟ୍ ପ୍ୟାକେଜିଂ ସୁବିଧା ଏବେ ଓଡ଼ିଶାରେ। ଆଜି ଆମେ ଯେଉଁ କାର୍ଯ୍ୟର ଶିଳାନ୍ୟାସ କଲୁ ଓଡ଼ିଶା ନୁହେଁ ବରଂ ସାରା ଭାରତର ଇତିହାସରେ ଏହା ପ୍ରଥମ ଥର। ଇଣ୍ଟେଲ୍, ଲକହିଡ୍ ମାର୍ଟିନ୍ ଏବଂ ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଭଳି ବିଶ୍ୱସ୍ତରୀୟ ମହାନ କମ୍ପାନୀଗୁଡ଼ିକ ୩ଡି ଗ୍ଲାସ୍ ସଲ୍ୟୁସନ୍ ପାଇଁ ସହଭାଗୀ ହୋଇଛନ୍ତି । ଯାହା ଆମ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ସେହିଭଳି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆମ ଓଡ଼ିଶା ଏବେ ଗୋଟେ ଆଇଟି ଏବଂ ଟେକ୍ନୋଲୋଜିର ହବ୍ ହେବାକୁ ଯାଉଛି। ବର୍ଷ ବର୍ଷ ଧରି ମାଇନିଂ, ମେଟାଲ, ପାଓ୍ୱାର ଏହି ସବୁ ଇଣ୍ଡଷ୍ଟ୍ରି ଥିଲା। ଏବେ କିନ୍ତୁ ହାଇଟେକ୍ ଇଣ୍ଡଷ୍ଟ୍ରିରେ ଓଡ଼ିଶା ଗୋଟେ ପଦକ୍ଷେପ ନେଲାଣି। ଆଉ ଏହି ଯେଉଁ ପଦକ୍ଷେପ ରହିଛି ଆପଣ ଏହାର ଗୁରୁତ୍ୱ ଦେଖନ୍ତୁ ଆଜି ଯେଉଁ ପ୍ଲାଣ୍ଟର ଫାଉଣ୍ଡେଶନ ଆମେ କଲେ ଏହା ବିଶ୍ୱର ମୋଷ୍ଟ ଆଡ୍‌ଭାନ୍ସ ଟେକ୍ନୋଲୋଜି ଭିତରେ ଏହାକୁ ଗଣାଯାଏ। ନିଶ୍ଚିତ ଭାବେ ଆମର ଭବିଷ୍ୟତ ସୁନ୍ଦର ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୨୬/୦୪/୨୦୨୬
୫,୫୬,୭୨୫/- ଟଙ୍କା
ସୁନା:-୦୯ଗ୍ରାମ୍୦୫୦ ମିଲିଗ୍ରାମ
ରୂପା:-ଶୂନ୍ୟ

# ଆଜି ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର



**ନୂଆଦିଲ୍ଲୀ,୨୬।୪**

ଗୋଟିଏ ପଟେ ଆମେରିକା ଏବଂ ଇରାନ ମଧ୍ୟରେ ଜାରି ଉତ୍ତେଜନା ଏବଂ ହର୍ମୁଜ୍ ପ୍ରଣାଳୀ ଉପରେ ଚାଲିଥିବା ବିବାଦ ଯୋଗୁଁ ସାରା ବିଶ୍ୱରେ ଉତ୍ତେଜନା ଜାରି ରହିଛି। ସେଭଳି ଏହା ଭିତରେ ଭାରତ ପାଇଁ ଏକ ଭଲ ଖବର ଆସିଛି। ଦୀର୍ଘ ଦିନର ଆଲୋଚନା ପରେ, ଭାରତ ଏବଂ ନ୍ୟୁଜିଲାଣ୍ଡ ସୋମବାର ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ଯାଉଛନ୍ତି। ଏହି ଚୁକ୍ତି ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ରଖିଛି। ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ସୋମବାର ସ୍ୱାକ୍ଷରିତ ହେବ। ୨୨ ଡିସେମ୍ବର ୨୦୨୫ରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଶେଷ ହେବା ପରେ ଏହି ଚୁକ୍ତିନାମା ହୋଇଛି। ଏହି ଏଫଟିଏ ଭାରତୀୟ କମ୍ପାନୀଗୁଡ଼ିକୁ ନ୍ୟୁଜିଲ୍ୟାଣ୍ଡରେ ଶୁଳ୍କମୁକ୍ତ ପ୍ରବେଶ ପ୍ରଦାନ କରିବ ଏବଂ ଆଗାମୀ ୧୫ ବର୍ଷ ମଧ୍ୟରେ ୨୦ ବିଲିୟନ ଡଲାର ନିବେଶ ଆକର୍ଷିତ କରିବ। ଦିଲ୍ଲୀର ଭାରତ ମଣ୍ଡପମରେ ଏଫଟିଏ ସ୍ୱାକ୍ଷରିତ ହେବ । ଏଥିରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ନ୍ୟୁଜିଲ୍ୟାଣ୍ଡର ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟଡ୍ ମ୍ୟାକଲେ ଯୋଗଦେବେ।

୨୦ ବିଲିୟନ ଡଲାର ନିବେଶ ଆସିବା ସହ ଏହା ଏଫଟିଏ ଜରିଆରେ ଭାରତୀୟ ବୃତ୍ତିଗତଙ୍କ ପାଇଁ ଅସ୍ଥାୟୀ ନିଯୁକ୍ତି ଭିସା ସୁବିଧା ବୃଦ୍ଧି କରାଯିବ। ସେଭଳି ଭାରତୀୟ ଔଷଧ ଏବଂ ଚିକିତ୍ସା ଉପକରଣର ରପ୍ତାନିକୁ ମଧ୍ୟ ସହଜ କରାଯିବ। ଅନ୍ୟପକ୍ଷରେ, ଯଦି ଆମେ ନ୍ୟୁଜିଲ୍ୟାଣ୍ଡ ବିଷୟରେ ଆଲୋଚନା କରିବା, ତେବେ ଭାରତ ଏହାର ପ୍ରାୟ ୯୫% ଉପରେ ଶୁଳ୍କ ହ୍ରାସ କରିବ କିମ୍ବା ସମାପ୍ତ କରିବ।

ଏହି ସାମଗ୍ରୀଗୁଡିକ ଭିତରେ ଉଲ୍, କୋଇଲା, ୱାଇନ୍, ଆଭୋକାଡୋ ଏବଂ ବ୍ଲୁବେରି ଭଳି ସାମଗ୍ରୀ ରହିଛି। ତଥାପି, ଭାରତ ଘରୋଇ ଚାଷୀ ଏବଂ କୃଷିଭିତ୍ତିକ ଶିଳ୍ପର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୁଗ୍ଧ, ଖାଦ୍ୟ ତେଲ ଏବଂ ପନିପରିବା ଭଳି ସାମଗ୍ରୀକୁ ଚୁକ୍ତିନାମାରୁ ବାଦ ଦେଉଛି। ରିପୋର୍ଟ ଅନୁଯାୟୀ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ଉଭୟ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସେମାନଙ୍କର ବାଣିଜ୍ୟକୁ ୫ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଭାରତୀୟ ରପ୍ତାନିକାରୀଙ୍କୁ ପ୍ରତିକୂଳ ପ୍ରଭାବିତ କରିଛି ଏବଂ ଏହି ସମୟରେ ଏଫଟିଏର ଖବର ସେମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଛି। ଏହି ଚୁକ୍ତିନାମା ଭାରତୀୟ ରପ୍ତାନିକାରୀଙ୍କୁ ଲାଭଦାୟକ କରିବ ଏବଂ ଓସେନିଆ ଅଞ୍ଚଳକୁ ବର୍ଦ୍ଧିତ ରପ୍ତାନିକୁ ସହଜ କରିବ। ଏହା ବ୍ୟତୀତ ଏହି ଚୁକ୍ତିନାମା ସେବା କ୍ଷେତ୍ରଠାରୁ କୃଷି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

**ଗଜପତିଙ୍କୁ ଖାତିର କଲାନି ଇସ୍କନ**

# ବିଦେଶରେ ଏକାଧିକ ସ୍ଥାନରେ କଲା ଅଦିନିଆ ରଥଯାତ୍ରା

**ଭୁବନେଶ୍ୱର, ୨୬/୦୪ ନ୍ୟୁଜ ବ୍ୟୁରୋ**

ପୁଣି ଇସ୍କନର ମନମାନି। ବିଦେଶରେ ଏକାଧିକ ସ୍ଥାନରେ କଲା ଅଦିନିଆ ରଥଯାତ୍ରା। ଗଜପତିଙ୍କ ବାରମ୍ବାର ଚିଠି ସତ୍ତ୍ୱେ ଇସ୍କନ ମାନୁନି କି ତିଳେ ହେଲେ ଖାତିର୍ କରୁନି। ଏପ୍ରିଲ ୧୧ରେ ହ୍ୟୁଷ୍ଟନରେ ରଥଯାତ୍ରା ଆୟୋଜନ କରିଥିଲା। ଟେକ୍ସାସ୍ ଓ ବ୍ରିସବେନରେ ମଧ୍ୟ ରଥଯାତ୍ରା କରିଛି। ଶୋଭାଯାତ୍ରାରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରଦର୍ଶିତ ଏକ କଳାକୃତିରେ ହାତ ପାପୁଲି ଓ ଆଙ୍ଗୁଠି କରାଯାଇଥିବା ଦେଖିବାକୁ ମିଳିଛି। ଯାହାକି କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ କ୍ଷୁବ୍ଧ କରିଛି।

ଜଗନ୍ନାଥ ସଂସ୍କୃତି ଅନୁଯାୟୀ, ମହାପ୍ରଭୁଙ୍କର ପାପୁଲି ବା ଆଙ୍ଗୁଠି ନାହିଁ। ସେ ତ ଅଧା ଗଢା ଠାକୁର। ମାତ୍ର ଇସ୍କନ ବିଦେଶରେ ଜଗନ୍ନାଥଙ୍କ ଭିନ୍ନ ଚିତ୍ର ପ୍ରଦର୍ଶନ କରୁଛି। ଯାହାକି ଶାସ୍ତ୍ର ବିରୋଧୀ। ଏହା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବନାକୁ ଆଘାତ ଦେଇଛି। ତେବେ ଏନେଇ ଇସ୍କନ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନି। ନିକଟରେ ଇସ୍କନକୁ ଚରମବାଣୀ ଶୁଣାଇଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଅଦିନିଆ ରଥଯାତ୍ରା ଆୟୋଜନ କଲେ ଆଇନର ଆଶ୍ରୟ ନିଆଯିବ ବୋଲି କହିଥିଲେ। ହେଲେ ଗଜପତିଙ୍କ ବାରମ୍ବାର ଚିଠି ସତ୍ତ୍ୱେ ଇସ୍କନ ମାନୁନି କି ତିଳେ ହେଲେ ଖାତିର୍ କରୁନି। ୨୦୨୬ ମସିହାରେ ଇସ୍କନ ବିଶ୍ୱର ୮୦ଟି ସ୍ଥାନରେ ରଥଯାତ୍ରା ଓ ୧୦ଟି ସ୍ଥାନରେ ସ୍ନାନଯାତ୍ରାର ଆୟୋଜନ ପାଇଁ ତାରିଖ ସ୍ଥିର କରିଛି।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅଣ୍ଡା ନଦେଇ ଫେରିଗଲେ ଅଲିଭ ରିଡ୍‌ଲେ

**କେନ୍ଦ୍ରାପଡା, ୨୬/୦୪**
**ନ୍ୟୁଜ ବ୍ୟୁରୋ**



ଚଳିତଥର ସାମୁହିକ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେଲେ ନାହିଁ ଅଲିଭ ରିଡ୍‌ଲେ କଇଁଛ। ଏପ୍ରିଲ ଶେଷ ସପ୍ତାହରେ ସମୁଦ୍ରକୁ ଲେଉଟୁଥିବା ଅଲିଭ ରିଡ୍‌ଲେଙ୍କ ସୂଚନା ଦେଇଛି ବନବିଭାଗ। ୧୯୯୭ ମସିହାରୁ ଅଲିଭ ରିଡ୍‌ଲେ କଇଁଛମାନଙ୍କ ପାଇଁ ଗହୀରମଥାକୁ ଅଭୟାରଣ୍ୟ ରୂପେ ଘୋଷଣା ପରେ ଦୀର୍ଘ ୨୯ ବର୍ଷ ମଧ୍ୟରେ ଏହା ତୃତୀୟ ଥର ପାଇଁ ହୋଇଛି। କଇଁଛମାନେ ସାମୁହିକ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ନହୋଇ ଫେରିଛନ୍ତି ବୋଲି କହିଛନ୍ତି ପରିବେଶବିତ୍।

ପ୍ରତିବର୍ଷ ଫେବ୍ରୁଆରୀ ମାସ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇଥାଏ ବିରଳ ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେଙ୍କ ସାମୁହିକ ଅଣ୍ଡାଦାନ ପ୍ରକ୍ରିୟା। ହେଲେ ଚଳିତବର୍ଷ ପ୍ରାୟ ଅଢେଇ ମାସ ବିତି ଯାଇଥିଲେ ମଧ୍ୟ କୌଣସି କଇଁଛ ସାମୁହିକ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ରାଜ୍ୟର ଋଷିକୁଲ୍ୟା, ଦେବୀ ଓ ଗହୀରମଥାରେ ଅଲିଭ ରିଡ୍‌ଲେ କଇଁଛମାନଙ୍କ ଆଗମନ ନଭେମ୍ବର ମାସରୁ ହୋଇଥିଲେ ମଧ୍ୟ ବିଶ୍ୱ ମାନଚିତ୍ରରେ ସ୍ଥାନିତ କେନ୍ଦ୍ରାପଡା ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଗହୀରମଥାରେ ଚଳିତବର୍ଷ ଅଲିଭ ରିଡ୍‌ଲେ କଇଁଛମାନଙ୍କର ସାମୁହିକ ଅଣ୍ଡାଦାନ ପ୍ରକ୍ରିୟା ବନ୍ଦ ହୋଇଛି।

ଦେବୀ ନଦୀ ମୁହାଣରୁ ଧାମରା ମୁହାଣ ମଧ୍ୟରେ ଥିବା ସମସ୍ତ ସାମୁଦ୍ରିକ ବେଳାଭୂମି ଯଥା ଅଗରନାସୀ, ଶିଆଳି, ବରୁଣେଇ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲ୍ଲା, ଜଗତସିଂହପୁର ଜିଲ୍ଲା ଓ ଭଦ୍ରକ ଜିଲ୍ଲାର ଉପକୂଳ ଅଞ୍ଚଳରେ ସ୍କୋରାଟିକ ନେଷ୍ଟିଂ ହେଉଥିବା ବେଳେ ଗହୀରମଥା ଅଧିନ ନାସୀ-୧, ନାସୀ-୨ ଓ ବାବୁବାଲିରେ ମାସ୍ ନେଷ୍ଟିଂ, ସାମୁହିକ ଅଣ୍ଡାଦାନ ବା ଆରିବାଡ଼ା କରିଥାନ୍ତି ଏହି ବିରଳ ଅଲିଭ ରିଡ୍‌ଲେ କଇଁଛ। ତେବେ ଚଳିତବର୍ଷ କିଛି ସ୍ଥାନରେ ଅଲିଭ ରିଡ୍‌ଲେ କଇଁଛମାନେ କୂଳକୁ ଆସିଥିବା ବେଳେ ସାମୁହିକ ଅଣ୍ଡାଦାନ ନକରିବା ଜଳବାୟୁ ପରିବର୍ତ୍ତନ ଯୋଗୁଁ ହୋଇଥାଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ରାଜନଗର ଅଞ୍ଚଳର ପରିବେଶବିତ ଜଗନ୍ନାଥ ଦାସ।

ଅନୁକୂଳ ପାଗ ଓ ପରିବେଶ ଅନୁଯାୟୀ ସ୍ଥଳ ବିଶେଷରେ ଗୋଟିଏ ଗୋଟିଏ କଇଁଛ ୧୦୦ରୁ ୧୫୦ଟି ଅଣ୍ଡା ଦେଉଥିବା ବେଳେ ଏହି ଅଣ୍ଡାରୁ ଶାବକ ବାହାରିବା ପାଇଁ ଦେଢ଼ ମାସରୁ ଦୁଇମାସ ସମୟ ଲାଗିଥାଏ। ୧୯୭୫ ମସିହାରେ ଅର୍ଥାତ ଭିତରକନିକାକୁ ଜାତୀୟ ଉଦ୍ୟାନ ମାନ୍ୟତା ମିଳିବା ପରେ ଗହୀରମଥା ଉପକୂଳରେ ବୁଲୁଥିବା ସମୟରେ କଇଁଛମାନଙ୍କ ଅଣ୍ଡାଦାନ ଦେଖିବାକୁ ମିଳିଥିଲା ଓ ପରେ ଏହାକୁ ଅଭୟାରଣ୍ୟ ଘୋଷଣା ସମ୍ପର୍କରେ ଅବଗତ କରାଇଥିଲା। ଅନ୍ୟପଟେ ବିରଳ ଅଲିଭ ରିଡ୍‌ଲେ କଇଁଛମାନେ ଗହୀରମଥାର ମସୃଣ ବାଲି ଯୋଗୁଁ ଏଠାକୁ ନିଜର ଅଣ୍ଡାଦାନ ପାଇଁ ଚିହ୍ନଟ କରିଥିବା କୁହନ୍ତି ପରିବେଶବିତ।

ତେବେ ଚଳିତବର୍ଷ ଅଣ୍ଡାଦାନ ବାଧାପ୍ରାପ୍ତ ସମ୍ପର୍କରେ ପରିବେଶବିତ ବିରଜା ପ୍ରସାଦ ପତି କୁହନ୍ତି, 'ଯଦି ଅଲିଭ ରିଡ୍‌ଲେ କଥା କୁହାଯାଏ ତେବେ ଆମେ ସେମାନଙ୍କ ସମ୍ପର୍କରେ ଖୁବ୍ କମ ଜାଣିଛେ। ସେମାନେ କୋଉଠୁ ଆସନ୍ତି, କୁଆଡେ ଯାଆନ୍ତି, ଖାଆନ୍ତି କ'ଣ, ଅଣ୍ଡାଦାନ କାହିଁକି କରିଲେ ନାହିଁ ସେ ସମ୍ପର୍କରେ ଆମର ଜ୍ଞାନ ବହୁତ କମ ଯାହା ସମ୍ପର୍କରେ ଆମେ ଅଧିକ ଜାଣିବା ପାଇଁ ଚେଷ୍ଟା ଜାରି ରଖିଛୁ। ଯେତିକି ଜଣା ଅଛି ଏହି ଅଲିଭ ରିଡ୍‌ଲେ କଇଁଛ ଏଠାରେ ଅଣ୍ଡାଦାନ କରିବା ପରେ ଶ୍ରୀଲଙ୍କାର ଉତ୍ତର ଓ ଅଷ୍ଟ୍ରେଲିଆର ତଳକୁ ଯାଇଥାନ୍ତି। କୁନି ଶାବକ କଇଁଛ ମଧ୍ୟ ସେଠାକୁ ଯାଇ ପ୍ରଜନନକ୍ଷମ ହେଲେ ପୁନଃ ଗହୀରମଥାକୁ ଆସିଥାନ୍ତି। ଅଲିଭ ରିଡ୍‌ଲେ କଇଁଛମାନେ ଉପଯୁକ୍ତ ପରିବେଶ ଓ ସୁରକ୍ଷା ଅନୁଭବ କଲେ ହିଁ ସାମୁହିକ ଅଣ୍ଡାଦାନ କରିଥାନ୍ତି।

ଆଉ ଯେପର୍ଯ୍ୟନ୍ତ ଏହି ଦୁଇଟି ନ ହୋଇଛି ସେମାନେ ଅଣ୍ଡା ନଦେଇ ଫେରି ଯାଇଥାନ୍ତି ଯାହା ଚଳିତବର୍ଷ ହୋଇଛି। ଯେଉଁ ଜାଗାରେ ସେମାନେ ଅଣ୍ଡା ଦେବେ ତାହା କେତେ ସୁରକ୍ଷିତ, ଅଣ୍ଡା ଦେଲେ ସେଥିରୁ ଶାବକ ବାହାରିବେ କି ନାହିଁ ସେମାନେ ଜାଣିପାରନ୍ତି। ଗହୀରମଥା ଯେହେତୁ ସମୁଦ୍ର ତଟବର୍ତ୍ତୀ ଏକ ଛୋଟିଆ ସ୍ଥାନ ଯାହାର ବେଳାଭୂମି ପ୍ରାକୃତିକ ବିପର୍ଯ୍ୟୟରେ ବାରମ୍ବାର ନଷ୍ଟ ହେଉଛି ଯାହାକୁ ନେଇ ଅଣ୍ଡାଦାନରେ ମଝିରେ ମଝିରେ ଅସୁବିଧା ହୁଏ ଓ ଚଳିତବର୍ଷ ଅଣ୍ଡାଦାନ ହୋଇନାହିଁ'।

ଚଳିତବର୍ଷ କେନ୍ଦ୍ର ବଜେଟ ୨୦୨୬-୨୭ରେ ଇକୋ ଟୁରିଜିମ୍‌କୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶା ସମେତ କର୍ଣ୍ଣାଟକ ଓ କେରଳର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରମୁଖ କଇଁଛ ଅଣ୍ଡାଦାନ ସ୍ଥଳୀର ଉନ୍ନତିକରଣ ସହ ସ୍ୱତନ୍ତ୍ର କଇଁଛ ପଥ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ବଜେଟରେ ଘୋଷଣା କରିଥିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଏହା ଦ୍ୱାରା ଅଲିଭ ରିଡ୍‌ଲେ କଇଁଛ ବସା ସ୍ଥାପନ ସ୍ଥାନଗୁଡିକୁ ସୁରକ୍ଷା ଦେବା ସହ ପର୍ଯ୍ୟଟକମାନଙ୍କ ପାଇଁ ପରିବେଶ ସଚେତନ ଅଭିଜ୍ଞତା ଦେବା ପାଇଁ ଡିଜାଇନ କରାଯାଇଛି। ଅଲିଭ ରିଡ୍‌ଲେ କଇଁଛ ପାଇଁ ଓଡ଼ିଶା ଉପକୂଳର ପରିବେଶ ବେଶ୍ ଅନୁକୂଳ। ଓଡ଼ିଶା ଉପକୂଳ ବିଶେଷ କରି କେନ୍ଦ୍ରାପଡା ଗହୀରମଥା ବେଳାଭୂମି ଓ ଗଞ୍ଜାମର ଋଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେ କଇଁଛଙ୍କ ପାଇଁ ବିଶ୍ୱର ସର୍ବବୃହତ ବ୍ୟବସ୍ଥା ରହିଛି। ଯେଉଁଠାରେ ୨୦୨୫ ମସିହାରେ ୬.୮୨ ଲକ୍ଷ କଇଁଛ ଅଣ୍ଡାଦାନ କରିଥିଲେ।

ଯଦିଓ ଗହୀରମଥା ବିଶ୍ୱର ସର୍ବବୃହତ ଅଣ୍ଡା ଦେବା ସ୍ଥାନ ଭାବେ ପରିଚିତ ଯେଉଁଠାରେ ସାଧାରଣ ଭାବରେ ନଭେମ୍ବରରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ପ୍ରାୟ ତିନି ମାସ ଧରି କଇଁଛଙ୍କ ମିଳନ ପର୍ବ ଜାରି ରହେ। ଏହା ପରେ ପାଖାପାଖି ଏପ୍ରିଲ ମାସ ପର୍ଯ୍ୟନ୍ତ ବେଳାଭୂମିରେ ଆରମ୍ଭ ହୋଇଥାଏ ଗଣ ଅଣ୍ଡାଦାନ ପ୍ରକ୍ରିୟା। ଭିତରକନିକା ଅଭୟାରଣ୍ୟ, ପୁରୀ ଜିଲ୍ଲା ଦେବୀ ନଦୀ ମୁହାଣ, ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ମଧ୍ୟ ପ୍ରତି ବର୍ଷ ଲକ୍ଷାଧିକ ସଂଖ୍ୟାରେ ଅଲିଭ ରିଡ୍‌ଲେ କଇଁଛ ଅଣ୍ଡା ଦେବାକୁ ଆସିଥାନ୍ତି । ବନବିଭାଗ ସୂଚନା ଅନୁଯାୟୀ ଗତବର୍ଷ ମାର୍ଚ୍ଚ ମାସ ୫ରୁ ୮ ତାରିଖ ମଧ୍ୟରେ ୪,୫୩,୨୩୬ଟି ଅଲିଭ ରିଡ୍‌ଲେ ସାମୁହିକ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇ ମେ' ମାସ ଶେଷ ଭାଗରେ ଗହୀରାମଥାରୁ ବିଦାୟ ନେଇଥିଲେ। ଏନେଇ ବନବିଭାଗ ଅଧିକାରୀ ମାନସ ରଞ୍ଜନ ଦାଶ ସୂଚନା ଦେଇ କହିଛନ୍ତି, 'ଚଳିତବର୍ଷ ଅଲିଭ ରିଡ୍‌ଲେ କଇଁଛମାନେ ଆସି ସମୁଦ୍ର କୂଳରେ ରହିଥିଲେ। ସମୁଦ୍ରରୁ ଆସୁଥିବା ଦକ୍ଷିଣା ପବନ ଓ ସମୁଦ୍ରକୂଳର ବାଲି ତତଲା ଥିଲେ କଇଁଛ ଅଣ୍ଡାଦାନ କରିଥାନ୍ତି। ତେବେ ଚଳିତବର୍ଷ କାହିଁକି ସାମୁହିକ ଅଣ୍ଡାଦାନ ହୋଇପାରିଲା ନାହିଁ ସେନେଇ ତର୍ଜମା କରାଯିବ ଓ ଏବେ ଅଲିଭ ରିଡ୍‌ଲେମାନେ ସମୁଦ୍ରକୁ ଯିବା ଆରମ୍ଭ କରିଥିବା କହିଛନ୍ତି।